

୧୨ ଡିସେମ୍ବରରେ
'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-121 ♦TUESDAY ♦28 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୧ ♦ମଙ୍ଗଳବାର ♦୨୮ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ଆନ୍ଧ୍ରରେ ପବନ; ଓଡ଼ିଶାକୁ ବର୍ଷା ଭୟ

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ମୋନ୍ଥା' ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍)ର ରୂପ ନେଇ ଉତ୍ତର-ପଶ୍ଚିମ ଦିଗରେ ଆନ୍ଧ୍ର ଉପକୂଳ ମୁହାଁ ହୋଇଛି। ଏହା ଆସନ୍ତାକାଲି (ମଙ୍ଗଳବାର) ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ କରିଛି।


ପାଣିପାଗ ବିଭାଗର ସୂଚନା ଅନୁସାରେ, 'ମୋନ୍ଥା' ଲ୍ୟାଣ୍ଡଫଲ୍ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି. ଓ ଝଟକା ୧୧୦ କିମି. ପର୍ଯ୍ୟନ୍ତ ରହିପାରେ। କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ମାଲକାନଗିରି ଜିଲ୍ଲା ଦେଇ ୨୮ ତାରିଖ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିବ। ଏହାପରେ ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତି କରିବ। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ଅଧିକ ପବନ ହେବାକୁ ଥିବା ବେଳେ ଓଡ଼ିଶାରେ ଏହାର ପ୍ରକୋପ କମ୍ ରହିବ। ତେବେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ୬୦ରୁ ୭୦ କିମି ବେଗରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି. ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହେବ। ମାଲକାନଗିରି ସମେତ କୋରାପୁଟ, ▶ପୃଷ୍ଠା-୯

**୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା**

**ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି**

**୩୨ଟି ଟ୍ରେନ୍ ବାତିଲ୍; ୨ଟିର ଗତିପଥ ପରିବର୍ତ୍ତନ**




## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା, ଖୋର୍ଦ୍ଧା ଓ ପୁରୀରେ ଛୁଟି**

**ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ**

■ **ଭୁବନେଶ୍ୱର, ୨୭ ।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି। ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ। ▶ପୃଷ୍ଠା-୯

## ମରାମତି କାର୍ଯ୍ୟ ବନ୍ଦ; କଳିଙ୍ଗା ଘାଟି ରାସ୍ତା ସିଲ୍



■ **ଜି.ଉଦୟଗିରି, ୨୭।୧୦(ସମିସ):** ଭୂସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହୋଇପାରି ନଥିବା ବେଳେ ଏବେ ପୁଣିଥରେ ବାତ୍ୟା ମୋନ୍ଥା ଯୋଗୁଁ ଭୟ ଦେଖାଦେଇଛି। ଅତ୍ୟଧିକ ବର୍ଷା ହେଲେ ପୁଣି ଭୂସ୍ଖଳନ ହୋଇ ରାସ୍ତା ଧୋଇନେବା ଡର ରହିଛି। ଅପରପକ୍ଷେ, ବାତ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମ ବନ୍ଦ କରାଯାଇଛି। ତିନି ଦିନ ପାଇଁ ଘାଟି ରାସ୍ତା ▶ପୃଷ୍ଠା-୯

## ଆଜିଠୁ ୧୨ ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ




**ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍ଆଇଆର୍**

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ କରିବାକୁ ନିର୍ବାଚନ କମିସନ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, ଉତ୍ତରପ୍ରଦେଶ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲାକ୍ଷାଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କରାଯିବ। ତେବେ ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ। ସେହିପରି ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏସ୍ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ କରାଯାଇ ନାହିଁ। ଆସାମ ପାଇଁ ସ୍ୱତନ୍ତ୍ର ନାଗରିକତା ଆଇନ ଥିବାରୁ ସେଠାରେ ପୃଥକ ଭାବେ ଏସ୍ଆଇଆର୍ କରାଯିବ। ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବ।

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ଏସ୍ଆଇଆର୍ ହେବାକୁ ଥିବା ଉପରୋକ୍ତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ। ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ▶ପୃଷ୍ଠା-୯

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଅସୁସ୍ଥ

**ଖାଦ୍ୟ ବିଷକ୍ରିୟାରୁ ପଦ୍ମିନୀଙ୍କ ଝିଆରୀ ମୃତ, ଅନ୍ୟ ଦୁଇ ଜଣ ଗୁରୁତର**

■ **କୋରାପୁଟ, ୨୭।୧୦ (ସମିସ):** ଫୁଡ୍ ପଏଜନ ହୋଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଅସୁସ୍ଥ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ପଦ୍ମିନୀଙ୍କ ସମ୍ପର୍କୀୟ ଝିଆରୀ ପାର୍ବତୀ ମାଝି(୫୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ପଦ୍ମିନୀଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।



ସୂଚନା ଅନୁଯାୟୀ, ଗତକାଲି ପଦ୍ମିନୀଙ୍କ ଘରେ ଭୋଜି ଥିଲା। ଏହି ସମୟରେ ସମସ୍ତେ 'ଆମଟ୍' ନାମକ ପାରମ୍ପରିକ ଖାଦ୍ୟ ଖାଇଥିବା କୁହାଯାଉଛି। ଏହି ଖାଦ୍ୟ ଖାଇବା ପରେ ସମସ୍ତେ ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପଦ୍ମିନୀଙ୍କ ଝିଆରୀ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଟପାଡ଼ ହସ୍ପିଟାଲରୁ ଜୟପୁର ହସ୍ପିଟାଲକୁ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପନିର୍ବାଚନ ହେବ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ଛୁଟିରେ ଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି। ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ତେବେ ଉପ ନିର୍ବାଚନ ପରି ଏକ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

## ହରଡ଼ଘଣାରେ ସରକାରୀ ବାବୁ

## ସମ୍ପତ୍ତି ତାଲିକା ଦେଲେ ନାହିଁ; ମିଳିବନି ପଦୋନ୍ନତି

**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ। ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି। ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା। ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଇଣ୍ଡିଆ ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ବନ୍ଦର ବିକାଶ ପାଇଁ ୫୦ ହଜାର କୋଟିର ଏମ୍‌ଓୟୁ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ। ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍



ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ▶ପୃଷ୍ଠା-୯







ସକାଳ
www.sakalaepaper.com

## ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କଲେ ସିଜେଆଇ ଗଭାଇ

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିଷ ଭୂଷଣ ରାମକୃଷ୍ଣ ଗଭାଇ ସୋମବାର କେନ୍ଦ୍ର ସରକାରଙ୍କୁ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଛନ୍ତି । ଏଥିସହ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଆଇନ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ମିଳିବା ପରେ ପରମ୍ପରା ଅନୁଯାୟୀ ସିଜେଆଇ ହିଁ ନିଜର ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିଥାନ୍ତି । ଏବେ ଦାୟିତ୍ୱରେ ଥିବା ପ୍ରଧାନ ବିଚାରପତି ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ । ତାଙ୍କପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ ଓ ୨୦୨୭ ଫେବୃଆରୀ ୯ରେ ଅବସର ନେବେ । ସେ ୧୪ ମାସ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ନିୟମ ଅନୁସାରେ ସୁପ୍ରିମକୋର୍ଟଙ୍କ ବିଚାରପତି ୬୫ ବର୍ଷ ବୟସରେ ହିଁ ଅବସର ଗ୍ରହଣ କରିଥାନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାର ପ୍ରଥମ ବିଚାରପତି ଭାବେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ । ପୂର୍ବର ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନିଜର ସ୍ମରଣୀୟ ରାୟ ପ୍ରଦାନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

## ବାଂଲାଦେଶ ନକ୍ସାରେ ଉତ୍ତରପୂର୍ବ ଭାରତ

ଢାକା, ୨୭ ।୧୦(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ପାକିସ୍ତାନ ସେନାର ଅନ୍ୟତମ ଜେନେରାଲ ସାହିର ସମସାଦ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାରରେ ପ୍ରଦାନ କରିଛନ୍ତି । ଏହି ମାନଚିତ୍ରରେ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ ବାଂଲାଦେଶ ନିଜର ଅଞ୍ଚଳ ବୋଲି ଦର୍ଶାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏହି ମାନଚିତ୍ରରେ ଆସାମ ସମେତ ଅନ୍ୟ ଉତ୍ତରପୂର୍ବର ରାଜ୍ୟଗୁଡ଼ିକୁ ବାଂଲାଦେଶରେ ସାମିଲ କରାଯାଇଥିବାର ଦେଖା ଯାଇଛି । ୟୁନୁସ ମିର୍ଜାଙ୍କୁ 'ଆର୍ଟ ଅଫ୍ ଟ୍ରମ୍ପ' ନାମକ ଏକ ବହିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ବହିର ପ୍ରଚ୍ଛଦରେ ବାଂଲାଦେଶର ବିବାଦୀୟ ମାନଚିତ୍ର ଦେଖିବାକୁ ମିଳିଛି । ବହିର କଭରରେ ଉତ୍ତରପୂର୍ବରୁ ୭ଟି ରାଜ୍ୟକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇଛି । ଏହାକୁ କଠୋରପନ୍ଥୀ ଇସ୍‌ଲାମିକ୍ ସଂଗଠନଗୁଡ଼ିକ ଗ୍ରେଟର ବାଂଲାଦେଶ ବୋଲି କହୁଛନ୍ତି ।

## ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କରିଛ କ'ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ରୋକିବା ପାଇଁ କି ପଦକ୍ଷେପ ନେଇଛ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ପଚାରିଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାର୍ଗଦର୍ଶିକାକୁ କିପରି ଭାବେ ପାଳନ କରାଯାଇଛି ତାହାର ସୂଚନା ଦେବା ପାଇଁ ରାଜ୍ୟ ଏବଂ କେନ୍ଦ୍ରମାନଙ୍କୁ ୮ ସପ୍ତାହ ସମୟ ଦେଇଛନ୍ତି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ । ଜୁଲାଇ ୨୫ରେ ସୁପ୍ରିମକୋର୍ଟ ୨ ମାସ ଭିତରେ ଘରୋଇ କୋଚିଂ କେନ୍ଦ୍ରର ପଞ୍ଜିକରଣ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଅଭିଯୋଗର ସମାଧାନ ପାଇଁ ନିୟମ ବନାଇବାକୁ କହିଥିଲେ ।

## ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୭ ।୧୦(ଏଜେନ୍ସି): ଅଯୋଧ୍ୟାରେ ଭଗବାନ ଶ୍ରୀରାମ ଜନ୍ମଭୂମୀ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ମୂର୍ତ୍ତି ସ୍ଥାପନ କରାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସୋମବାର ଘୋଷଣା କରିଛି । ମନ୍ଦିରରେ ଧ୍ୱଜଦଣ୍ଡ ସହ କଳସ ସ୍ଥାପନ କରାଯାଇଛି । ମୁଖ୍ୟ ମନ୍ଦିର ସମେତ ଭଗବାନ ଶିବ, ଗଣେଶ, ହନୁମାନ, ସୂର୍ଯ୍ୟଦେବ, ଦେବୀ ଭଗବତୀ, ଦେବୀ ଅର୍ଣ୍ଣପୂର୍ଣ୍ଣା ଓ ଶେଷ ଅବତାର ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସବୁ ପ୍ରତିମାଗୁଡ଼ିକୁ ମଧ୍ୟ ସ୍ଥାପନ କରାଯାଇଛି ।

## ପୁଣି ହାତକଡ଼ି ପିନ୍ଧାଇ ୫୦ ଭାରତୀୟଙ୍କୁ ବିଦାକଲା ଆମେରିକା

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ଆମେରିକାରୁ ପୁଣିଥରେ ଅପଦସ୍ଥ କରାଇ ପ୍ରବାସୀ ଭାରତୀୟଙ୍କୁ ପ୍ରତ୍ୟର୍ପଣ । ଶନିବାର ବିଳମ୍ବିତ ରାତିରେ ପ୍ରବାସୀଙ୍କୁ ନେଇ ଏକ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିଥିଲା । ଏମାନଙ୍କ ହାତରେ ହାତକଡ଼ି ପଡ଼ିଥିଲା । ପ୍ରତ୍ୟର୍ପଣ ହୋଇଥିବା ୫୦ଜଣ ଭାରତୀୟଙ୍କ ମଧ୍ୟରେ କେବଳ ୩୫ ଜଣ ହରିୟାଣାର ଥିଲେ । ବିମାନରେ ଦୀର୍ଘ ୨୫ ଘଣ୍ଟା ଧରି ସେମାନଙ୍କ ହାତରେ ହାତକଡ଼ି ଥିଲା । ଏହି ୩୫ଜଣଙ୍କ ମଧ୍ୟରୁ ହରିୟାଣା କର୍ଣ୍ଣାଲ୍‌ର ୧୬, କଇଥାଲର ୧୪ ଓ କୁରୁକ୍ଷେତ୍ରର ୫ ଜଣ ସାମିଲ ରହିଛନ୍ତି । ସମସ୍ତଙ୍କୁ ନିଜ ଜିଲ୍ଲାକୁ ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏମାନେ ସମସ୍ତେ ଡଙ୍କି ରୁଟ୍ ଅର୍ଥାତ ଅବୈଧ ଭାବେ ପ୍ରବେଶ କରି ଆମେରିକାରେ ରହୁଥିଲେ ବୋଲି କଇଥାଲ ଡିଏସ୍‌ପି ଲଳିତ କୁମାର କହିଛନ୍ତି । ଏମାନଙ୍କ ବୟସ ୨୫ରୁ ୪୦ ବର୍ଷ ବୋଲି କୁହାଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏମାନେ ରୋଜଗାର ତଥା ଚାକିରି ପାଇଁ ଆମେରିକା ଯାଇଥିଲେ । କିନ୍ତୁ ଶେଷରେ ଏମାନଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ବେରୋଜଗାର ଥିବାରୁ ଭାରତୀୟ ଯୁବକମାନେ ଉପାର୍ଜନ କରିବା ଲକ୍ଷ୍ୟରେ ବିଦେଶ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବିଦେଶରେ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ସହ ଅପଦସ୍ତ ତଥା ଅପମାନିତ ହେବାକୁ ପଡୁଛି । ପୂର୍ବରୁ ମଧ ଆମେରିକା



ପଞ୍ଜାବ, ହରିୟାଣା, ଗୁଜରାଟର ଅବୈଧ ପ୍ରବାସୀଙ୍କୁ ପର୍ଯ୍ୟାୟକ୍ରମେ ଭାରତକୁ ପ୍ରତ୍ୟର୍ପଣ କରିଥିଲା । ଏହାକୁ ନେଇ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ନିନ୍ଦା କରାଯାଇଥିଲା । ଏ ନେଇ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା ।

## ବିଶ୍ୱରେ ପ୍ରଥମ: ରୁଷ କ୍ରୁଜ୍ କ୍ଷେପଣାସ୍ତ୍ରକୁ ରୋକିପାରିବନି କୌଣସି ଡିଫେନ୍ସ ସିଷ୍ଟମ

ମସ୍କୋ, ୨୭ ।୧୦(ଏଜେନ୍ସି): ବିଶ୍ୱରେ ପ୍ରଥମଥର ପାଇଁ ରୁଷିଆ ପରମାଣୁ ଶକ୍ତି ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରର ନାମ ବୁରେଭେଷ୍ଟିନିକ୍-୯ଏମ୍୭୩୯ ରଖାଯାଇଛି । ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ଅସୀମ ବୋଲି କୁହାଯାଇଛି । ଏହାର ସବୁ ପରୀକ୍ଷା କରାଯାଇ ସାରିଛି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରବିବାର ଭିଡିଓ କନଫରେନ୍ସରେ କହିଛନ୍ତି । ଏଭଳି କ୍ଷେପଣାସ୍ତ୍ର ବିଶ୍ୱରେ କୌଣସି ଦେଶ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଥମ ଏଭଳି ଅସ୍ତ୍ର ତିଆରି କରିବା ଅସମ୍ଭବ ବୋଲି ବିଶେଷଜ୍ଞମାନେ କହୁଥିଲେ । କିନ୍ତୁ ଏବେ ଏହା ସତରେ ପରିଣତ ହୋଇଛି । ଅକ୍ଟୋବର ୨୧ରେ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିଲା ବୋଲି ରୁଷ ସେନା ମୁଖ୍ୟ ଭେଲେରି ଗେରେସିମୋଭ କହିଛନ୍ତି । ପରୀକ୍ଷା ଅବସରରେ ଏହି କ୍ଷେପଣାସ୍ତ୍ର ଦୀର୍ଘ ୧୫ ଘଣ୍ଟାର ଉଡାଣ ଭରିଥିଲା । ଏହି ଅବସରରେ ମିସାଇଲ ୧୪ ହଜାର କିମି ଦୂର ଯାତ୍ରା କରିଥିଲା ।



ତେବେ ଏହା ତା'ର ସର୍ବାଧିକ ଲକ୍ଷ୍ୟଭେଦ କ୍ଷମତା ନୁହଁ । ଏହି କ୍ଷେପଣାସ୍ତ୍ର ୧୪ ହଜାର କିମିରୁ ଅଧିକ ଦୂର ଯାତ୍ରା କରିପାରିବ । ଅର୍ଥାତ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାଇ ଟାର୍ଗେଟ୍‌କୁ ମାଡ଼ କରିପାରିବ । ଏହା ଘଣ୍ଟାକୁ ୧୩୦୦ କିମି ବେଗରେ ଗତି କରିବ । ବୁରେଭେସ୍ତେନିକ ମିସାଇଲ୍‌କୁ କୌଣସି ଡିଫେନ୍ସ ସିଷ୍ଟମ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି । ଏହି ମିସାଇଲ ଦ୍ୱାରା ରୁଷିଆ ଆମେରିକା ସମେତ ବିଶ୍ୱର ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ଏହି ମିସାଇଲ୍‌ର ଏକ ସ୍ୱତନ୍ତ୍ରତା ରହିଛି । ସାଧାରଣ ବାଲାଷ୍ଟିକ୍ ମିସାଇଲ୍ ଅନ୍ତରିକ୍ଷରେ ପୂର୍ବରୁ ନିଶ୍ଚିତ କରାଯାଇଥିବା ପଥ ଦେଇ ଗତି କରିଥାଏ । କିନ୍ତୁ ଏହି ମିସାଇଲ୍ ଭୂମିଠାରୁ ୫୦- ୧୦୦ ମିଟର ଉଚ୍ଚରେ ଯାତ୍ରା କରିବ ଓ ଗତିପଥ ପରିବର୍ତ୍ତନ କରିପାରିବ । ତେଣୁ ଏହାକୁ ଟ୍ରେସ୍ କରି ନିଷ୍କ୍ରିୟ କରିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଇଛି ।

### ସୁପ୍ରିମକୋର୍ଟରେ ବୁଲାକୁକୁର ମାମଲା

## ସତ୍ୟପାଠ ଦେଉନାହାନ୍ତି ରାଜ୍ୟ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ଅଗଷ୍ଟରେ ଦିଆଯାଇଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡ଼ିକୁ ଭର୍ତ୍ସନା କରିଛନ୍ତି । ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରି ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବାରୁ ସାରା ଦେଶରେ କୁକୁର କାମୁଡ଼ା ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହା ଅତ୍ୟନ୍ତ ବିରକ୍ତି କର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଥିବା ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି । ପଶୁଙ୍କ ଜନ୍ମ ନିୟନ୍ତ୍ରଣ (ଏବିସି)କୁ ନେଇ କି ପଦକ୍ଷେପ ନିଆଯାଇଛି ତାହା ଉପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

### ସୁପ୍ରିମକୋର୍ଟ କ୍ଷୁବ୍ଧ; ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ହାଜିରା ନିର୍ଦ୍ଦେଶ

ନିଜ ଆଡୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ, ସଞ୍ଜୀବ ମେହେଟ୍ଟା ଏବଂ ଏନ. ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଗତ କିଛି ଦିନ ହେଲା ଦେଶରେ ଘଟିଥିବା କୁକୁର କାମୁଡ଼ା ଘଟଣାର ଉଦାହରଣ ଦେଇଥିଲେ । ମହାରାଷ୍ଟ୍ର, କେରଳ, ତେଲଙ୍ଗାନାରେ ଘଟଣା ବିଷୟରେ ଉଲ୍ଲେଖ କରି ରାଜ୍ୟ ସରକାରଗୁଡ଼ିକ ନିୟମ ପାଳନ କରୁ ନ ଥିବାରୁ କଠୋର ଭାଷାରେ ସମାଲୋଚନା କରିଥିଲେ । ଖଣ୍ଡପୀଠ କହିଥିଲେ ଯେ କୁକୁର କାମୁଡ଼ା ଜନିତ ଘଟଣା ବିଦେଶରେ ଦେଶର ଛବିକୁ ଖରାପ କରୁଛି । କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତି ଯାଇଥିଲେ ବି ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ । ଏହାର କାରଣ ଦର୍ଶାଇବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ । ଖବର କାଗଜ ପଢୁଛନ୍ତି କି ନାହିଁ ବୋଲି ପଚାରି ଥିଲେ । ଏହା ପରେ ଆସନ୍ତା ସୋମବାର ୧୦ଟା୩୦ରେ ବ୍ୟକ୍ତିଗତ ଭାବେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ନିର୍ଦ୍ଦେଶ ନ ମାନିବେ ତେବେ ଜୋରିମାନା



ସହିତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ।

ଖଣ୍ଡପୀଠ କହିଥିଲେ ଯେ ଦିଲ୍ଲୀ ପୌରପାଳିକା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡି ଆଉ କୌଣସି ରାଜ୍ୟ ସତ୍ୟପାଠ ଦାଖଲ କରିନାହାନ୍ତି । ଦିଲ୍ଲୀ ସରକାର ମଧ ସତ୍ୟପାଠ ଦାଖଲ କରିବାକୁ ବିଫଳ ହୋଇଛନ୍ତି । ଅନେକ ରାଜ୍ୟ ନିୟମ ପାଳନ କରିନାହାନ୍ତି । ଏପରିକି କୋର୍ଟରେ ରାଜ୍ୟମାନଙ୍କ ପ୍ରତିନିଧି ମଧ ଉପସ୍ଥିତ ନ ଥିଲେ ।

## ବିନା ଚାକିରିରେ ୩୮ ଲକ୍ଷ ଦରମା ପାଇଛନ୍ତି ପତ୍ନୀ

ଜୟପୁର, ୨୭।୧୦ (ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମନାକୁ ଆସିଛି । ଆଜିର ଦୁନିଆରେ କାମ ନ କଲେ କେହି ଟଙ୍କାଟିଏ ଦେବାକୁ କୁଣ୍ଠା ହେଉଥିବାବେଳେ ଜଣେ ମହିଳା ବିନା ଚାକିରିରରେ ୩୭.୫୪ ଲକ୍ଷ ଟଙ୍କା ଦରମା



ପାଇଛନ୍ତି । ଦିନଟେ ଅଫିସ ନ ଯାଇ ଏହି ମହିଳା ଗୋଟିଏ ନୁହେଁ, ଦୁଇ ଦୁଇଟି କମ୍ପାନୀରୁ ଦରମା ପାଇଛନ୍ତି । ମାସେ କି ଦୁଇ ମାସେ ନୁହେଁ, ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ଦରମା ଆସିଛି । ଏହା କେବଳ ମହିଳାଙ୍କ ସରକାରୀ ଚାକିରିଆ ସ୍ୱାମୀଙ୍କ ପାଇଁ ସମ୍ଭବ ହୋଇପାରିଛି । ଦିନେ ଅଫିସ ନ ଯାଇ ରାଜସ୍ଥାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦୀକ୍ଷିତଙ୍କ ପତ୍ନୀ ପୁନମ ଦୀକ୍ଷିତ ୩୭.୫୪ ଲକ୍ଷ ଟଙ୍କା ଦରମା ପାଇଛନ୍ତି । ରାଜସ୍ଥାନ ହାଇକୋର୍ଟରେ ଏ ନେଇ ଏକ ଆବେଦନ ଦାଏର ହେବା ପରେ ମାମଲା ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ ପ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କୁ ବେଆଇନ ଭାବେ ଦୁଇ

### ସରକାରୀ ଚାକିରିଆ ସ୍ୱାମୀଙ୍କ କମାଲ

କମ୍ପାନୀ ଓରିଅନପ୍ରୋ ସଲ୍ୟୁସନ ଏବଂ ଟ୍ରିଗ୍ରୀନ ସଫ୍ଟୱାର ଲିମିଟେଡ ଖାଲି କାଗଜପତ୍ରରେ ପୁନମଙ୍କୁ ନିଜ କର୍ମଚାରୀ ଦେଖାଇ ଥିଲେ । ସରକାରୀ ଟେଣ୍ଡର ପାଇବାରେ ଯୁଗ୍ମ ନିର୍ଦ୍ଦେଶକ ସହାୟତା କରିଥିବାରୁ ତାଙ୍କ ପତ୍ନୀଙ୍କ ପ୍ରତି ଏହି ଦୁଇ କମ୍ପାନୀ ଏଭଳି ଅନୁକମ୍ପା ଦେଖାଇ ଥିଲେ । ତେବେ ଏ ସବୁ ଯୁଗ୍ମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ହୋଇଥିଲା । ଗତ ବର୍ଷ ସେପ୍ଟେମ୍ବର ୬ ତାରିଖରେ ରାଜସ୍ଥାନ ହାଇକୋର୍ଟ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଗତ ଜୁଲାଇ ୩ ତାରିଖରେ ଆଣ୍ଟି-କରପସନ ବ୍ୟୁରୋ (ଏସିବି) ଏହାର ତଦନ୍ତ ଆରମ୍ଭ କରିଥିଲା ।

ଯାଞ୍ଚରୁ ଜଣାପଡ଼ିଥିଲା ଯେ ଟେଣ୍ଡର ପାସ୍ କରିବା ବଦଳରେ ପତ୍ନୀଙ୍କୁ ମାସିକିଆ ଦରମା ପ୍ରଦାନ କରିବା ପାଇଁ ପ୍ରଦ୍ୟୁମ୍ନ ଦୁଇ କମ୍ପାନୀଙ୍କୁ କହିଥିଲେ । ୨୦୧୯ ଜାନୁଆରୀରୁ ୨୦୨୦ ସେପ୍ଟେମ୍ବର ମଧ୍ୟରେ ପୁନମଙ୍କ ୫ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ୩୭, ୫୪, ୪୦୫ ଟଙ୍କା ପଠା ଯାଇଥିଲା । ଏହି ଲାଞ୍ଚକୁ ଦରମା ଭାବେ ଦେଖା ଯାଇଥିଲା । ଏହି ଅବଧିରେ ମଧ୍ୟରେ ପୁନମ ଥରଟିଏ ବି କୌଣସି ଅଫିସକୁ କାମ କରିବାକୁ ଯାଇ ନ ଥିଲେ । ପତ୍ନୀଙ୍କ ପାଇଁ ସ୍ୱାମୀ ନିଜେ ଜାଲ୍ ଉପସ୍ଥାନ ଦେଉଥିଲେ । ପୁନମ ଏକାଥରକେ ଦୁଇ କମ୍ପାନୀରୁ ଦରମା ପାଉଥିଲେ । ଏହି ଅବଧିରେ ଉଭୟ କମ୍ପାନୀ ସରକାରୀ ଟେଣ୍ଡର ହାସଲ କରିଥିଲେ ।

## ଭଉଣୀଙ୍କ ଅଶ୍ଳୀଳ ଏଆଇ ଫଟୋ, ଭିଡିଓ ଦେଖାଇ ବ୍ଲାକ୍‌ମେଲ

## ଆତ୍ମହତ୍ୟା କଲେ କଲେଜ ଛାତ୍ର

ଫରିଦାବାଦ୍, ୨୭ ।୧୦(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରୁ ଏକ ବିଚଳିତ କଲା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲ କରାଯିବା ପରେ ବିଚଳିତ ହୋଇ ଜଣେ ୧୯ ବର୍ଷୀୟ କଲେଜ



ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏହି ଛାତ୍ର ହେଉଛନ୍ତି ରାହୁଲ ଭାରତୀ । ଅଭିଯୁକ୍ତମାନେ ବ୍ଲାକମେଲ କରି ରାହୁଲଙ୍କୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ । ରାହୁଲ ଡିଏଭି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ର । ଭଉଣୀଙ୍କ ଏଆଇ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଛାଡି ଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଆସୁଥିଲେ । ଫଳରେ ସେ ସଫାସ ପେଷ୍ଟିସାଇଡ୍ ଟାବଲେଟ୍ ଖାଇ ଆତ୍ମହତ୍ୟା କରିଥିଲେ । ରାହୁଲ ନିଜ ଭଉଣୀ ଓ ପରିବାର ସହ ଫରିଦାବାଦ୍‌ର ବାସେଲୱା କଲୋନୀରେ ରହୁଥିଲେ । ଏହି ମାମଲାରେ ଦୁଇଜଣଙ୍କୁ ଗିରଫ୍ କରି ପୁଲିସ ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରେ ରାହୁଲଙ୍କ ଜଣେ ବନ୍ଧୁ ମଧ ରହିଛନ୍ତି । ଦୁଇ ସପ୍ତାହ ତଳେ ଅଭିଯୁକ୍ତମାନେ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ । ରାହୁଲଙ୍କ ମୋବାଇଲ ଫୋନ୍‌କୁ ହ୍ୟାକ କରାଯିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିଲା ବୋଲି ତାଙ୍କ ବାପା ମନୋଜ ପୁଲିସକୁ କହିଛନ୍ତି ।

## ୟୁପିଏସ୍‌ସି ଛାତ୍ରଙ୍କୁ ମାରିଥିଲେ ଲିଭ୍ ଇନ୍ ପାର୍ଟନର





ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦିଲ୍ଲୀ ଗାନ୍ଧୀ ବିହାର ଅଞ୍ଚଳରେ ଅକ୍ଟୋବର ୬ରେ ଏକ ପୋଡ଼ା ମୃତଦେହ ଉଦ୍ଧାର କରାଯିବାର ରହସ୍ୟ ଉନ୍ମୋଚନ ହୋଇଛି । ହତ୍ୟାର ଶିକାର ହୋଇଥିବା ଯୁବକ ହେଉଛନ୍ତି ରାମକେଶ ମିନା । ସେ ୟୁପିଏସ୍‌ସି ଆଶୟୀ ଥିଲେ । ଏଥିପାଇଁ ପ୍ରସ୍ତୁତି କରୁଥିଲେ । ରାମକେଶଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ୨୧ ବର୍ଷୀୟା ଅମୃତା ଚୌହାନ ହତ୍ୟା କରିଥିଲେ । ସେ ନିଜର ପୂର୍ବତନ ପ୍ରେମିକ ଓ ତାଙ୍କ ବନ୍ଧୁମାନଙ୍କ ସହ ମିଶି ଏଭଳି ଜଘନ୍ୟ କାଣ୍ଡ କରିଥିଲେ । ପ୍ରଥମେ ତାଙ୍କ ତଣ୍ଟି ଚିପି ମାରି ଥିଲେ । ଏହା ପରେ ମୃତଦେହ ଉପରେ ଘିଅ ଓ ମଦ ଢ଼ାଳି ଜଳାଇ ଦେଇଥିଲେ । ପୁଲିସ ଅମୃତା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ଅମୃତା ଫରେନସିକ ସାଇନ୍ସର ଛାତ୍ରୀ । ଗତ ମେ ମାସରୁ ଦୁହେଁ ଲିଭ୍ ଇନ୍‌ରେ ରହିଥିଲେ । ରାମେକଶଙ୍କ ପାଖରେ ଅମୃତାଙ୍କର ଅଶ୍ଳୀଳ ଭିଡିଓ ଥିଲା । ବାରମ୍ବାର କହିବା ପରେ ମଧ ସେ ତାଙ୍କ ଭିଡିଓ ଡିଲିଟ୍ କରି ନ ଥିଲେ । ଫଳରେ ଅମୃତା ଚିନ୍ତିତ ହୋଇ ପଡିଥିଲେ । ଶେଷରେ ପୂର୍ବତନ ପ୍ରେମିକ ସୁମିତଙ୍କ ସହ ସେ ରାମକେଶଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ସୁମିତ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଥିଲେ । ସେ ଗ୍ୟାସ ସିଲିଣ୍ଡରେ ନିଆଁ ଲଗାଇ ବିସ୍ଫୋରଣ ଘଟାଇ ଥିଲେ ।

## ଚାଷୀଙ୍କୁ ପିଟିପିଟି ମାରିଲେ; ଥର୍ ଚଢ଼ାଇଦେଲେ ବିଜେପି ନେତା

ଭୋପାଳ, ୨୭।୧୦ (ଏଜେନ୍ସି): ମଧ୍ୟପ୍ରଦେଶରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । କ୍ଷମତା ଏବଂ ଅର୍ଥ ବଳରେ ମଦମତ୍ତ ଥିବା ଜଣେ ବିଜେପି ନେତା ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ଗଣେଶପୁରା ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୁର୍ଦ୍ଦାନ୍ତ ଖଳନାୟକ ଚରିତ୍ରଠାରୁ ବି ସେ ଅଧିକ ନିର୍ଦ୍ଦୟୀ ଏବଂ ନୃଶଂସ ପାଲଟି ଯାଇଛନ୍ତି । ଫିଲ୍ମ ଶୈଳୀରେ ଜଣେ ଚାଷୀ ରାମସ୍ୱରୂପଙ୍କୁ ନିଜ ଗୁଣ୍ଡାଙ୍କ ସହ ଘେରି ପ୍ରବଳ ମାଡ଼ ମାରିଛନ୍ତି । ହାତ ମଧ ଭାଙ୍ଗି ଦେଇଛନ୍ତି । ଏତିକିରେ ନିର୍ଦ୍ଦୟୀଙ୍କ କ୍ଷୁଧା ମେଣ୍ଟିଲାନି ଯେ ଚାଷୀଙ୍କ ଉପରେ ଥାର ଗାଡ଼ି ଚଢ଼ାଇ ଦେଇଛନ୍ତି । ବାପା ମାଡ଼ ଖାଉଥିବା ଦେଖି ଦୁଇ ଝିଅ ଏବଂ ପତ୍ନୀ ଛଡ଼ାଇବାକୁ ଆସିଥିଲା । ମାତ୍ର ବିଜେପି ବୁଥ୍ କମିଟିର ଅଧ୍ୟକ୍ଷ ମହେନ୍ଦ୍ର ନାଗର ଏବଂ ତାଙ୍କ ଚାମ୍‌ଚାମାନେ ଚାରିପଟୁ ଘେରି ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଝିଅ ନେହୁରା ହେଉଥିବା ମାଆ ଏବଂ ଝିଅଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ । ଯୌନ ନିର୍ଯାତନା ମଧ ଦେଇଥିଲେ । ଏପରିକି ଝିଅମାନଙ୍କ ପୋଷାକ ଚିରି ଦେଇଥିଲେ । ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଫାଙ୍କା ଗୁଳି ଚାଳନା ମଧ କରିଥିଲେ । ବନ୍ଧୁକ ଦେଖି କୌଣସି ଗ୍ରାମବାସୀ ଏହି ଗରିବ ଚାଷୀଙ୍କ ପରିବାରକୁ ବିଜେପି ନେତାଙ୍କ କବଳରୁ ଛଡ଼ାଇବାକୁ ଆସି ନ ଥିଲେ । ଯିଏ ଆସିବ ତାକୁ ଗୁଳି କରିଦେବେ ବୋଲି ବିଜେପି ନେତା ଧମକ ଦେଇଥିଲେ । ଶେଷରେ ଅଧମରା କରି ଚାଲି ଯାଇଥିଲେ । କିନ୍ତୁ ଚାଷୀଙ୍କ ପ୍ରତି କେହି ଦୟା ଦେଖାଇ ମେଡିକାଲ ନେଲେ ମାରିଦେବେ ବୋଲି କହିଥିଲେ । ତେଣୁ ଲୋକେ ସବୁ ଦେଖି ବି କିଛି କରି ନ ଥିଲେ । ଏମିତିକି ଅଧମରା ଅବସ୍ଥାରେ ଚାଷୀ ପଡ଼ିଥିବାବେଳେ ବିଜେପି ନେତାଙ୍କ ଗୁଣ୍ଡା ତାଙ୍କୁ ଜଗି ରହିଥିଲେ । ଚାଷୀଙ୍କୁ ମେଡିକାଲ ନେବାକୁ ବି ଅନୁମତି ଦେଇ ନ ଥିଲେ । ଶେଷରେ ଚିକିତ୍ସା ନ ପାଇ ଚାଷୀ ପଡ଼ି ପଡ଼ି ପ୍ରାଣ ହରାଇ ଥିଲେ ।

ଜମି ବିବାଦ ପାଇଁ ବିଜେପି ନେତା ଏଭଳି ଜଘନ୍ୟ କାଣ୍ଡ କରିଛନ୍ତି । ଦୀର୍ଘ ଦିନ ହେଲା ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରରେ ଆଇନ ଶୃଙ୍ଖଳା ସ୍ଥିତି କେମିତି ରହିଛି ଏହା ତାହାର କରୁଣ ଉଦାହରଣ । ଗତ ରବିବାର ଦ୍ୱିପହରେ ରାଜଧାନୀ ଭୋପାଳଠାରୁ ମାତ୍ର ୨୦୦ କିମି ଦୂରରେ ଏଭଳି ଘଟଣା ଘଟିଥିଲା । ଏହି ଅଞ୍ଚଳ ଫତେଗଡ଼ ଥାନା ଅଧିନରେ ଆସୁଛି । କିନ୍ତୁ ବିଜେପି ନେତା ମହେନ୍ଦ୍ରଙ୍କ ଭୟରେ ସ୍ଥାନୀୟ ପୁଲିସ ବି ମାମଲାରେ ହସ୍ତକ୍ଷେପ କରି ନ ଥିଲା । ଚାଷୀଙ୍କ ଝିଅ କାନ୍ଦି କାନ୍ଦି କହିଛନ୍ତି ଯେ ମାଆ ଏବଂ ବାପା କ୍ଷେତକୁ ଯାଉଥିବା ସମୟରେ ମହେନ୍ଦ୍ର, ହରିଶ ଏବଂ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ବି ଅପରାଧୀଙ୍କ ବନ୍ଧୁକ ଦେଖି କେହି ସହାୟତା ପାଇଁ ଆସି ନ ଥିଲେ । ବଞ୍ଚାଇବାକୁ ଯିବାରୁ ମୋତେ ତଳେ ପକାଇ ଦେଇଥିଲେ । ପୋଷାକ ଚିରି ଧମକାଇ ଥିଲେ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାମସ୍ୱରୂପଙ୍କ କ୍ଷତାକ୍ତ ଶରୀର ଗାଁରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକ କହିଛନ୍ତି ଯେ ଅଭିଯୁକ୍ତ ଏବଂ ତାଙ୍କ ଲୋକମାନେ ଆହତଙ୍କୁ ଡାକ୍ତରଖାନା ନ ନେବା ପାଇଁ କହିଥିଲେ । ସେମାନେ ଗଲା ପରେ ଚାଷୀଙ୍କୁ ଗୁନା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ କହିଛନ୍ତି ଯେ ମହେନ୍ଦ୍ର ନାଗର ନାମ ଶୁଣିଲେ ଲୋକେ ଭୟ କରୁଛନ୍ତି । କେହି ତାଙ୍କ ବିରୋଧରେ କହିବାକୁ ସାହସ କରନ୍ତି ନାହିଁ । ସେ ବର୍ଷ ବର୍ଷ ଧରି ଅନ୍ୟମାନଙ୍କ ଜମି ହଡ଼ପ କରିଆସୁଛନ୍ତି । ମହେନ୍ଦ୍ର ଭୟରେ ୨୫ ଜଣ ଚାଷୀ ନିଜ ଚାଷ ଜମିକୁ



କମ୍‌ଦାମରେ ବିକ୍ରି କରି ଗାଁ ଛାଡ଼ି ପଳାଇଛନ୍ତି । ଏହାକୁ ପ୍ରତିବାଦ କଲେ ମାଡ଼ ମରାଯାଏ କିମ୍ବା ଗାଁରୁ ବାହାର କରିଦିଆଯାଏ । କିନ୍ତୁ ରାମସ୍ୱରୂପ ମୁଣ୍ଡ ନୁଆଁଇବାକୁ ମନା କରିଦେଇଥିଲେ । ଏହା ନ ମାନିବାରୁ ତାଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା । ରାଜସ୍ଥାନର ପଚଲାୱାଡାରେ ଛଅ ବିଘା ଜମିକୁ ନେଇ ବିବାଦ କେନ୍ଦ୍ରିତ ଥିଲା ।

ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଧାରା ଅନୁଯାୟୀ ମହେନ୍ଦ୍ର ନଗର, ଜିତେନ୍ଦ୍ର ନଗର ଏବଂ ସେମାନଙ୍କ ପରିବାରର ତିନି ଜଣ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି । ରାଜସ୍ଥାନ ଫଚତାୱାଡାର ୬ ବିଘା ଜମିକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା । ଅନ୍ୟପଟେ ମହେନ୍ଦ୍ର ଦଳର କାର୍ଯ୍ୟକର୍ତ୍ତା ବୋଲି ଜିଲ୍ଲା ବିଜେପି ଅଧ୍ୟକ୍ଷ ଧର୍ମେନ୍ଦ୍ର ସିକାରୱାର ସ୍ୱୀକାର କରିଛନ୍ତି । ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ସେ କହିଛନ୍ତି । କିନ୍ତୁ ଏ ନେଇ ମହେନ୍ଦ୍ରଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ତିନି ସପ୍ତାହରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

କଟକ, ୨୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମିରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଲାଗି ରହିଛି । ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ଲୋଡ଼ିଥିବା ବେଳେ ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ ।

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେହିଭଳି ସରକାରଙ୍କ ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି । ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ ୧୯ ପରଠାରୁ ଅଚଳ ହୋଇପଡ଼ିଛି । ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା । ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

■ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରସଙ୍ଗ

## ହାଇକୋର୍ଟରେ ଏଜିଙ୍କ ଜବାବ ଦାଖଲ

କଟକ, ୨୭।୧୦ (ସମିସ): ବହୁଚର୍ଚ୍ଚିତ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାର ସିବିଆଇ ତଦନ୍ତ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଛି । ଅନ୍ତଃରାଜ୍ୟ ରାକେଟ୍ ସମ୍ପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ପରେ ଏହାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଜବାବ ରଖିଥିଲେ । ଆବେଦନକାରୀ ଉତ୍ଥାପନ କରିଥିବା ପ୍ରସଙ୍ଗର ଆଉ ପ୍ରାସଙ୍ଗିକତା ନ ଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି । ପ୍ରକାଶଥାଉକି, ଏହି କେଳେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି । ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ ।

ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି

# ୮ ଜିଲ୍ଲାରେ ୧୪୦ ଉଦ୍ଧାରକାରୀ ଦଳ ମୁତୟନ

■ ୧୪୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ୩ ହଜାର ଲୋକ ସ୍ଥାନାନ୍ତର
■ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହେଲେ ୧୪୯୬ ଆସନ୍ନପ୍ରସବା

ଭୁବନେଶ୍ୱର, ୨୭।୧୦ (ସମିସ): ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଟରକ୍ଷୀ ବାହିନୀ ସହିତ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ୍ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସୋମବାର ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍ଆରସି ଡିକେ ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଲୋଚନା ପରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩




ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି, ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହଛନ୍ତି, ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଉଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

## ବିଜେପି ପାଇଁ କାମ କରୁଛନ୍ତି ନୂଆପଡ଼ା ଜିଲ୍ଲାପାଳ ଓ ଏସ୍‌ପି

ଭୁବନେଶ୍ୱର,୨୭।୧୦(ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହେଉଥିବା ବେଳେ ଶାସକ ବିଜେପି ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିକି ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ।

ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ ବିଜେପି ସପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସପି ଅମ୍ରିତପାଲ ସିଂ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି ।



ବିଜେପି ପାଇଁ କାମ କରିବାକୁ ବିଜେଡିର କର୍ମୀ ଓ ସମର୍ଥକଙ୍କ ଉପରେ ଚାପ

ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ ମହାନ୍ତି, ମିହିର ରାୟ, ତୃମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ ।

ପରକୀୟା ପ୍ରୀତି

## ପ୍ରେମିକ ସହ ମିଶି ଶଶୁରକୁ ମାରିଲା ବୋହୂ

ବାରିପଦା/ରାଇରଙ୍ଗପୁର,୨୭ ।୧୦(ସମିସ): କାଳ ହେଲା ବୋହୂର ପରକୀୟା ପ୍ରୀତି । ପରପୁରୁଷ ସହ ମିଳାମିଶା ଦେଖିଦେବାରୁ ପ୍ରେମିକ ସହ ମିଶି ଶଶୁରକୁ ପିଟିପିଟି ମାରିଦେଲା ବୋହୂ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଧାଙ୍ଗିଡ଼ିମୁତା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବସଲୋ ସିଙ୍କୁ । ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବୋହୂ ଯମୁନା ସିଙ୍କୁ ଓ ତାଙ୍କ ପ୍ରେମିକ ସେହି ଗ୍ରାମର ଟୁନୁ ସିଙ୍କୁଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଯମୁନା ଓ ଟୁନୁଙ୍କ ମଧ୍ୟରେ ଅବୈଧ ସଂପର୍କ ଗଢ଼ି ଉଠିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଯମୁନା ଓ ଟୁନୁ ମିଳାମିଶା କରୁଥିଲେ । ତେବେ ବସଲୋ ଦୁହିଁଙ୍କୁ ଏକାଠି ଦେଖି ବିରୋଧ କରିବାରୁ ଦୁହେଁ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ । ତାଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କୁ ବାଟରୁ ହଟାଇ ଦେଇଥିଲେ । ଦୁହେଁ ମିଶି ବସଲୋଙ୍କ ବେକରେ ଦୌଡ଼ି ବାନ୍ଧିବା ସହ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ।

## ନୂଆପଡ଼ା ତହସିଲଦାର ଓ ଡିଏଫ୍‌ଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୨୭।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ମାମଲାର ଆଜି ଶୁଣାଣି କରି ପ୍ରତିପକ୍ଷ ତଥା ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓଙ୍କୁ ଅଦାଲତରେ ଭର୍ଚୁଆଲ ମାଧ୍ୟମରେ ଆସନ୍ତାକାଲି ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ରିତଲାଲ ସୁଡ୍‌ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିବା ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

## ଲୁଟିନେଲେ ୨୫ ଲକ୍ଷ; କୋଟିଏ ଟଙ୍କାର ଗହଣା

ବଣାଇଁ, ୨୭।୧୦ (ସମିସ): ବଣାଇଁ ମୁଖ୍ୟ ସହରରେ ପ୍ରଥମଥର ପାଇଁ ଜଣେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି । ବ୍ୟବସାୟୀଙ୍କ ଘରେ ପଶି ୫ଜଣ ମୁଖାଧାରୀ ବନ୍ଧୁକ ମୁନରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ୨୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବଣାଇଁ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂର ବଜାର ଦାଣ୍ଡ ନିକଟରେ ଥିବା ରଶ୍ମି ଇଲେକ୍ଟ୍ରିକାଲ ଦୋକାନ ମାଲିକଙ୍କ ଘରେ ଏହି ସଶସ୍ତ୍ର ଡକାୟତି ହୋଇଛି ।




ସୂଚନାନୁଯାୟୀ, ଘରେ ଦୋକନ ମାଲିକାଣୀ ତୃପ୍ତିରେଖା ସାହୁ ଓ ତାଙ୍କ ଝିଅ ନିକିତା ସାହୁ, ଦୋକାନରେ କାମ କରୁଥିବା ସହାୟକ ଶୋଇଥିଲେ । ମଧ୍ୟରାତ୍ରିରେ ହଠାତ୍ ୫ଜଣ ଦୁର୍ବୃତ୍ତ ଘରେ ପଶି ତଳେ ଶୋଇଥିବା ସହାୟକକୁ ପ୍ରଥମେ ପ୍ରବଳ ମାଡ଼ ମାରିବା ସହ ବାନ୍ଧି ଦେଇଥିଲେ । ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ବ୍ୟବସାୟୀଙ୍କ ପତ୍ନୀଙ୍କୁ କବାଟ ଖୋଲିବାକୁ କହିବାକୁ କହିଥିଲେ । ସମ୍ପୃକ୍ତ କର୍ମଚାରୀ ଦୁର୍ବୃତ୍ତଙ୍କ ଭୟରେ 'ପେଟ ବିନ୍ଧୁଛି ଔଷଧ ଦିଅ' ବୋଲି ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଫୋନ ଯୋଗେ କହିଥିଲେ । ମାଲିକାଣୀ ଓ ତାଙ୍କ ଝିଅ ଔଷଧ ଦେବାକୁ କବାଟ ଖୋଲିବା ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ତାଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ । ଉଭୟଙ୍କ ମୁହଁ, ଗୋଡ଼ ହାତ ବାନ୍ଧିବା ସହ ଅଲମାରୀ ଚାବି ମାଗିଥିଲେ । ଚାବି ନ ଦେଲେ ଝିଅକୁ ଦୁଷ୍କର୍ମ କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ଭୟରେ ମାଲିକାଣୀ ଚାବି ଦେବା ପରେ ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ଲକ୍ଷ ଟଙ୍କା ସହ ୧ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ । ଲୁଟ୍ ପରେ ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ଭାଙ୍ଗି ହାର୍ଡଡିସ୍କକୁ ନେଇ ପଳାଇଥିବା ବ୍ୟବସାୟୀଜଣଙ୍କ ଅଭିଯୋଗ କରିଛନ୍ତି । ଏନେଇ ଝିଅ ନିକିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସପ୍ତାହେ ବଢ଼ିଲା ଛାତ୍ରବୃତ୍ତି ଆବେଦନ ଅବଧି

ଭୁବନେଶ୍ୱର,୨୭ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆବେଦନ ଅବଧି ସପ୍ତାହେ ବୃଦ୍ଧି ପାଇଛି । ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଶିକ୍ଷାନୁଷ୍ଠାନ ପକ୍ଷରୁ ୧୪ ତାରିଖ ମଧ୍ୟରେ ସମସ୍ତ ଆବେଦନକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଜ୍ଞପ୍ତି ଅନୁଯାୟୀ, ଇ-ମେଧାବୃତ୍ତି ଅଧୀନରେ ଆସୁଥିବା ୟୁଜି ମେରିଟ୍, ପିଜି ମେରିଟ୍ ଓ ଟେକ୍ନିକାଲ୍ ଆଣ୍ଡ ପ୍ରଫେସନାଲ୍ ମେରିଟ୍, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଆବେଦନ ଅବଧି ଗତ ୨୫ ତାରିଖରେ ଶେଷ ହୋଇଥିଲା । ପୂର୍ବରୁ ୱେବସାଇଟ୍ ଧିମା ଚାଲିବା ସହ ଶେଷ ଦିନରେ

ନଭେମ୍ବର ୪ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ୱେବସାଇଟ୍ କ୍ରାସ୍ କରିଯିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନଥିଲେ । ଫଳରେ ବହୁ ଛାତ୍ରଛାତ୍ରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଆବେଦନ ଅବଧିକୁ ବଢ଼ାଯିବା ସହ ଡିଜି-ଲକର୍ ମାଧ୍ୟମରେ ସାର୍ଟିଫିକେଟ୍ ଅପଲୋଡ୍ କରିବା ବାଧ୍ୟତାମୂଳକକୁ ଉଠାଇ ଦିଆଯାଇଛି ।



ଚୌଦ୍ୱାର ଜେଲରେ ସୁରକ୍ଷା ଏମିତି...

## ଲକ୍-ଅପ୍ ପରେ ବାହାରେ ବୁଲୁଛନ୍ତି କଏଦୀ

ଭୁବନେଶ୍ୱର,୨୭ ।୧୦ (ସମିସ): ଚୌଦ୍ୱାର ଜେଲର ସୁରକ୍ଷା ବ୍ୟବସ୍ଥାର ଧଜିଆ ଉଡ଼ିଛି । ଲକ୍-ଅପ୍ ପରେ ମଧ୍ୟ ଜଣେ କଏଦୀ ୱାର୍ଡ ବାହାରେ ବୁଲୁଥିବା ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତୀୟ ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ପାଚେରି ଡେଇଁ ଚୌଦ୍ୱାର ଜେଲରୁ ଫେରାର୍ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ପତ୍ତା ମିଳି ନଥିବା ବେଳେ

ଜେଲ୍ ଡିଜିଙ୍କ ନିର୍ଦ୍ଦେଶକୁ ଫୁଁ

ସୁରକ୍ଷାରେ ଏଭଳି ତ୍ରୁଟି ଜେଲ୍ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବକୁ ପଦାରେ ପକାଇଛି ।

ସୂଚନାନୁସାରେ, ସୂର୍ଯ୍ୟୋଦୟ ପରେ ଅନ୍ତେବାସୀଙ୍କୁ ୱାର୍ଡରୁ ଖୋଲାଯାଉଥିବା ବେଳେ ସୂର୍ଯ୍ୟାସ୍ତ ବେଳକୁ ତାଲା ପକାଇ ଭର୍ତ୍ତି କରାଯାଏ । ସନ୍ଧ୍ୟା ପୂର୍ବରୁ ସମସ୍ତ ଅନ୍ତେବାସୀଙ୍କୁ ଲକ୍-ଅପ୍ କରାଯାଉଥିବା ବେଳେ ଚୌଦ୍ୱାର ଜେଲରେ ଏଥିରେ ବ୍ୟତିକ୍ରମ ଘଟିଛି । ବିଳମ୍ବିତ ରାତିରେ କଏଦୀଜଣଙ୍କ ମୁଲାକାତ ଗେଟ୍ ବାହାରକୁ ଯାଇଥିବା ଦେଖାଦେଇଛି । ହତ୍ୟା ମାମଲାରେ ସଜା କାଟୁଥିବା ସୁମନ ରାତି ପ୍ରାୟ ଗୋଟାଏ ସମୟରେ ୱାର୍ଡରୁ ବାହାରି ମୁଲାକାତ ଗେଟ୍ ନିକଟକୁ ଯାଇଥିଲା । ମୁଲାକାତ ଗେଟ୍ ଦେଇ



ବାହାରେ ଥିବା ଏକ ମନ୍ଦିରକୁ ଯାଇଥିଲା । ସେଠାରୁ କିଛି ସମୟପରେ ପୁଣି ଜେଲ୍ ଭିତରକୁ ଫେରିଥିଲା । ତେବେ ଲକ୍-ଅପ୍ ପରେ କୌଣସି ଅନ୍ତେବାସୀ ବାହାରକୁ ଆସିପାରିବେ ନାହିଁ ବୋଲି ନିକଟରେ ଜେଲ୍ ଡିଜି ନିର୍ଦ୍ଦେଶ ଦେଇଥିଲେ । ହେଲେ, ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଡିଜିଙ୍କ ନିର୍ଦ୍ଦେଶକୁ ବାଏଁବାଏଁ କରି ଉଡ଼ାଇ ଦେଇଛନ୍ତି । ତେବେ କାହା ଅନୁମତିରେ ଓ କ'ଣ ପାଇଁ ସୁମନ ରାତିଅଧରେ ବାହାରକୁ ଯାଇଥିଲା, ତାହା କାହାରିକୁ ମଧ୍ୟ ଜଣାନାହିଁ । ଏଭଳି ସ୍ଥିତିରେ, ଜେଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି ।

ଉଲ୍ଲେଖଯୋଗ୍ୟ, ପାଣିକୋଇଲି ସୁନା ଦୋକାନ ଲୁଟ୍ ଓ ହତ୍ୟା ଘଟଣାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ଦୁଇ ବିହାରୀ ଅଭିଯୁକ୍ତ ଚଳିତ ମାସ ପହିଲାରେ ଜେଲ ପାଚେରି ଡେଇଁ ଫେରାର୍ ହୋଇଥିବା ବେଳେ ନିକଟରେ ଚୌଦ୍ୱାର ଜେଲ ଭିତରେ ଗୋଷ୍ଠୀ ସଂଘର୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା । ଜଣେ ଅପରାଧୀ ଅନ୍ୟ ଗୋଷ୍ଠୀର ଜଣେ ଅନ୍ତେବାସୀଙ୍କୁ ଶୋଇଥିବା ଅବସ୍ଥାରେ ମରଣାନ୍ତକ ଆକ୍ରମଣ କରିଥିଲା । ପୂର୍ବରୁ ଚୌଦ୍ୱାର ଜେଲ ସୁରକ୍ଷାରେ ସାଙ୍ଘାତିକ ତ୍ରୁଟି ଦେଖାଦେଇଥିବା ବେଳେ ଜେଲ୍ କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ବାରମ୍ବାର ସମାନ ଘଟଣା ଘଟୁଛି ।

## ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅକୁ ହତ୍ୟା

ଦେଓଗାଁ, ୨୭ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗାଁ ନିକଟରେ ଜଣେ ଯୁବକଙ୍କୁ ତାଙ୍କ ତିନିବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ, ଅନ୍ତର୍ଲା ଗ୍ରାମର ପୂର୍ବତନ ପୁଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ(୩୦) । ସୋମବାର ସକାଳେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ଥାନାଧିକାରୀ ବୁଲୁ ମୁଣ୍ଡା ପ୍ରମୁଖ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ । ଶବକୁ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସୁଜିତର ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ କେନ୍ଦ୍ର କରି ଥାନାରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ, ବନ୍ଧପଡ଼ା ଗ୍ରାମର ରାଜା କଟା(୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡା ଗ୍ରାମର ଇରଫାନ ଛତ୍ରିଆ (୧୯) । ସୂଚନାନୁସାରେ, ରବିବାର ୪ସାଙ୍ଗ ମିଶି ଅନ୍ତର୍ଲା ଗାଁ ପତ୍ରଫଡି ନିକଟରେ ଭୋଜି କରିଥିଲେ । ଏହି ସମୟରେ ତାଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି ବଚସା ହେବା ପରେ ରାଜାର ମାଆ ରାଜାକୁ ବାରମ୍ବାର ଫୋନ୍ କରି ଘରକୁ ଆସିବା ପାଇଁ କହୁଥିଲେ । ସେହି ସମୟରେ ସୁଜିତ ରାଜାର ମାଆଙ୍କୁ ଫୋନରେ ଅସଭ୍ୟ ଭାଷାରେ ଗାଳି କରିବାରୁ ରାଜା ଉତ୍ତ୍ୟକ୍ତ ହୋଇ ସାଇକେଲ ପେଡାଲ ହ୍ୱିଲରେ ସୁଜିତକୁ ଆକ୍ରମଣ କରିଥିଲା । ପରେ ତିନି ଜଣ ତାକୁ ବିଅର ବୋତଲ ଓ ଠେଙ୍ଗାରେ ମଧ୍ୟ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତର ମୃତ୍ୟୁ ଘଟିଥିଲା । ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା ।

ବଚସାରୁ ମାରିଦେଲେ ସାଙ୍ଗ; ୩ ଗିରଫ

# ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ସକାଳ
THE SAKALA

## ସାଇବର ଠକଙ୍କୁ ଲଗାମ ନାହିଁ

ଲାଭରୁ ଲୋଭ। ନିବେଶ ମାଧ୍ୟମରେ ଅତିରିକ୍ତ ଆର୍ଥିକ ଫାଇଦା ହାସଲର ସୁଯୋଗ ପଛରେ ଧାଇଁଥିବା ଲୋକେ ଯେ ଶେଷରେ ଠକାମୀର ଶିକାର ହୋଇଥା'ନ୍ତି ତାହାର ଉଦାହରଣ କିଛି କମ ନୁହେଁ। ତଥାପି ନିଶାଖୋରଙ୍କ ପରି ବେଆଇନ ନିବେଶରୁ ସେମାନଙ୍କ ମୋହ ହଟୁନି। ଏହାର ଭରପୂର ସୁଯୋଗ ନେଉଛନ୍ତି ସାଇବର ଠକମାନେ। ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ଏହି ଠକେଇ ଚାଲିଥିବା ବେଳେ ସେମାନଙ୍କୁ ରୋକିବା ସମ୍ଭବ ହେଉନାହିଁ। ଏଥିରେ ସରକାରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସାଇବର ସେଲର ନିଷ୍ଫଳତା ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ହେଉଛନ୍ତି ଅତିରିକ୍ତ ଆର୍ଥିକ ଫାଇଦା ପାଇଁ ମାତ୍ରାଧିକ ଉତ୍ସୁକ ହୋଇପଡ଼ିଥିବା ନିବେଶକ। ଏପ୍ରକାର ଠକେଇ ସଂପର୍କରେ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇ ଆସୁଥିଲେ ମଧ୍ୟ ସଚେତନତା ବୃଦ୍ଧି ପାଇନି। ଗତ ଛଅମାସ ମଧ୍ୟରେ ଦେଶର ପ୍ରାୟ ୩୦ ହଜାର ଲୋକ ୧୫୦୦ କୋଟି ଟଙ୍କାର ଠକେଇ ସମ୍ମୁଖୀନ ହୋଇଛନ୍ତି। ଏହି ଠକେଇରେ ଆମ ରାଜ୍ୟର ତଥାକଥିତ ନିବେଶକ ପଛରେ ପଡ଼ିନାହାନ୍ତି। ଗତ ୯ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ୩୪୨ କୋଟି ଟଙ୍କା ଲୁଟି ନେଇଛନ୍ତି। ଅବଶ୍ୟ ଆମର ଏଠାରେ ସ୍ୱଚ୍ଛଳ ବର୍ଗଙ୍କ ସଂଖ୍ୟା ଅପେକ୍ଷାକୃତ କମ ହୋଇଥିବାରୁ ନିବେଶ ପରିମାଣ କମ ଏବଂ ଠକି ହୋଇଥିବା ଲୋକଙ୍କ ସଂଖ୍ୟା ୩୭ ହଜାର। ଏକଥା ସତ ଯେ ସାଇବର ସେଲ କିଛି ହାତ ଗଣତି ଠକଙ୍କୁ ଧରିବାକୁ ସକ୍ଷମ ହୋଇଛି ଏବଂ ଏ ପ୍ରକାର ଠକେଇ କମିବା ପରିବର୍ତ୍ତେ ବଢୁଛି।

ଅତିରିକ୍ତ ଫାଇଦା ଭଳି ମରୀଚିକା ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା ବଢୁଛି କାହିଁକି? ଆର୍ଥିକ ସ୍ଥିତିର ଅନିଶ୍ଚିତତା, ଦିନକୁ ଦିନ ବ୍ୟୟଭାର ବୃଦ୍ଧି ଏବଂ ବ୍ୟାଙ୍କରେ ଥିବା ଜମାରାଶିର ସୁଧହାର ହ୍ରାସ ଯୋଗୁଁ ନିବେଶର ବିକଳ୍ପ ପନ୍ଥାକୁ ଆଦରି ନେଉଛନ୍ତି ଲୋକେ। ସାମାଜିକ ଗଣମଧ୍ୟମରେ ସକ୍ରିୟତା ବୃଦ୍ଧି ପାଇଛି। ତେଣୁ ଫୋନ ନମ୍ବର ଓ ଠିକଣା ହାସଲ କରିବାରେ ସାଇବର ଠକଙ୍କ ପାଇଁ ସେଭଳି ଅସୁବିଧା ନାହିଁ। ନିବେଶ ମାଧ୍ୟମରେ ଅତିରିକ୍ତ ଲାଭ ହାସଲର ସୁଯୋଗ ସଂକ୍ରାନ୍ତ ମନଲୋଭା ବିଜ୍ଞାପନ ମାଧ୍ୟମରେ କ୍ରମାଗତ ପ୍ରଲୁବ୍ଧ କରୁଥିବା ଏହି ଠକମାନେ ଆବଶ୍ୟକ ସ୍ଥଳେ ଲୋକଙ୍କ ମୋବାଇଲକୁ ଲିଙ୍କ ପଠାଇ ସିଧାସଳଖ ଯୋଗାଯୋଗ ଆରମ୍ଭ କରୁଛନ୍ତି। ହାତପାଆନ୍ତାରେ ମିଳୁଥିବା ଏହି ସୁଯୋଗକୁ ଲୋକେ ହାତଛଡ଼ା କରୁନାହାନ୍ତି। ଠକଙ୍କ ଏହି ବ୍ୟୂହରେ ଥରେ ଫସିଗଲେ ଆଉ ମୁକ୍ତି ନାହିଁ। ତେଣିକି ଆଖି ପିଛୁଳାକେ ସେମାନେ ଆକାଉଣ୍ଟରୁ ଜମାରାଶି ଲୁଟି ନେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗତ ଦୁଇମାସ ମଧ୍ୟରେ ଆମ ରାଜ୍ୟରୁ ଏହି ସାଇବାର ଠକମାନେ ୧୧୦ କୋଟି ଟଙ୍କା ଲୁଟି ନେଲେଣି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ସିଲକନ୍ ସିଟି ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ହାଇଦରାବାଦରେ ଏହି ସାଇବର ଅପରାଧ ସବୁଠାରୁ ଅଧିକ।

ଏଠାରେ ଦୁଇଟି କଥା ଉଦ୍‌ବେଗ ସୃଷ୍ଟି କରୁଛି। ସାଇବର ସେଲ ବିଦେଶରେ ସକ୍ରିୟ ଥିବା ଠକଙ୍କ ଚେରକୁ ଉପାଡ଼ିବା ଏତେ ସହଜ ନୁହେଁ। ତେଣୁ ଜନସାଧାରଣ ସଚେତନ ନ ହେବା ପର୍ଯ୍ୟନ୍ତ ଏ ଅପରାଧକୁ ରୋକିବା ସହଜ ନୁହେଁ। ଦ୍ୱିତୀୟତଃ, ବିଭିନ୍ନ ତଥ୍ୟ ମାଧ୍ୟମରେ ଆମେ ଆମର ସମସ୍ତ ଗୋପନୀୟ ତଥ୍ୟ ହସ୍ତାନ୍ତର କରିସାରିଛେ। ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ସେହି ଗୋପନୀୟ ତଥ୍ୟ କ୍ରମାଗତ ଭାବେ ପ୍ରଘଟ ହେଉଛି ଏବଂ ସାଇବର ଠକମାନେ ତାହାର ସୁଯୋଗ ନେଇ ଆମକୁ ଲୁଟିଚାଲିଛନ୍ତି। ଏଭଳି ସ୍ଥିତିରେ ଆମେ ପ୍ରତିକାର ଆଶା କରିବା ବୃଥା। ●

## ପାକ୍ ଆଣବିକ କୂଟନୀତି

ପାକିସ୍ତାନର ଆଣବିକ କୂଟନୀତିର କିଛି ଗୋପନତଥ୍ୟ ଉନ୍ମୋଚନ କରିଛନ୍ତି ସିଆଇଏର ପୂର୍ବତନ ଅଧିକାରୀ ଜନ କିରିଆକୁ। ଆମେରିକା, ସାଉଦୀ ଆରବ ଓ ପାକିସ୍ତାନର ତ୍ରିମୁଖୀ ସଂପର୍କର ଭିତ୍ତିଭୂମି ଯେ ଆଣବିକ ଅସ୍ତ୍ରଶସ୍ତ୍ର, ତାହା ଜନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ 'ଅପରେସନ ସିନ୍ଦୂର'ର ନିର୍ଣ୍ଣାୟକ ଆକ୍ରମଣ ପରେ ଆମେରିକାର ଭାରତ ବିରୋଧୀ ଭୂମିକାରେ ପାକିସ୍ତାନକୁ ପ୍ରୟୋଗ କରିବା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟପ୍ରାଚ୍ୟ କୂଟନୀତିରେ ହସ୍ତକ୍ଷେପ କରି ସାଉଦୀ ଆରବକୁ ଇସଲାମାବାଦର ସମର୍ଥନ ଦେବା ଭଳି ଘଟଣାକ୍ରମ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିଲା। କିନ୍ତୁ ଜନ୍ ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇକୁ ଦେଇଥିବା ସାକ୍ଷାତକାର ଆମେରିକା ଏହି ଦୋହରା ନୀତିକୁ ସ୍ପଷ୍ଟ କରିଛି। ପାକ୍ ଆଣବିକ ଅସ୍ତ୍ରର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ପ୍ରଦାନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁସାରଫ। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନରେ ମହଜୁଦ ଥିବା ଆଣବିକ ଅସ୍ତ୍ରଶସ୍ତ୍ର ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସମସ୍ତ ତଥ୍ୟ ଆମେରିକା ନିକଟରେ ଅଛି। 'ଅପେରେସନ ସିନ୍ଦୂର' ସମୟରେ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ନୁରଖାନ୍ ବିମାନ କେନ୍ଦ୍ର ଓ ତତ୍‌ସଂଲଗ୍ନ କିରାନା ହିଲ୍‌ସରେ ଆଣବିକ ମହଜୁଦ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ଖବରକୁ ଉଭୟ ପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ଆମେରିକାର ବି-୩୫୦ ବିମାନରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଘଟଣାକ୍ରମକୁ ଉପରୋକ୍ତ ତଥ୍ୟ ସହ ସଂଯୋଗ କରିଦେଲେ ପାକିସ୍ତାନ-ଆମେରିକା ଆଣବିକ କୂଟନୀତିର ଅସଲ ଚରିତ୍ର ସ୍ପଷ୍ଟ ହେବ।

ଆଣବିକ ତେଜସ୍କ୍ରିୟ ବିକିରଣକୁ ନିୟନ୍ତ୍ରଣ କରିବା ସକାଶେ ମିଶରର ସାମରିକ ପରିବହନ ବିମାନ ମାଧ୍ୟମରେ ସଂଗୃହୀତ ବୋରନ୍ ପାକିସ୍ତାନରେ ଖାଲି କରି ଫେରି ଯାଇଥିବା ଘଟଣାକୁ ତ ଅସ୍ୱୀକାର କରିହେବନି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ। ଘଟଣାକ୍ରମକୁ ଅନୁଧ୍ୟାନ କଲେ, ସ୍ପଷ୍ଟ ମନେ ହୁଏ ଯେ ଯୁଦ୍ଧ ବିରାମ ସକାଶେ ପାକିସ୍ତାନ ପକ୍ଷରୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ସେଠାକାର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଭାରତର ବାୟୁସେନା ଧ୍ୱଂସ କରି ବିପୁଳ କ୍ଷତି ଘଟାଇ ସାରିଥିଲା। ତେଣୁ ଚାପରେ ପଡ଼ି ଭାରତ ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ। ଆମେରିକାର କୂଟନୈତିକ ସଂପର୍କ ଉପରେ ମତାମତ ଦେଇ ଜନ୍ କହିଛନ୍ତି ଯେ ୱାଶିଂଟନ ଏକଛତ୍ରବାଦୀଙ୍କ ସହ ବିନା ଦ୍ୱିଧାରେ କାର୍ଯ୍ୟ କରିଆସିଛି। ଅଥଚ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ମାନବବାଦର ସୁରକ୍ଷା ନେଇ ଆଦର୍ଶର ବାର୍ତ୍ତା ଦେଇଥାଏ। ଅସଲରେ ଆମେରିକା ନିଜର ସ୍ୱାର୍ଥକୁ ସବୁ ପ୍ରସଙ୍ଗରେ ପ୍ରାଥମିକତା ଦେଇଆସିଛି। ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଆମେରିକା ମୁଶରଫଙ୍କ ନେତୃତ୍ୱକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରୁଥିଲା। ସେହିଭଳି ପାକିସ୍ତାନର ଆଣବିକ ଜନକ ବୈଜ୍ଞାନିକ ଅବଦୁଲ୍ କାଦିର ଖାନ୍‌ଙ୍କୁ ହତ୍ୟା କରିବାର ଯୋଜନାକୁ ଆମେରିକା ଶେଷ ମୁହୂର୍ତ୍ତରେ ସାଉଦୀ ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରିଥିଲା। ଏଠାରେ ଏହି ତଥ୍ୟ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପାକିସ୍ତାନର ଆଣବିକ କୂଟନୀତିର ଦୁଇ ପ୍ରମୁଖ ଅଙ୍ଗ ହେଲେ ଆମେରିକା ଓ ସାଉଦୀ ଆରବ। ତେଣୁ ଏବର ପରିବର୍ତ୍ତିତ ଦୃଶ୍ୟପଟ୍ଟ ହିଁ ହେଉଛି ସେହି ପୁରୁଣା ସଂପର୍କର ଅଂଶବିଶେଷ।

ଜନ ଆମେରିକାର ସିଆଇଏ ପକ୍ଷରୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଭିଯାନର ତଦାରଖ ପାଇଁ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। କୂଟନୀତିର ଦିଗ ପରିବର୍ତ୍ତନକୁ ସେ ଅତି ନିକଟରୁ ଅନୁଧ୍ୟାନ କରିଆସିଛନ୍ତି। ତେଣୁ ଆମେରିକା କୂଟନୈତିକ ପ୍ରତାରଣା ସଂପର୍କରେ ସେ ତଥ୍ୟ ଉପସ୍ଥାପନ କଲା ବେଳେ ସଂପ୍ରତି ବଦଳୁଥିବା ବୈଶ୍ୱିକ ସମୀକରଣ ପଛରେ ଭାରତ, ଚୀନ ଓ ସାଉଦୀ ଆରବ ଭଳି ରାଷ୍ଟ୍ର ରଣନୀତିକ ଭୂମିକାର ସମୀକ୍ଷା ସହ ଆଭିମୁଖ୍ୟ ପରିବର୍ତ୍ତନର ବଡ଼ ଭୂମିକା ରହିଛି। ●

# ପେନସନ ଅନୁକମ୍ପା ନୁହେଁ, ଅଧିକାର

ବୃହସ୍ପତି ସାମଲ

ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଭାରତ ଏକ ଭୟାବହ ଅସମନ୍ୱୟ ପରିସ୍ଥିତିରେ ରହିଛି। ପୂର୍ବ ବର୍ଷର ୪୪ ଅଙ୍କରୁ ଟିକିଏ ତଳକୁ ଖସି ଭାରତ ୪୩.୮ ଅଙ୍କ (ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀ 'ଡି'ରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଦେଶଗୁଡ଼ିକ, ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), 'ସ୍ଥାୟିତ୍ୱ' (୩୫%) ଓ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି।

ପୃଥିବୀର ବାଉନଟି ଦେଶରେ ବାସ କରୁଥିବା ବିଶ୍ୱର ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠି ଶତାଂଶକୁ ନେଇ 'ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଏହି ମୂଲ୍ୟାୟନ କରିଛି, ଯେଉଁଥିରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। 'ପର୍ଯ୍ୟାପ୍ତତା' ପରିମାପକ, ଯାହା ବୟସ୍କ ନାଗରିକମାନଙ୍କର ଉପଯୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ପ୍ରକୃତ ସେବାନିବୃତ୍ତ ଆୟର ପରିମାଣକୁ ନିର୍ଦ୍ଧାରିତ କରେ, ସେଥିରେ ଭାରତ ମାତ୍ର ୩୪.୭ ଅଙ୍କ ପାଇ ନିମ୍ନତମ 'ଇ' ଶ୍ରେଣୀରେ ରହିଛି, ଯାହା ପ୍ରକାଶ କରେ ଯେ ଅଧିକାଂଶ ଅବସରପ୍ରାପ୍ତ ନାଗରିକ ଯଥେଷ୍ଟ ଆୟ ବିନା ବଞ୍ଚିବାକୁ ବାଧ୍ୟ। ସେହିଭଳି 'ସ୍ଥାୟିତ୍ୱ' ପରିମାପକରେ ୪୩.୮ ଅଙ୍କ ସହିତ ଭାରତ 'ଡି' ଶ୍ରେଣୀରେ ରହିଛି, ଯାହା ସ୍ପଷ୍ଟ କରୁଛି ଯେ ଭାରତର ପେନସନ ଅର୍ଥନୀତି ଆଗାମୀ ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଚାପକୁ ସାମ୍ନା କରିବାରେ ଅସମର୍ଥ। ଅଧିକନ୍ତୁ 'ସାଧୁତା' ପରିମାପକରେ ୫୮.୪ ଅଙ୍କ ସହ ଭାରତ 'ସି' ଶ୍ରେଣୀରେ ଥିଲେ ମଧ୍ୟ ପ୍ରଶାସନିକ ସ୍ୱଚ୍ଛତା ଓ ନିୟମନ ସମ୍ପର୍କରେ ଦୃଢ଼ତାର ଅଭାବକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ମଜଭୂତ ଓ ସ୍ଥାୟୀ ପେନସନ ବ୍ୟବସ୍ଥା ପାଇଁ ନେଦରଲ୍ୟାଣ୍ଡ (୮୫.୪), ଆଇଲ୍ୟାଣ୍ଡ (୮୪.୦), ଡେନମାର୍କ (୮୨.୩), ସିଙ୍ଗାପୁର (୮୦.୮) ଓ ଇସ୍ରାଏଲ (୮୦.୩) ଭଳି ଦେଶଗୁଡ଼ିକ ଚଳିତ ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ଭାବରେ 'ଏ' ଶ୍ରେଣୀରେ ଥିବା ସହିତ ସମତୁଲ ହାରାହାରି ସୁବିଧା ଓ ଦୀର୍ଘକାଳୀନ ଅର୍ଥନୈତିକ ସୁସ୍ଥିତି ସହ ଜନସାଧାରଣଙ୍କ ଭରସା ଜିତିବାରେ ସମର୍ଥ ହୋଇଛନ୍ତି।

ଭାରତର ପେନସନ ବ୍ୟବସ୍ଥା ଏକ ସୀମିତ ନିର୍ଦ୍ଧାରିତ ଲାଭ ଯୋଜନା ଏବଂ ଖଣ୍ଡିତ ନିର୍ଦ୍ଧାରିତ ଅବଦାନ ପ୍ରଣାଳୀର ମିଶ୍ରଣ। ଭାରତରେ ଏମ୍ପ୍ଲଏୟଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲଏୟଜ୍ ପେନସନ ସ୍କିମ (ଇପିଏସ୍) ଏବଂ ସେହିଭଳି କିଛି ବୃତ୍ତିଗତ ସାମାଜିକ ସୁରକ୍ଷା ଯୋଜନା ଏକ ଅସମତୁଲ ସଂରଚନା ସୃଷ୍ଟି କରି ବୟସ୍କ ନାଗରିକଙ୍କୁ ସାର୍ବଜନୀନ ତଥା ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ବିଫଳ। ରିପୋର୍ଟ ଅନୁଯାୟୀ ଭାରତର ମୋଟ ଶ୍ରମିକ ଶ୍ରେଣୀର ୯୦% ନିୟୋଜିତ ଥିବା ଅସଂଗଠିତ କ୍ଷେତ୍ରର କର୍ମଚାରୀମାନଙ୍କ ପାଖରେ ନିହାତି ସ୍ୱଳ୍ପ ଅଥବା କୌଣସି ନିୟମିତ ପେନସନ ସୁବିଧା ନାହିଁ। ଭାରତରେ ପେନସନ ଯୋଜନାର ଅସଫଳତା ମୂଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

ପ୍ରଥମତଃ, ଅସଂଗଠିତ କ୍ଷେତ୍ରରେ ନିଯୁକ୍ତଙ୍କ ମଧ୍ୟରେ ପେନସନ ସୁବିଧା ଅତ୍ୟନ୍ତ ସୀମିତ। ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ କେବଳ ୨୯% ବୟସ୍କ ନାଗରିକ ପେନସନ ପାଉଛନ୍ତି। ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ବାଧ୍ୟବାଧକତା, ଯାହା କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସାର୍ବଜନୀନ ପେନସନ ଯୋଜନା ଲାଗୁ କରିବା ନେଇ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ମତ ହେଲା ଯେ ସିଙ୍ଗାପୁର ଯେମିତି ନିଜର ପେନସନ୍ ବ୍ୟବସ୍ଥାକୁ 'ସି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉର୍ତ୍ତୀତ କରେଇବାକୁ ଦୀର୍ଘ ୧୬ ବର୍ଷ ଧରି ପର୍ଯ୍ୟାୟଭିତ୍ତିକ ଅର୍ଥନୈତିକ ସାବଧାନତା ଅବଲମ୍ବନ କରିଥିଲା, ଭାରତକୁ ସେହିଭଳି ସୂତ୍ର ଆପଣେଇବାର ଆବଶ୍ୟକତା ରହିଛି। ତୃତୀୟତଃ, ମୂଲ୍ୟବୃଦ୍ଧି ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ସହିତ ଉଚିତ୍ ମୂଲ୍ୟସୂଚୀ ସମନ୍ୱୟର ଅଭାବ ଯୋଗୁଁ ପେନସନ ମୂଲ୍ୟର କ୍ରମାଗତ ଅବନତି ପର୍ଯ୍ୟାପ୍ତତାର ହ୍ରାସକୁ ପ୍ରମାଣିତ କରୁଛି।

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭାରତ ଏକ ସଙ୍କଟମୟ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛି। 'ଏଜିଂ ରିପୋର୍ଟ-୨୦୨୩' ଅନୁସାରେ ଏବେ ଭାରତର ଜନସଂଖ୍ୟାର ୧୦%ରୁ ଅଧିକ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱରେ, ଯାହା ୨୦୫୦ ସୁଦ୍ଧା ଦୁଇଗୁଣା (୨୦%) ହୋଇ ୩୪.୭ କୋଟିରେ ପହଞ୍ଚିବ। ପାରିବାରିକ ସହାୟତା ଓ ସହାନୁଭୂତି ହ୍ରାସ ଏବଂ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ମହଙ୍ଗା ହେଉଥିବା ସମୟରେ ପେନସନ ନିରାପତ୍ତାର ଅଭାବ ଯୋଗୁଁ ବୟସ୍କମାନେ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତି କେବଳ ଏକ ଆର୍ଥିକ ଯୋଜନାର ପ୍ରଶ୍ନ ନୁହେଁ, ବରଂ ଏକ ସାମାଜିକ ନ୍ୟାୟ ଓ ନୀତିଗତ ଦାୟିତ୍ୱର ପ୍ରଶ୍ନ। ଯଦି ଭାରତ ସୁସ୍ଥ ଓ ଶକ୍ତିଶାଳୀ ପେନସନ ବ୍ୟବସ୍ଥା ପ୍ରଚଳନ କରିବାରେ ଅସମର୍ଥ ରହେ, ତେବେ ଖୁବଶୀଘ୍ର ଏହା ନିଃସନ୍ଦେହରେ ଏକ 'ବୟସ୍କ ଗରିବ'ମାନଙ୍କ ଦେଶରେ ପରିଣତ ହେବ। ଏ ସମସ୍ୟାର ସମାଧାନ କ୍ଷେତ୍ରରେ 'ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ' ଜରିଆରେ ସିଙ୍ଗାପୁରର ପେନସନ ବ୍ୟବସ୍ଥାର ରୂପାନ୍ତରଣ ଏକ ବଡ଼ ଉଦାହରଣ। ଏକ ଅନିବାର୍ଯ୍ୟ ଓ ସମ୍ପୂର୍ଣ୍ଣ ଅଂଶଦାନଭିତ୍ତିକ ପ୍ରଣାଳୀରେ ଅବସର, ସ୍ୱାସ୍ଥ୍ୟ ଓ ଆବାସ ଭଳି ତିନୋଟି ମୂଳ ସୁରକ୍ଷାକୁ ସୁନିଶ୍ଚିତ କରି ସାର୍ବଜନୀନ ଅଂଶଗ୍ରହଣ, ସଠିକ ନିବେଶ ନୀତି ଓ ସୁନିଶ୍ଚିତ ଫେରସ୍ତ ଯୋଜନା ଭିତ୍ତିରେ ସିଙ୍ଗାପୁର ଆଜି ବିଶ୍ୱର ଶୀର୍ଷ ସ୍ଥାନରେ। ସେହିଭଳି ନେଦରଲ୍ୟାଣ୍ଡ ଓ ଡେନମାର୍କ ଶକ୍ତିଶାଳୀ ସରକାରୀ-ବେସରକାରୀ ସମନ୍ୱୟ, ବାଧ୍ୟତାମୂଳକ ସଞ୍ଚୟ ଓ ମୁଦ୍ରାସ୍ଫୀତି ଓ ଜୀବନ ପ୍ରତ୍ୟାଶାକୁ ପ୍ରତିଫଳିତ କରୁଥିବା ନିୟମିତ ସମଯୋଜନ ମାଧ୍ୟମରେ ଉଚ୍ଚତମ ପେନସନ ପର୍ଯ୍ୟାପ୍ତତାକୁ ରଖିପାରିଛନ୍ତି।

ପେନସନ୍ ବ୍ୟବସ୍ଥାରେ ଭାରତର ଅବନତି ଏକ ଆକସ୍ମିକ ଘଟଣା ନୁହେଁ, ବରଂ ନୀତିର ନିରନ୍ତର ଅବହେଳା, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱିତ ଦୀର୍ଘକାଳୀନ ଦୃଷ୍ଟିକୋଣ ଅଭାବର କୁପରିଣାମ। ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଓ ଅଟଳ ପେନସନ ଯୋଜନା ଭଳି ସରକାରୀ ଯୋଜନାଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଅଳ୍ପ କିଛି କର୍ମଚାରୀ ଯୋଡ଼ି ହୋଇଥିବା ବେଳେ ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ସେମାନଙ୍କ ଅଂଶଦାନ ଓ ପେନସନ ରାଶି ଅତ୍ୟନ୍ତ ଅଳ୍ପ। ଅଧିକନ୍ତୁ ଅନେକ ବେସରକାରୀ କର୍ମଚାରୀ ନିଜ ଇପିଏଫ୍ ଟଙ୍କାକୁ ଚାକିରି କାଳ ଭିତରେ ଉଠାଇ ନେଇ ଅବସରକାଳୀନ ନିରାପତ୍ତାର ପ୍ରକୃତ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି। ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସଂସ୍ଥାଗତ ସୁଧାର ଓ ପୁନର୍ଗଠନ ଆବଶ୍ୟକ। ଏହି କ୍ରମରେ ବୟସ୍କ ଦରିଦ୍ରଙ୍କ ପାଇଁ ପେନସନର ଏକ ସର୍ବନିମ୍ନ ସୀମା ପ୍ରଣୟନ କରାଯିବା ଆବଶ୍ୟକ, ଯାହା ବୃଦ୍ଧାବସ୍ଥାରେ ଦାରିଦ୍ର୍ୟରୁ ରକ୍ଷା କରିପାରିବ। ରାଜ୍ୟ ସହାୟତା ଦ୍ୱାରା ପ୍ରେରିତ ଅଭିନବ ସୂକ୍ଷ୍ମ ସହଯୋଗ ଯୋଜନା ମାଧ୍ୟମରେ ଅସଂଗଠିତ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ପେନସନ ପରିସରଭୁକ୍ତ କରିବାର ଆବଶ୍ୟକତା ମଧ୍ୟ ରହିଛି। ପେନସନ ଲାଭଗୁଡ଼ିକୁ କେବଳ ପେନସନ ପାଇଁ ସୁରକ୍ଷିତ ରଖି ସର୍ବନିମ୍ନ ପ୍ରବେଶ ବୟସ ନିର୍ଦ୍ଧାରଣ ଜରିଆରେ ଆଗୁଆ ଉଠାଣ ନିରୁତ୍ସାହିତ ହେବା ଉଚିତ। ପିଏଫଆରଡିଏ ଅଧୀନରେ ନିୟମାନୁସୂଚନାକୁ ସୁଦୃଢ଼ କରିବା ଏବଂ ପେନସନ ତହବିଲକୁ ସାବଧାନତାର ସହ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଅନୁମତି ଦେବା ଦ୍ୱାରା ଉଭୟ ଭବିଷ୍ୟତର ଲାଭ ଓ ସ୍ଥିରତାକୁ ବୃଦ୍ଧି କରାଯାଇପାରିବ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆର୍ଥିକ ସାକ୍ଷରତା ଓ ସେବାନିବୃତ୍ତି ପରିକଳ୍ପନା ପାଇଁ ଏକ ରାଷ୍ଟ୍ରବ୍ୟାପୀ ସଚେତନତା ଅଭିଯାନ ଆବଶ୍ୟକ, ଯାହା ଦୀର୍ଘକାଳୀନ ସଞ୍ଚୟକୁ ପରିବାରର ଏକ ସାଧାରଣ ଅଭ୍ୟାସରେ ପରିଣତ କରିପାରିବ।

ମର୍ସର୍ ଇଣ୍ଡେକ୍ସରେ ଭାରତର ୪୩.୮ ଅଙ୍କ ପାଇବା କେବଳ ଏକ ସଂଖ୍ୟାମାପକ ନୁହେଁ, ବରଂ ଭାରତୀୟ ସମାଜ ତା'ର ବୟସ୍କ ନାଗରିକଙ୍କ ପ୍ରତି କିପରି ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରୁଛି, ତାହାର ଏକ ନିଛକ ପ୍ରତିବିମ୍ବ। ଉଚ୍ଚତମ ନ୍ୟାୟାଳୟ ସଠିକ ଭାବେ ଦର୍ଶାଇଛନ୍ତି ଯେ ପେନସନ ଏକ ଦାନ କିମ୍ବା ଅନୁକମ୍ପାମୂଳକ ସହାୟତା ରାଶି ନୁହେଁ, ବରଂ ନାଗରିକଟିଏ ନିଜର ଯୌବନ କାଳରେ ବର୍ଷ ବର୍ଷ ଧରି ସମାଜ ଓ ସରକାରଙ୍କୁ ଦେଇଥିବା ପରିସେବା ବଦଳରେ ଏହା ତା'ର ଉପାର୍ଜିତ ସାମ୍ବିଧାନିକ ଅଧିକାର। ଯେଉଁ ରାଷ୍ଟ୍ର ଏକ ବିଶ୍ୱସ୍ତରୀୟ ଆର୍ଥିକ ଶକ୍ତି ହେବାକୁ ଚାହୁଁଛି, ତା'ର ନାଗରିକମାନେ ସମ୍ମାନ ଓ ସୁରକ୍ଷା ବିନା ବୟସର ସାୟାହ୍ନରେ ଅସୁରକ୍ଷିତ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଭାରତୀୟ ପେନସନ ବ୍ୟବସ୍ଥାରେ ସୁଧାର ପ୍ରଶାସନିକ ସଂଶୋଧନର ଊର୍ଦ୍ଧ୍ୱରେ ଉଭୟ ମାନସିକ ଓ ସାମାଜିକ ଆବଶ୍ୟକତା ଭାବେ ଦେଖାଯିବା ଦରକାର। ପେନସନକୁ ଏକ ସୁବିଧା ଭାବରେ ନଦେଖି ଅଧିକାର ଭାବରେ ଦେଖିଲେ ହିଁ, ଭାରତ 'ଡି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ ହୋଇପାରିବ। ପେନସନ ସୁରକ୍ଷା କେବଳ ଜଣେ ବୟସ୍କଙ୍କ ପ୍ରଶ୍ନ ନୁହେଁ, ଏହା ଭାରତର ସାମାଜିକ ଆତ୍ମା ଓ ମାନବୀୟ ମର୍ଯ୍ୟାଦାର ପରୀକ୍ଷା। ●

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଅନ୍ଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା

ସୁଧାକର ଦାସ

ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କଲେ ମନେ ହୁଏ ସତେଯେମିତି ଅନ୍ଧାର ଗର୍ତ୍ତରେ ଆଜି ଆମ ଶିକ୍ଷା ବ୍ୟବସ୍ଥା। ବଦଳିଛି ସରକାର, ମାତ୍ର ବଦଳିନି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ଥିବା ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନ ସରିଲା। କ୍ଷମତାର ଗାଦିରେ ବସିବା ପରେ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଠୋର ନିଷ୍ପତ୍ତି ନେଇ ଘୋଷଣା କଲେ ରାଜ୍ୟରେ ୫୬୩୦ ଗୋଟି ବିଦ୍ୟାଳୟ ବନ୍ଦ କରାଯିବ। ଇତିମଧ୍ୟରେ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରି ଦେବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ବେକ୍ଷଣ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବା ଦ୍ୱାରା ଅପହଞ୍ଚ ଅଞ୍ଚଳର ପିଲାମାନେ ଅନେକ ଅସୁବିଧା ସାମ୍ନା କରିବେ, ଏଥିରେ ସନ୍ଦେହ ନାହିଁ।

ସାମ୍ପ୍ରତିକ ସମୟରେ ଉଚ୍ଚଶିକ୍ଷାର ସ୍ଥିତି ମଧ୍ୟ ଯଦି ଆମେ ସମୀକ୍ଷା କରିବା, ତେବେ ବର୍ତ୍ତମାନ ସମୟରେ ସରକାର ନିଷ୍ପତ୍ତି ନେଇଛନ୍ତି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସମେତ ସଂସ୍କୃତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବି ପୂରଣ ବିଳମ୍ବ ହେଉଥିବାରୁ ୨୦୨୫-୨୬ ଶିକ୍ଷାବର୍ଷରେ ନିୟମିତ ପଦବି ପୂରଣ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶିକ୍ଷାବିତ୍ ଅତିଥି ଭାବେ ଶିକ୍ଷାଦାନ କରିବେ। ଏ ନିଷ୍ପତ୍ତି ଶିକ୍ଷିତ ଯୁବବର୍ଗ ପାଇଁ ଚିନ୍ତାର କାରଣ ସାଜିବା ସହିତ ସରକାରଙ୍କ ଦୋଷ ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ମନରେ ପ୍ରଶ୍ନ ଉଠେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ଏବେ ଅବସରପ୍ରାପ୍ତ ଶିକ୍ଷାବିତମାନଙ୍କୁ ନିଯୁକ୍ତି କରାଯାଏ ତେବେ ପିଜି, ପିଏଚଡି କରିଥିବା ଯୁବକ ଯୁବତୀ କ'ଣ କରିବେ? ଓଟିଇଟି/ଓଏସ୍‌ଟିଇଟି ପାସ୍ କରି କ'ଣ ଘରେ ବସିବେ? ଏମିତି କରିବା ଦ୍ୱାରା ଶିକ୍ଷିତ ବେକାରୀ ରାଜ୍ୟରେ ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ପାଇଁ କେହି ଆଗ୍ରହ ପ୍ରକାଶ କରିବେନି। ଯଦି ନିଯୁକ୍ତି ମିଳିବନି, ସୁଯୋଗ ମିଳିବନି, ତେବେ ଶିକ୍ଷା ବ୍ୟବସ୍ଥା ସଫଳ ରୂପାୟନ ହେବ କେମିତି?

ରାଜ୍ୟରେ ପରୀକ୍ଷା ପରିଚାଳନାରେ ମଧ୍ୟ ଦୁର୍ନୀତିର କଥା ସମସ୍ତେ ଜାଣନ୍ତି। ଯଦି ସ୍ଥିତିରେ ସୁଧାର ନଆସେ, ତେବେ ଏ ଶିକ୍ଷା ବ୍ୟବସ୍ଥା ଲୋପ ହେବନି ବୋଲି କିଏ ବା ନିଶ୍ଚିତ କରିବ? ରାଜ୍ୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଉଛି, ପରୀକ୍ଷା ବାତିଲ କରାଯାଉଛି, ଦଶମ ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଆୟୋଜିତ ପରୀକ୍ଷାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଠିକ ଭାବରେ ପରିଚାଳନା କରିବାରେ ସରକାର ବିଫଳ। ସାଧାରଣ ଜନତା ପରିବର୍ତ୍ତନ ଆଣିବା ପାଇଁ ନୂଆ ସରକାର ଚୟନ କଲେ। ସରକାର ବଦଳିଛି। ହେଲେ ସ୍ଥିତି ଯେମିତି ଥିଲା, ତା'ଠାରୁ ଦୁଇ ଗୁଣା ଅଧିକ ଖରାପ ହୋଇଛି। ରାଜ୍ୟ ରାଜନୀତି ସରଗରମ। ମାତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଧୀରେ ଧୀରେ ଶୋଚନୀୟ ହେବାକୁ ଯାଉଛି, ସେଥିପାଇଁ କାହାର ଦୃଷ୍ଟି ନାହିଁ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ପ୍ରତିବର୍ଷ ସର୍ବେକ୍ଷଣ କରି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଗୋଟିଏ ରିପୋର୍ଟ କରି ସରକାରୀ ସ୍ତରରେ ସମୀକ୍ଷା କରି ପ୍ରତିବର୍ଷ କିଛି କିଛି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ତେବେ ଅନେକ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇବେ। ରାଜ୍ୟରେ ବେକାରୀ ସମସ୍ୟା ଧୀରେ ଧୀରେ ହ୍ରାସ ହେବ। ଶିକ୍ଷା କ୍ଷେତ୍ର ସଶକ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପଇଁ ଖାଲି ଯୋଜନା କଲେ ହେବ ନାହିଁ, ବରଂ ଯୋଜନାକୁ ସଠିକ ପରିଚାଳନା କରିବାର ଆବଶ୍ୟକତା ରହିଛି। ଯୁବବର୍ଗଙ୍କ ପ୍ରତି ଦୃଷ୍ଟି ଦେଇ ଯଦି ସରକାର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରତି ବର୍ଷ ସୃଷ୍ଟି କରିବେ, ତେବେ ନିଶ୍ଚୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତିରେ ସୁଧାର ଆସିବ। ●

ମୋ: ୭୮୪୮୦୦୦୬୭୬

# ବନବିଧ୍ୱଂସ ମାନବ ସଭ୍ୟତାକୁ ହତ୍ୟା କରିପାରେ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଜୀବଜଗତକୁ ଅରଣ୍ୟର ଅବଦାନ ଅବର୍ଣ୍ଣନୀୟ। କିନ୍ତୁ କ୍ଷୋଭର ବିଷୟ ଯେ ଏହା ବୁଝିସୁଦ୍ଧା ନିଜ ଗୋଡ଼ରେ କୁରାଢ଼ୀ ମାରିବା ଭଳି ଆମେ ତାକୁ ଧ୍ୱଂସ କରିଚାଲିଛୁ। ଏକ ଆକଳନ ଅନୁସାରେ ବର୍ଷକୁ ପୃଥିବୀରେ ୧୫ ରୁ ୧୮ ନିୟୁତ ହେକ୍ଟର ବନ ବିଧ୍ୱଂସ ହେଉଛି। ଜାଗତିକ ଉଷ୍ମତାଠାରୁ ପରିସଂସ୍ଥାର ଅବକ୍ଷୟ ଆଦି ନାନଦି ପରିବେଶୀୟ ବିପର୍ଯ୍ୟୟର ଏହା ହେଉଛି ମୁଖ୍ୟ କାରଣ। ନିକଟରେ ଲିଡସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସୂଚୀତ କରିଛନ୍ତି ଯେ ଏହାଫଳରେ ଘଟୁଥିବା ତାପମାତ୍ରା ବୃଦ୍ଧିର ବିଭିନ୍ନ ପ୍ରଭାବରେ ବିଗତ ୨୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ପ୍ରାୟ ଅଧ ନିୟୁତରୁ ଅଧିକ ଲୋକ। ଏହି ଗବେଷକମାନଙ୍କ ସୂଚନା ଅନୁସାରେ ବନ ବିଧ୍ୱଂସ ସଫଳରେ ବିଶେଷକରି ଆମାଜନ, କଙ୍ଗୋ ଏବଂ ଦକ୍ଷିଣ-ପୂର୍ବ ଏସିଆର ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ପ୍ରକୃତି ଓ ପରିବେଶ ବଦଳିବା ସହିତ ଜୀବଜଗତର ସମସ୍ତଙ୍କ ଉପରେ ପଡୁଛି ତାହାର ଘାତକ ପ୍ରଭାବ। ସେମାନେ ଆକଳନ କରିଛନ୍ତି ଯେ ଅରଣ୍ୟ ସଂକୋଚନ ପ୍ରଭାବିତ ଅଞ୍ଚଳର ତାପବୃଦ୍ଧିର ଏକ-ତୃତୀୟାଂଶରୁ ଅଧିକ ପାଇଁ ଦାୟୀ। ପୁନଶ୍ଚ ସେଠାର ଜଳବାୟୁରେ ଘଟୁଥିବା ଅବ୍ୟବସ୍ଥାର ଏହା ମଧ୍ୟ ମୁଖ୍ୟ କାରଣ।

ବିଷୁବୀୟ ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ୩୪୫ ନିୟୁତ ଲୋକ ବନ ବିଧ୍ୱଂସ ଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା ୨୦୦୧ ମସିହାରୁ ୨୦୨୦ ମସିହା ମଧ୍ୟରେ ଅନେକ ସମୟରେ ପ୍ରାୟ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି କରୁଛି। ଗବେଷକମାନଙ୍କ ମତରେ ବନବିଧ୍ୱଂସ କାରଣରୁ ଘଟୁଥିବା ତାପମାତ୍ରା ବୃଦ୍ଧି ହେତୁ ଏଠାର ବାର୍ଷିକ ପ୍ରାୟ ୩୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବିବିଧ ରୋଗବ୍ୟାଧି ଏବଂ ଶାରୀରିକ ଅକ୍ଷମତା ଯୋଗୁଁ। ଏହାବ୍ୟତୀତ ବିଷୁବମଣ୍ଡଳୀୟ ଆଫ୍ରିକାର ଏକ-ତୃତୀୟାଂଶ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବ୍ୟାପକ ଅଞ୍ଚଳର ଲୋକେ ତାପବୃଦ୍ଧିଜନିତ ବିବିଧରୋଗରେ ପୀଡ଼ିତ ହେବା ସହିତ ଅକାଳମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଗବେଷକମାନେ ବ୍ରାଜିଲ୍ ଘାନା, ଇଂଲଣ୍ଡ ଆଦି କେତେକ ଦେଶରେ ଦୁର୍ଘଟଣା ଜନିତ ହୋଇଥିବା ମୃତ୍ୟୁହାର ଏବଂ ବିଷୁବମଣ୍ଡଳର ଅରଣ୍ୟବିଧ୍ୱଂସ ଯୋଗୁଁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ହେତୁ ଘଟୁଥିବା ମୃତ୍ୟୁହାରକୁ ତୁଳନା କରିଥିଲେ। ଏପ୍ରକାର ଅଧ୍ୟୟନ ଏବେ କରାଯାଇଛି ପ୍ରଥମଥର ପାଇଁ। ଆଗକୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହା ବ୍ୟାପକ ରୂପେ କରିବା ପାଇଁ ଗବେଷକମାନେ ଲକ୍ଷ୍ୟ ରଖିଛନ୍ତି।

ଲିଡସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋମିନିକ୍ ସ୍ପ୍ରାକ୍‌ଲେନ୍ ମତ ଦେଇଛନ୍ତି ଯେ ଏହା ହେଉଛି ବନ ବିଧ୍ୱଂସ ହତ୍ୟା କରିପାରେ ବୋଲି ଏକ ଚେତାବନୀ। ସେ ଆଶା କରିନ୍ତି ଯେ ଅନେକ ଲୋକ ଏହାକୁ ନେଇ ବିସ୍ମୟ ପ୍ରକାଶ କରିପାରନ୍ତି। କାରଣ ବନ ବିଧ୍ୱଂସର ଏପ୍ରକାର ବିପଦସମୂହ ସାଧାରଣ ଭାବେ, ଜାଗତିକ ଜଳବାୟୁ ସଂପର୍କରେ ଆଲୋଚନା ଭିତରେ ହଜିଯାଉଛି। ଅନ୍ୟପକ୍ଷରେ ବଜାରଭିତ୍ତିକ କୃଷି, ଶିଳ୍ପ ଓ ସହରୀକରଣ ବିସ୍ତାରିତ ହୋଇ ରହିଛି। ବ୍ରାଜିଲର ମାଟୋଗ୍ରୋସୋ ଅଞ୍ଚଳରେ ଘଟିଥିବା ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ। ସ୍ପ୍ରାକଲେନଙ୍କ ମତରେ ତାପମାତ୍ର ବୃଦ୍ଧି ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟ ଜନିତ ବିପଦରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରାଜିକୁ ଅପରିବର୍ତ୍ତିତ ରଖିବା କିମ୍ବା ପରିବର୍ଦ୍ଧିତ କରିବା ଦରକାର। ତାହା ମଣିଷ ସମେତ ବହୁ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିପାରିବ ଏବଂ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ପୁନଶ୍ଚ ସେ କହନ୍ତି ଏହି ଜଙ୍ଗଲ ସୁରକ୍ଷା କେବଳ ଜଳବାୟୁ ପାଇଁ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଲୋକଙ୍କର ହିତ ସାଧନ କରିବ। ଏଗୁଡ଼ିକ ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଯଥେଷ୍ଟ ବୃଷ୍ଟିପାତ କରାଇବେ ଏବଂ ଲୋକେ ନିର୍ଭର କରୁଥିବା କୃଷିକୁ ସହାୟତା କରିବେ। ଜନସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧିରେ ମଧ୍ୟ ବୃକ୍ଷର ଭୂମିକା ରହିଛି।

ଏଣୁ ଅରଣ୍ୟଗୁଡ଼ିକୁ ନିଷ୍କ୍ରିୟ ବୋଲି ମନେ କରିବା ଉଚିତ ନୁହେଁ। ସେଗୁଡ଼ିକ ପ୍ରକୃତରେ କଠୋର ପରିଶ୍ରମ କରିଥା'ନ୍ତି ଏବଂ ଆମ ଜୀବନଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟମାନ କରିନ୍ତି। ଏଣୁ ଚାଲନ୍ତୁ ଯଥାସମ୍ଭବ ବନବିଧ୍ୱଂସକୁ ପ୍ରତିହତ କରିବା ଏବଂ ବନ ଭୂମିର ଆକାର ବୃଦ୍ଧି କରିବା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ନୂଆଁଖାଇ ଭେଟଘାଟରେ ଝୁମିଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ




**କଟକ,୨୭।୧୦(ସମିସ):** ସ୍ଥାନୀୟ ନଗରଭିତ୍ତିକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅତ୍ୟନ୍ତ ହର୍ଷୋଲ୍ଲାସ ମଧ୍ୟରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇକୋ କ୍ଲବ୍ ଓ ଏକ୍ସିଡ୍ କ୍ଲବ୍ ସହଯୋଗରେ ଆୟୋଜିତ ଦିବସବ୍ୟାପୀ ଏହି ଭେଟଘାଟ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ। କୁଳପତି ପ୍ରଫେସର ଡ. ତେଜପ୍ରତାପ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଏହା ରାଜ୍ୟର ସଭ୍ୟତା ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ତଥା ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପାର୍ଥସାରଥି ମିଶ୍ର, ସୀମା ତ୍ରିପାଠୀ, ସ୍ୱାଧୀନ ମହାନ୍ତି, ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ମେଣ୍ଟର ଥିବାବେଳେ ଛାତ୍ର ସୌମ୍ୟଦର୍ଶୀ ପ୍ରଧାନ ସଂଯୋଜକ ଦାୟିତ୍ୱରେ ଥିଲେ। ରିତେଶ ନାୟକ ଲୋକସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶୀ ନୃତ୍ୟ ପ୍ରଦର୍ଶନୀରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ପରେ ସମ୍ବଲପୁରୀ ସଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ସମ୍ବଲପୁରୀ ଆଉଟ୍ ଫିଟରେ ରାମ୍ପ ୱାକ୍, ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କବିତା ଆବୃତ୍ତି ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏଥିସହ ପଶ୍ଚିମ ଓଡ଼ିଶାର ସନାମଧନ୍ୟ କଳାକାର ଜୋଗିଅସ୍ ବାଘ, ଦ ଆର୍ ସ୍କୋୟାର୍, ଏସ୍ ହାପିଷ୍ଟେ, ଅଙ୍କିତ ରାଜ୍ ଏବଂ ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ରଙ୍ଗାରଙ୍ଗ ପ୍ରଦର୍ଶନ ସାଙ୍ଗକୁ ଶରଧାପାଲି ଶରଗମିଲି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏଥି ସହ ବିଶ୍ୱବିଦ୍ୟାଳୟ ପରିସରରେ ସୁସ୍ୱାଦୁ ଫୁଡ୍ ଷ୍ଟଲ୍ ଗୁଡ଼ିକରେ ମଧ ଉପସ୍ଥିତ ଖାଦ୍ୟପ୍ରେମୀମାନେ ଭିଡ଼ ଜମାଇଥିଲେ।

**ଏକାଠି ହେଲେ ପଶ୍ଚିମ ଓଡ଼ିଶା ଛାତ୍ରଛାତ୍ରୀ**

### ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ

# ସହରରୁ ହଟିବ ବେଆଇନ ଜୁଆ ଆଡ୍ଡା

**କଟକ, ୨୭।୧୦(ସମିସ)**

କମିଶନରେଟ୍ ପୁଲିସ ଥାନାୱାରୀ ବେଆଇନ୍ ଭାବେ ଚାଲିଥିବା ଜୁଆ ଆଡ୍ଡାର ତାଲିକା ପ୍ରସ୍ତୁତ କରିଛି। ଏଣିକି ଜୁଆ ଆଡ୍ଡା ଉପରେ ଚଢ଼ଉ କରିବ ନାହିଁ, ସିଧା ବୁଲ୍ ଡୋଜର୍ ଚଢାଇ ଆଡ୍ଡାକୁ ମାଟିରେ ମିଶେଇଦେବ ବୋଲି ଚେତାବନୀ ଦେଇଛି। ଗତକାଲି ଚାଉଳିଆଗଞ୍ଜ ଥାନା ପୁଲିସ ୧୫ ଜୁଆଡିଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଥାନା ଗୁଡ଼ିକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ନିର୍ଦ୍ଦେଶ ଦେଇଛନ୍ତି। ସହରର କୌଣସି ସ୍ଥାନରେ ଜୁଆ ଆଡ୍ଡା ଥିଲା, ତାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସର ଗୁଇନ୍ଦା ରିପୋର୍ଟ ଅନୁସାରେ, ସହରରେ କେତେକ ସ୍ଥାନରେ ଜୁଆ ଆଡ୍ଡା ଚାଲିଛି। ତାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପଟେ ସାଇବର ଥାନା ପକ୍ଷରୁ ଅନଲାଇନ୍ ଜୁଆକୁ ବନ୍ଦ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ସାଇବର ଥାନା ପୁଲିସ ଅନଲାଇନ୍ ଜୁଆ ନ ଖେଳିବାକୁ ଉଭୟ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛି। ଯୁବବର୍ଗମାନେ ନକଲି ଆପ୍ ମାୟାରେ ପଡ଼ି ଅନଲାଇନ୍‌ରେ ଜୁଆ ଖେଳି ଲକ୍ଷାଧିକ ଟଙ୍କା ହରାଉଥିବା ପୁଲିସ ନଜରକୁ ଆସିଛି। ଏଣୁ ମୋବାଇଲ୍ ପ୍ଲେଷ୍ଟୋରରୁ ମନଇଛାରେ ଆର୍ଥିକ କାରବାର ହେଉଥିବା ଗେମ୍ ଡାଉନଲୋଡ୍ ନ କରିବାକୁ ପୁଲିସ ନୂତନ ମାର୍ଗଦର୍ଶିକା ଜାରି କରିଛି। ସ୍ୱଳ୍ପ ଟଙ୍କା ବିନିଯୋଗ କରି ଲକ୍ଷାଧିକ ଟଙ୍କା ଆୟ କରିବା ଲୋଭରେ ଯୁବବର୍ଗ ନିଜର ବ୍ୟାଙ୍କ୍ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହରାଉଛନ୍ତି। ଗତ ୮ ମାସ ମଧ୍ୟରେ କଟକ ସାଇବର ଥାନାରେ ଅନଲାଇନ୍ ଜୁଆ ଖେଳି ଟଙ୍କା ହରାଇଥିବା ଅଭିଯୋଗକାରୀଙ୍କ ସଂଖ୍ୟା ୬୦ ଛୁଇଁଲାଣି। ଦିନକୁ ଦିନ ମୋବାଇଲ୍ ପ୍ଲେଷ୍ଟୋରରୁ ଅର୍ଥ ଲଗାଣ ଗେମ୍ ଡାଉନ୍‌ଲୋଡ୍ କରି ଜୁଆ ଖେଳାଳିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ଜୁଆ ଖେଳରୁ ଦୂରେଇ ରହିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସ୍କୁଲ ଓ କଲେଜ ଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା କର୍ମଶାଳାମାନ ଆୟୋଜନ କରାଯାଉଛି। ହେଲେ ଏହାର ପ୍ରଭାବ ପଡୁ ନ ଥିବା ସାମ୍ନାକୁ ଆସୁଛି। ଏଣୁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜ ପିଲାମାନଙ୍କୁ ଅନଲାଇନ୍ ଜୁଆ ସମ୍ପର୍କରେ ସଚେତନ କରାଇବାକୁ ସାଇବର ଥାନା ପୁଲିସ ନିବେଦନ କରିଛି।

**୧୫ ଜୁଆଡି ଗିରଫ ପରେ ପୁଲିସର ତନାଘନା**

**ଏଣିକି ଉଭୟ ଅନଲାଇନ୍ ଓ ଅଫଲାଇନ୍ ଜୁଆ ଆଡ୍ଡା ଉପରେ ହେବ ଚଢଉ**

ମିଳିଥିବା ସୂଚନା ଅନୁସାରେ, ସର୍ବନିମ୍ନ ୧୧ ଟଙ୍କାରୁ ଜୁଆଖେଳ ଆରମ୍ଭ ହେଉଛି। ସର୍ବାଧିକ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଏହି କାରବାର କରାଯାଉଛି। ବିଭିନ୍ନ ବର୍ଗରେ ଜୁଆଡିଙ୍କୁ ସାମିଲ କରାଯାଇ ଅନଲାଇନ୍ ମାଧ୍ୟମରେ ଖେଳ ହେଉଛି। ଖେଳର ଅବଧି ୩ ପ୍ରକାର ଧାର୍ଯ୍ୟ ହୋଇଛି। ୧୫ ମିନିଟ୍, ୧ଘଣ୍ଟା ଓ ଦିନିକିଆ ଭାବେ ଜୁଆର ସମୟ ଧାର୍ଯ୍ୟ ହୋଇଛି। ଏହି ସମୟ ମଧ୍ୟରେ ଜୁଆଡିମାନେ ବେଟ୍ ଲଗାଉଛନ୍ତି। ଏକାଧିକ ଆପ୍ଲିକେସନ୍ ମାଧ୍ୟମରେ ଏଠାରେ ଜୁଆଖେଳ ହେଉଛି। ଦୁଇ ପ୍ରକାର ଅର୍ଥ ଲଗାଣ କାରବାର କରାଯାଉଛି। ଅନ୍‌ଲାଇନ୍ ପେମେଣ୍ଟ ମାଧ୍ୟମରେ ଯୁଆଡିମାନେ ଅର୍ଥ ଲଗାଣ କରୁଥିବା ବେଳେ ଅଫ୍‌ଲାଇନ୍ (ହାର୍ଡ କ୍ୟାସ୍)ରେ ଟଙ୍କା ଆଦାନପ୍ରଦାନ ମଧ୍ୟ କରାଯାଉଛି। ଅନଲାଇନ୍ ଜୁଆ ଖେଳରେ ଛାତ୍ରଛାତ୍ରୀ, ଯୁବବର୍ଗ ନିଜ ଘରେ ବସି ମୋବାଇଲ୍‌ରେ ଟଙ୍କା ବିନିଯୋଗ କରୁଥିବା ବେଳେ ଅଫଲାଇନ୍ ଜୁଆ ଖେଳରେ ରିକ୍ସାବାଲା, ଟ୍ରଲି ଚାଳକ, ଛୋଟ ବ୍ୟବସାୟୀଙ୍କୁ କୋଟିପତି କରାଇବାର ପ୍ରଲୋଭନ ଦେଖାଇ ଜୁଆଖେଳର ମୁଖ୍ୟମାନେ ଲୁଟ୍ କରୁଛନ୍ତି। ଅଫ୍‌ଲାଇନ୍ ମାଧ୍ୟମରେ ଯେଉଁମାନେ ଜୁଆଖେଳ ଖେଳୁଛନ୍ତି, ସେମାନେ ତାସର ପତା ସହାୟ୍ୟରେ ବେଟ୍ ଲଗାଉଛନ୍ତି। ଖୋଲାଖୋଲି ଭାବେ କଟକ ସହରରେ ଏହି ଜୁଆଆଡ୍ଡା ଚାଲୁଛି। ଏହାକୁ ଖୁବଶୀଘ୍ର ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ମାମଲା ପରିସମାପ୍ତି ରିପୋର୍ଟ ଗ୍ରହଣ ପରେ ଅଦାଲତ ପ୍ରୋଟେଷ୍ଟ ପିଟିସନ୍‌କୁ ବିଚାର ପାଇଁ ଗ୍ରହଣ କରିପାରିବେ: ହାଇକୋର୍ଟ

**କଟକ,୨୭ ।୧୦(ସମିସ):** ପ୍ରମାଣ ଅଭାବରୁ ପୁଲିସ ଦ୍ୱାରା ମାମଲା ପରିସମାପ୍ତି ରିପୋର୍ଟକୁ ଗ୍ରହଣ କରିବା ପରେ ଅଦାଲତ ଉକ୍ତ ଜେନେରାଲ ରେଜିଷ୍ଟର (ଜିଆର ମାମଲା) ଆଧାରରେ ବିଚାର କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି। କେବଳ ଯଦି ସୂଚନାଦାତା ତଥା ଅଭିଯୋଗକାରୀ ଯଦି ଚୂଡ଼ାନ୍ତ ଫର୍ମ ଗ୍ରହଣ ବିରୋଧରେ କୌଣସି ପ୍ରତିବାଦ ଆବେଦନ ଦାଖଲ କରନ୍ତି, ତେବେ ତାହାକୁ 'ଅଭିଯୋଗ' ଭାବରେ ବିବେଚନା କରାଯାଇପାରିବ। ସେହିଭଳି ଏହି ଅଭିଯୋଗ ଆଧାରରେ ମାମଲା ବିଚାରକୁ ନିଆଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ଜିଆର ମାମଲାରେ ମାଜିଷ୍ଟ୍ରେଟ୍‌ଙ୍କ କଗ୍ନିଜାନ୍ସ (ମାମଲା ଗ୍ରହଣ) ଆଦେଶରେ ତ୍ରୁଟିକୁ ନେଇ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ଦେବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଜିଆର. ମାମଲାରେ ଆବେଦନକାରୀଙ୍କ ବିରୁଦ୍ଧରେ ଅପରାଧର ବିଚାର କରିବା ସମୟରେ ଦଫା ୨୦୦ ସହିତ ୨୦୨ ସିଆରପିସି ଅନୁଯାୟୀ ପ୍ରକ୍ରିୟା ପାଳନ କରିବାରେ ମାଜିଷ୍ଟ୍ରେଟ୍‌ଙ୍କୁ ମାମଲା ବନ୍ଦ କରିବାକୁ ପଡିବ, ଏବଂ ପ୍ରତିବାଦ ଆବେଦନକୁ ଏକ ଅଭିଯୋଗ ଭାବରେ ପଞ୍ଜୀକରଣ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

1ମାମଲାରୁ ପ୍ରକାଶ ଯେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଆର୍ଥିକ ଅନିୟମିତତା ଅଭିଯୋଗ କରି ପ୍ରତିପକ୍ଷ ଛେଣ୍ଡିପଦା ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ କିଛି ପ୍ରମାଣ ନଥିବାରୁ ପୁଲିସ ମାମଲା ବନ୍ଦ ପାଇଁ ଛେଣ୍ଡିପଦା ଜେଏମଏଫସିଙ୍କ ଅଦାଲତରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। କ୍ଲୋଜର୍ ରିପୋର୍ଟ ଗ୍ରହଣ କରିବା ପରେ ଅଭିଯୋଗକାରୀ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଏକ ପ୍ରତିବାଦ ଆବେଦନ ଦାଖଲ କରିଥିଲେ। ମାଜିଷ୍ଟ୍ରେଟ୍ କିନ୍ତୁ ପ୍ରତିବାଦ ଆବେଦନକୁ ଅଭିଯୋଗ ମାମଲା ଭାବେ ବିଚାର କରିବା ପରିବର୍ତ୍ତେ ପୂର୍ବରୁ ରୁଜୁ ଜିଆର ମାମଲାକୁ ଆବେଦନକାରୀଙ୍କ ବିରୁଦ୍ଧରେ ବିଚାର ପାଇଁ ଗ୍ରହଣ କରିଥିଲେ। ଏହା ବିରୋଧରେ ସମ୍ପୃକ୍ତ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳସ୍ୱରୂପ, କୋର୍ଟ ଜିଆର ମାମଲା ଆଧାରରେ ନିଆଯାଇଥିବା ବିଚାରକୁ ବନ୍ଦ କରିବା ଏବଂ ପ୍ରତିବାଦ ଆବେଦନକୁ ଅଭିଯୋଗ ଭାବରେ ବିଚାର ପାଇଁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ନାବାଳିକା ଦୁଷ୍କର୍ମ ଅଭିଯୋଗରୁ ଦୁଇ ଜଣ ଦୋଷମୁକ୍ତ

**କଟକ, ୨୭ ।୧୦(ସମିସ):** ମାଉସୀ ପୁଅ ଭାଇର ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିବା ଓ ଏଥିରେ ମାଉସୀ ସହଯୋଗ କରିଥିବା ଅଭିଯୋଗରେ ରୁଜୁ ମାମଲାରେ ଉଭୟ ଅଭିଯୁକ୍ତ ଯାଜପୁର ଜିଲାର କୁଆଖିଆ ଥାନା ଅଧୀନସ୍ଥ ସଦାନନ୍ଦପୁରର ମନୋରଞ୍ଜନ ବେହେରା ଓ ପୂର୍ଣ୍ଣିମା ଦାସଙ୍କୁ ସାତ ବର୍ଷ ପରେ କଟକର ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ଫାଷ୍ଟ ଟ୍ରାକ କୋର୍ଟ ଦୋଷମୁକ୍ତ କରିଛନ୍ତି। ପୀଡ଼ିତା ନାବାଳିକା ଜନ୍ମ ଦେଇଥିବା ଶିଶୁକନ୍ୟାର ପିତା ସମ୍ପୃକ୍ତ ଅଭିଯୁକ୍ତ ମାଉସୀ ପୁଅ ହୋଇ ନ ଥିବା ଡିଏନଏ ରିପୋର୍ଟରୁ ପ୍ରମାଣିତ ହୋଇଥିଲା। ପୀଡ଼ିତା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିବାରୁ, ପ୍ରାୟ ଦେଢବର୍ଷ ପରେ ଡିଏନଏ ଯାଞ୍ଚ ପରେ, ମନୋରଞ୍ଜନ ଶିଶୁ କନ୍ୟାର ପିତା ନ ଥିବା ଜଣାପଡ଼ିଥିବାରୁ ହାଇକୋର୍ଟରୁ ଜାମିନ ମିଳିଥିଲା। ୨୦୧୮ ଜାନୁଆରୀରୁ ମାର୍ଚ୍ଚ ମାସ ଭିତରେ ୧୪ ବର୍ଷୀୟ ପୀଡ଼ିତା ବାରମ୍ବାର ଦୁଷ୍କର୍ମର ଶିକାର ହୋଇଥିବା ନେଇ ବହୁ ବିଳମ୍ବରେ ଅର୍ଥାତ ୨୦/୬/୨୦୧୮ ରିଖରେ କଟକ ମହିଳା ଥାନାରେ ଏତଲା ଦେଇଥିଲେ। ପରଦିନ କଟକ ବଡ ଡାକ୍ତରଖାନାରେ ପୀଡ଼ିତାର ଡାକ୍ତରୀ ମାଇନାରେ ସେ ସାତମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପ୍ରକୃତ ଅପରାଧୀକୁ ମହିଳା ଥାନା ପୁଲିସ ଧରିବାକୁ ଅନୁସନ୍ଧାନ କରି ନ ଥିବାରୁ, ଏହା 'କାଉ ଖାଇଲା ପଣସ-ବଗ ମୁଣ୍ଡରେ ଅଠା' ବୋଲିବା କଥା ଭଳି ହୋଇଥିବା ଆଲୋଚନା ହେଉଛି। ଅଭିଯୁକ୍ତଙ୍କ ତରଫରୁ ଆଡଭୋକେଟ ଶଶିଭୂଷଣ ଦାସ ମାମଲା ପରିଚାଳନା କରୁଥିଲେ।

### ଅଗ୍ନିଶମ ବାହିନୀର ବାତ୍ୟା ମୁକାବିଲା ପ୍ରସ୍ତୁତି

# ଆସନ୍ତା ୭୨ ଘଣ୍ଟା ଯାଏ ସଜାଗ ରହିବାକୁ ନିର୍ଦ୍ଦେଶ

**କଟକ, ୨୭।୧୦(ସମିସ):** କଟକ ଜିଲ୍ଲାରେ ବାତ୍ୟା ମୋନ୍ଥା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ବାତ୍ୟା ସମୟରେ ଏବଂ ପରବର୍ତ୍ତୀ ଉଦ୍ଧାରକାର୍ଯ୍ୟ ପାଇଁ ଜିଲ୍ଲାର ମୋଟ ୧୯ଟି ଅଗ୍ନିଶମ କେନ୍ଦ୍ରକୁ ୨୪ ଘଣ୍ଟିଆ ଆଲର୍ଟରେ ରଖାଯାଇଛି। ପର୍ଯ୍ୟାପ୍ତ ଉଦ୍ଧାରକାର୍ଯ୍ୟ ଉପକରଣ ସହ ଆବଶ୍ୟକ ସଂଖ୍ୟାରେ ଅଗ୍ନିଶମ କର୍ମଚାରୀ ସଜାଗ ରହିଛନ୍ତି।

ଅଗ୍ନିଶମ ବିଭାଗର କଟକ ସର୍କଲ ଅଧୀନ ବକ୍ସିବଜାର, ବିଡାନାସୀ, ଚାଉଳିଆଗଞ୍ଜ, ବାରଙ୍ଗ, ନିଆଳି, ଅଡଶପୁର, କୁଆଁପାଳ, ସାଲେପୁର, ମାହାଙ୍ଗା, ଚୌଦ୍ୱାର ଏବଂ ନିଶ୍ଚିନ୍ତକୋଇଲି ଅଗ୍ନିଶମ କେନ୍ଦ୍ର ରହିଛି। ସେହିପରି ଆଠଗଡ଼ ସର୍କଲ ଅଧୀନରେ ମୋଟ ୮ଟି ଅଗ୍ନିଶମ କେନ୍ଦ୍ର ରହିଛି। ବାତ୍ୟାକୁ ଦୃଷ୍ଟିରେ ରଖି ସବୁ କେନ୍ଦ୍ରର କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ଆଗାମୀ ୭୨ ଘଣ୍ଟା ଯାଏ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପର୍ଯ୍ୟାପ୍ତ କଟର ମେସିନ, ପାୱାର ବୋଟ, ଆସ୍କା ଲାଇଟ ସହ ଅନ୍ୟାନ୍ୟ ଉପକରଣ ଆଦି ମହଜୁଦ ରଖାଯାଇଛି। ବର୍ଷା, ପବନ ଯୋଗୁଁ ହଠାତ କୌଣସି ସ୍ଥାନରେ ଘର ଉପରେ ଗଛ ଭାଙ୍ଗପଡ଼ିଲେ କିମ୍ବା ରାସ୍ତା ଅବରୋଧ ହେଲେ ଅଗ୍ନିଶମ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚିବେ। ଲଗାଣ ବର୍ଷା ଯୋଗୁଁ କଟକ ସହର କିମ୍ବା ଗ୍ରାମାଞ୍ଚଳର କୌଣସି ତଳିଆ ଅଞ୍ଚଳରେ ପାଣି ଜମିଲେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ କରାଯିବ। ଯଦିଓ କଟକ ଜିଲ୍ଲାରେ ବାତ୍ୟାର ପ୍ରଭାବ ସେତେଟା ପଡ଼ିବନାହିଁ ବୋଲି ଆଶଙ୍କା କରାଯାଉଛି। କିନ୍ତୁ ବାତ୍ୟା ଜନିତ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ଏମିତିକି ରାଜ୍ୟର ପ୍ରଭାବିତ ଜିଲ୍ଲାକୁ ଉଦ୍ଧାରକାର୍ଯ୍ୟ ନିମନ୍ତେ କଟକର ଏକ ଟିମ ଯିବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# 'ଉତ୍କଳ ସାହିତ୍ୟ ସମାଜ'ର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସଂକଳ୍ପ ଉତ୍ସବ

**କଟକ, ୨୭।୧୦(ସମିସ):** 'ଉତ୍କଳ ସାହିତ୍ୟ ସମାଜ'ର ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କ ସଙ୍କଳ୍ପ ଉତ୍ସବ ୨୭ ଅକ୍ଟୋବର ୨୦୨୫ ରିଖ ସୋମବାର ସଂଧ୍ୟାରେ ଶତାୟୁ ସୌଧ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ହୋଇଯାଇଛି। ଏହି ସ୍ମରଣୀୟ ସମାରୋହରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗୁରୁ ମହାନ୍ତି ନବନିର୍ବାଚିତ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଏବଂ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଡ. ଗାୟତ୍ରୀ ଦେବୀ, ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଡ. ରଘୁ ସାହୁ, ଡ. ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟିଙ୍କୁ ଶପଥପାଠ କରାଇଥିଲେ। ଉତ୍ସବରେ ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ନିର୍ବାଚନ ପରିଚାଳକ ନବକିଶୋର ଦାସ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୀତା ରାୟ ପରିଚାଳନା କରିଥିଲେ




# କଟକ ସିଏମ୍‌ସିସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କଟକ, ୨୭।୧୦(ସମିସ):** ନେହେରୁ ଉଚ୍ଚ ବିଦ୍ୟାପୀଠରେ କଟକ ମହାନଗର ନିଗମସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ଅନ୍ତର୍ଗତ ୧୮ ଟି କ୍ଲଷ୍ଟରର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରାଙ୍କନ,



ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ହେବାକୁ ଥିବା ସୁରଭିରେ ଅଂଶଗ୍ରହଣ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବ୍ଲକ ଶିକ୍ଷାଧିକାରୀ ମନିଷା ବିଶ୍ୱାଳ, ମହାନଗର ନିଗମ ସହକାରୀ ଶିକ୍ଷାଧିକାରୀ ସଞ୍ଜୁବାଳା ମିଶ୍ର, ଅନନ୍ତ ଚରଣ ଦେହୁରୀ ପରିଚାଳନା କମିଟି ସଭାପତି ତୁମୁକି ଗୁପ୍ତା, ଗ୍ରାମ୍ୟ କମିଟିର ସମ୍ପାଦକ ହୃଷିକେଶ ସାହୁ ଅତିଥିଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମନିଷା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସଦର ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋସ୍, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୁବାଳା ମିଶ୍ର, ରବୀନ୍ଦ୍ର ବେହେରା ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଯୋବ୍ରା ସିଆରସିସି ଶୁଭସ୍ମିତା ମହାପାତ୍ରଙ୍କ ସମେତ କଟକ ସଦର ଓ ମହାନଗର ନିଗମ ସିଆରସିସିଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିହାରୀ ସମ୍ପ୍ରଦାୟର ପବିତ୍ର ଛଟ ପର୍ବ

**କଟକ, ୨୭।୧୦(ସମିସ):** ଆଜି ପବିତ୍ର ଛଟ ପୂଜା। କଟକ ସହରର ଉଭୟ ପାର୍ଶ୍ୱରେ ଥିବା ମହାନଦୀ ଏବଂ କାଠଯୋଡ଼ି ନଦୀକୂଳରେ ଶହ ଶହ ମହିଳା ବ୍ରତଧାରୀ ମାନେ ଓଷା ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଛନ୍ତି। ବିଶେଷ କରି କଟକ ସହରରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟଙ୍କ ପକ୍ଷରୁ ଏହି ଛଟ ପୂଜା କରାଯାଏ। ଏହା ପ୍ରକୃତିର ପୂଜା। ସୂର୍ଯ୍ୟ ଦେବତା ଜଳ ଏବଂ ବାୟୁ ମଣ୍ଡଳକୁ ପୂଜା କରାଯାଏ। ଏହି ପୂଜା ଲାଗି ବିହାରୀ ସମ୍ପ୍ରଦାୟ ପକ୍ଷରୁ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ବହୁ ସଂଖ୍ୟକ ମହିଳାମାନେ ଏକ ଶୋଭାଯାତ୍ରାରେ



ଆସି ନଦୀକୂଳରେ ପୂଜାର୍ଚ୍ଚନା କରିଛନ୍ତି। ଆଖୁ, ଫଳ ମୂଳ, ଏବଂ ଅର୍ଘ୍ୟ ଦେଇ ସୂର୍ଯ୍ୟଦେବତାଙ୍କୁ ପୂଜା କରିଥିଲେ। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ନିଜ ପରିବାରର ସୁଖଶାନ୍ତି ସମୃଦ୍ଧି ଲାଗି ଏହି ପୂଜା କରାଯାଇଛି। ଏହି ଛଟ ପୂଜା ବିହାରୀ ସମ୍ପ୍ରଦାୟର ଗଣପର୍ବ ଭାବରେ ପରିଚିତ। ଏହି ପୂଜା ନିମନ୍ତେ ମହାନଦୀ ଏବଂ କାଠଯୋଡି ନଦୀ କୂଳରେ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶାସନ ପକ୍ଷରୁ କଡାକଡି କରାଯାଇଛି। କାଠଯୋଡ଼ି ନଦୀକୂଳ ଦେବୀ ଗଡ଼ା ଠାରେ କଟକ ମହାନଗର ଛଟ ପୂଜା ସମିତି ପକ୍ଷରୁ ଛଟ ପୂଜାର ଆୟୋଜନ କରାଯାଇଛି।


**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025


# ପ୍ରଦୀପ ରାଓଙ୍କ ବିୟୋଗରେ ଶୋକ

**କଟକ, ୨୭।୧୦(ସମିସ):** ବିଶିଷ୍ଟ ହୋମିଓପ୍ୟାଥିକ ଡାକ୍ତର ପ୍ରଦୀପ ରାଓଙ୍କ ବିୟୋଗରେ ମାଷ୍ଟର୍ସ ଡିଗ୍ରୀ ହୋଲଡର୍ସ ଆସୋସିଏସନ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭ୍ୟମାନେ ଡାକ୍ତର ରାଓଙ୍କ ବହୁମୁଖୀ ସମାଜସେବା ଉପରେ ଆଲୋକପାତ କରିବା ସହ ସେ ଜଣେ ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସକ ଭାବେ ରାଜ୍ୟର ସୁନାମ ଅର୍ଜନ କରିଥିଲେ ବୋଲି କହିଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଆଇନଜୀବୀ ଦେବକାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ନଳିନୀ ଜେନା, ଭବନାଥ ଦାଶ, ଜ୍ଞାନରଞ୍ଜନ ମିଶ୍ର, ମନୋଜ ସିଂହ, ଦୀନେଶ ସିଂହ, ଶଶାଙ୍କ ମହାପାତ୍ର, ଭାସ୍କର ପଣ୍ଡା, ଜୟକୃଷ୍ଣ ମହାପାତ୍ର, ପରଞ୍ଜୟ ମିଶ୍ର, ଶ୍ରୀଜୟ କର, ଦେବାଶିଷ ମହାନ୍ତି ଏବଂ ରଞ୍ଜନ ପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡାକ୍ତର ରାଓଙ୍କ ସ୍ମୃତିଚାରଣ କରିଥିଲେ।

### ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ମହାନଦୀରେ ବୁଲିବ ୭ଟି ବୋଇତ

**କଟକ, ୨୭।୧୦(ସମିସ)**

ଆଉ କେଇଟା ଦିନ ପରେ କଟକ ବାଲିଯାତ୍ରା। ଏଥି ପାଇଁ ଯାତ୍ରା ପଡ଼ିଆ ଚଳଚଞ୍ଚଳ ହୋଇ ଉଠିଲାଣି। ପହଞ୍ଚିଗଲାଣି ଦୋଳି। ବ୍ୟବସାୟୀମାନେ ଦୋଳି ବାନ୍ଧିବାରେ ବ୍ୟସ୍ତ। ମଞ୍ଚ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଷ୍ଟଲ ପାଇଥିବା ବ୍ୟବସାୟୀ ଏବେ ପଡ଼ିଆରେ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଚଳିତଥର ମହାନଦୀରେ ମୁଖ୍ୟ ବୋଇତ ସହ ଅନ୍ୟ ୬ରୁ ଅଧିକ ବୋଇତ ବୁଲିବ। ଅତିଥିମାନେ ଆସିବାକୁ ଥିବା ବୋଇତ ପ୍ରାୟ ୫୦ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ୬ଟିକୁ ଏକ ଫୋମ୍‌ରେ ତିଆରି କରାଯାଉଛି। ୯ଦିନ ଧରି ଏହାକୁ ମହାନଦୀରେ ଭସାଯିବ। ଅନ୍ୟପକ୍ଷରେ ୨ଟି ପ୍ରଜ୍ଞାପନ ମେଢକୁ ବୋଇତ ଆକାର ଦିଆଯିବ। ଏହା ବାଲିଯାତ୍ରା ପଡ଼ିଆରେ ବୁଲିବାର କାର୍ଯ୍ୟକ୍ରମ ରହିଛି।

ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ 'କଟକ ଇନ୍ କଟକ'। ନୂଆ ବୋହୂ ରୂପେ ଏହି ପାଭିଲିୟନ ସଜେଇ ହେବା ଆରମ୍ଭ କରିଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଉଛି। ଏଭଳି ରୂପର ରୂପକାର ସାଜିଛନ୍ତି କିଛି ଛାତ୍ରଛାତ୍ରୀ। ଚଳିତବର୍ଷ କିଛି କଳାର ଛାତ୍ରଛାତ୍ରୀଙ୍କୁ ମିଳିଛି ଏହି ଦାୟିତ୍ୱ। ଭୁବେନଶ୍ୱରସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଏବଂ କାରୁକଳା ମହାବିଦ୍ୟାଳୟର ପ୍ରାୟ ୮ ଛାତ୍ରଛାତ୍ରୀ ଏହି କଳାକୃତିରେ ଲାଗି ପଡ଼ିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଥିମ ନେଇ ସେମାନେ ପ୍ରସ୍ତୁତ କରୁଛନ୍ତି ଚିତ୍ରକଳା। ବିଭିନ୍ନ ଫୋମ୍‌ରେ ତିଆରି ଷ୍ଟାଚ୍ୟୁ ସହ କୋଣାର୍କ ମନ୍ଦିର ଚକ୍ର ତିଆରି କରିଛନ୍ତି। ଏଥିସହ ବିଭିନ୍ନ ବୋଇତ ଆଦି ସେମାନଙ୍କର ସୂକ୍ଷ୍ମ କାରିଗରୀ ଏଥର ବାଲିଯାତ୍ରାର ଶୋଭା ବଢ଼ାଇ। ଏହି ପାଭିଲିୟନ ପରିସରରେ ୬ ବରପୁତ୍ରଙ୍କ ପ୍ରତିକୃତି ସ୍ଥାପନ କରାଯିବ। ଆଦି କବି ସାରଳା ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭଳି ୬ ସାରସ୍ୱତ ସାଧକ ତଥା ବରପୁତ୍ରଙ୍କ ପ୍ରତିକୃତି ତିଆରି ଚାଲିଛି। ସେହିଭଳି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପ୍ରତିକୃତି ମଧ କଟକ ଇନ୍ କଟକରେ ରହିବ ବୋଲି ଜଣାପଡ଼ିଛି।

## ଅନୁଭୂତ ହେଲାଣି ବାତ୍ୟା ମୋନ୍ଥାର ପ୍ରକୋପ

# ବର୍ଷା ଓ ପବନରେ କ୍ଷୟକ୍ଷତି ଆଶଙ୍କା, ଚିନ୍ତାରେ ଚାଷୀ

ତିଗିରିଆ,୨୭।୧୦(ସମିସ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାର ପ୍ରଭାବ ତିଗିରିଆ ବ୍ଲକରେ ରବିବାର ଠାରୁ ଅନୁଭୂତ ହୋଇଛି। କୃଷି ପ୍ରଧାନ ତିଗିରିଆ ବ୍ଲକର ଚାଷୀକୂଳ ମୋନ୍ଥା ଜନିତ କ୍ଷୟକ୍ଷତିକୁ ନେଇ ପ୍ରମାଦ ଗଣିବା ଆରମ୍ଭ କଲେଣି। ରବିବାର ଅପରାହ୍ନ ତିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣିପାଗରେ ପରିବର୍ତ୍ତନ ହୋଇଥିବା ବେଳେ ସୋମବାର ଅପରାହ୍ନରେ ସଂଗଠିତ ବର୍ଷା ଅଞ୍ଚଳର ଚାଷୀ ବିଶେଷ କରି ଖରିଫ ଫସଲ ଧାନ ଫସଲ କରିଥିବା ଚାଷୀମାନେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ବାତ୍ୟା ମୋନ୍ଥା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ଥିବାରୁ ଏଥିନେଇ ତିଗିରିଆ ଅଞ୍ଚଳର ଚାଷୀକୂଳ ଚିନ୍ତାରେ ରହିଛନ୍ତି। ବର୍ଷା ପ୍ରଭାବରେ ଅଞ୍ଚଳର ହେକ୍ଟର ହେକ୍ଟର ଜମିରେ ଧାନ ଫସଲ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅଞ୍ଚଳର ବହୁ ଚାଷୀ ନିଜ ନିଜର ବିଲବାଡିରେ ଅପେକ୍ଷାକୃତ ଛୋଟ ଧାନ ଲଗାଇଛନ୍ତି। ବର୍ତ୍ତମାନ ସବୁ ଆଡେ ପ୍ରାୟତଃ ଧାନ କଟା ହେବାକୁ କିମ୍ବା ୧୦ରୁ ୧୫ ଦିନ ମଧ୍ୟରେ କଟାହେବାର ସମ୍ଭାବନା ରହିଛି। ମାତ୍ର ମୋନ୍ଥା ପ୍ରଭାବରେ ମଧ୍ୟମ କିମ୍ବା ତା ଠାରୁ ଅଧିକ ପରିମାଣର ବର୍ଷା ହେଲେ ଅଞ୍ଚଳର ଧାନଚାଷୀମାନେ ପ୍ରଭୃତ କ୍ଷତି ସହିବାର ସମ୍ଭାବନା ଲାଗିରହିଛି। ସୂଚନା



- ପ୍ରଭାବିତ ହେବ ୧୫-୫୦ ହେକ୍ଟର ଧାନବିଲ
- ଚଳିତ ବର୍ଷ ଭଲ ଆମଦାନୀର ଥିଲା ସମ୍ଭାବନା

ମୁତାବକ ଚଳିତ ଖରିଫ ଋତୁରେ ତିଗିରିଆ ବ୍ଲକ ଅଧୀନ ୫୦ଟି ରାଜସ୍ୱ ମୌଜା ମଧ୍ୟରୁ କେବଳ ନୂଆପାଟଣା ରାଜସ୍ୱ ଅଞ୍ଚଳକୁ ବାଦ ଦେଲେ ମୋଟ ୪୩୫୯ ହେକ୍ଟର ଚାଷଜମିରେ ଧାନଚାଷ କରାଯାଇଛି। ଧାନଚାଷ ହୋଇଥିବା ଚାଷଜମି ମଧ୍ୟରୁ ୧୭୪୩ ହେକ୍ଟର ଚାଷଜମି ଡିପ, ୧୫୫୦ ହେକ୍ଟର ଚାଷଜମି ମଧ୍ୟମ ଧରଣ ତଥା ୧୦୬୬ ହେକ୍ଟର ଚାଷଜମି ଅତି ଖାଲୁଆ ଅଞ୍ଚଳ ବୋଲି ଜଣାପଡିଛି। ଚଳିତ ଖରିଫ ଋତୁର ପ୍ରଥମାର୍ଦ୍ଧରୁ ଧାନବୁଣା ଯାଇଥିବା ଜମି ମଧ୍ୟରୁ ମାତ୍ର ୧୦ ଶତକଡା ଚାଷଜମିରୁ ଧାନ ଅମଳ କାର୍ଯ୍ୟ ଶେଷ ହୋଇଥିବା ବେଳେ ପ୍ରାୟ ୬୦ ଶତକଡା ଚାଷଜମିରେ ଥିବା ପାଚିଲା ଧାନ ନଭେମ୍ବର ପ୍ରଥମ ସପ୍ତାହରୁ କଟା ଆରମ୍ଭ ହେବ। ବର୍ତ୍ତମାନ ପରିସ୍ଥିତିରେ ପାଚିଲା ଧାନ କ୍ଷେତ ପାଇଁ ପାଣି ଏକ ଅଭିଶାପର ପରିଣତ ହେବ। ସେହିପରି ମୋଟ ଚାଷଜମିର ୩୦ ପ୍ରତିଶତ ଚାଷଜମିରେ ହୋଇଥିବା ବଡଧାନ ଏବେ ଫୁଲ ଧରୁଛି। ବଡଧାନ ପାଇଁ ସାମୁଦ୍ରିକ ବାତ୍ୟା ମୋନ୍ଥା କୌଣସି କ୍ଷତି ପହଞ୍ଚାଇବାର ସମ୍ଭାବନା ନ ଥିବା ବେଳେ ୬୦ ପ୍ରତିଶତ ଧାନବିଲରେ କଟା ହେବା ଅପେକ୍ଷାରେ ଥିବା ପାଚିଲା ଧାନ ବିଶେଷ କ୍ଷତି କରିବାର ସମ୍ଭାବନା ରହିଛି। ସେହିପରି ମୋନ୍ଥା ଜନିତ ବର୍ଷାକୁ ବାଦ ଦେଲେ ଯଦି ଏହି ଅଞ୍ଚଳମାନଙ୍କରେ ମାତ୍ରାଧିକ ବେଗରେ ପବନ ପ୍ରବାହିତ ହେଲେ ଉଣା ଅଧିକେ ଉଭୟ ଛୋଟ ଓ ବଡଧାନ ଗୁଡିକ ପବନ ମାଡରେ କ୍ଷେତରେ ଶୋଇପଡି ଚାଷୀମାନଙ୍କର ପ୍ରଭୁତ କ୍ଷତି କରିବ। ରବିବାର ମଧ୍ୟାହ୍ନରୁ ତିଗିରିଆ ଅଞ୍ଚଳର ପାଣିପାଗରେ ପରିବର୍ତ୍ତନ ହେବାର ଦେଖି ଅଞ୍ଚଳର କିଛି ଚାଷୀ ଅତ୍ୟନ୍ତ ତରବରିଆ ଭାବେ ପାଚିଲା ଧାନକୁ କାଟି ବେଙ୍ଗଳା କରିବା ସହ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ଚଳିତ ବର୍ଷ ସଠିକ ବର୍ଷା ସହ ରେଙ୍ଗାଲି ଦକ୍ଷିଣ ପାଶ୍ୱର୍ କେନାଲରେ ଜଳସେଚନର ସୁବ୍ୟବସ୍ଥା ହୋଇଥିବାରୁ ତିଗିରିଆ ଅଞ୍ଚଳରେ ଭଲ ଧାନ ଫସଲ ହୋଇଛି, ମାତ୍ର ମୋନ୍ଥା ପ୍ରଭାବରେ ମାତ୍ରାଧିକ ପବନ ଓ ବର୍ଷା ହେଲେ ଅଞ୍ଚଳର ଚାଷୀମାନେ ବହୁତ କ୍ଷତିଗ୍ରସ୍ତ ହେବେ ବୋଲି ଅଞ୍ଚଳର ବଡ ତଥା ଅଭିଜ୍ଞ ଚାଷୀମାନେ ମତ ଦେଇଛନ୍ତି।

## ରୋଧପୁର ମା'କାଳୀଙ୍କ ଭସାଣୀ ଉତ୍ସବ



ସାଲେପୁର,୨୭ ।୧୦(ସମିସ): ଆଜି ରୋଧପୁର ମା'ଶାରଳା କାଳୀପୂଜା କମିଟି ପକ୍ଷରୁ ମା'କାଳୀଙ୍କର ଭସାଣୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ବାହାର କରି ଘଣ୍ଟ, ଘଣ୍ଟା ଓ ବିଭିନ୍ନ ବାଦ୍ୟରେ ସାଲେପୁର ବଜାର ପରିକ୍ରମା କରିବା ସହ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ମଧ୍ୟରେ ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଭାଇମାନେ ଏକତ୍ରିତ ହୋଇ ଏହି ଭସାଣୀ ଉତ୍ସବରେ ସାମିଲ ହେବା ସହ ଭାଇଚାରାର ଉଦାହରଣ ସୃଷ୍ଟି କରିଥିଲେ। ରୋଧପୁର ଶାରଳା ମଣ୍ଡପରେ ମା'ଙ୍କର ପୂଜାର୍ଚ୍ଚନା ପରେ ଠାକୁରାଣୀଙ୍କର ବିସର୍ଜନ କାର୍ଯ୍ୟକ୍ରମ କରାଯାଇ ଠାକୁରାଣୀଙ୍କୁ ବିରାଟ ଶୋଭାଯାତ୍ରାରେ ସାଲେପୁର ବଜାର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶଙ୍ଖ, ବାଜା, ଘଣ୍ଟ, ଘଣ୍ଟା ଓ ନୃତ୍ୟ ଗୀତ ମଧ୍ୟରେ ମା'ଙ୍କର ଭସାଣୀ ଶୋଭାଯାତ୍ରାରେ ଶହ ଶହ ଲୋକ ଭାଗନେଇଥିଲେ। ମା' ଶାରଳା ପୂଜା କମିଟି ପକ୍ଷରୁ ମା'କାଳୀଙ୍କ ଭସାଣୀ ଉତ୍ସବରେ ପୂଜା କମିଟି ସଭାପତି ଜୟନ୍ତ ଦାସ, ସଞ୍ଜୟ ନାୟକ, ସାମ୍ବାଦିକ ହୃଷିକେଶ ମଲ୍ଲିକ, ଗୁଲରେଜ ଅଲ୍ଲି, ବୁବୁଲ କାଣ୍ଡି, ନିତ୍ୟାନନ୍ଦ ପରିଡ଼ା, ପ୍ରଫୁଲ୍ଲ ଦାସ, ସୁରେଶ କାଣ୍ଡି, ସରୋଜ ଦାସଙ୍କ ସମେତ ରୋଧପୁର ସମସ୍ତ ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିଥିଲେ। ସାଲେପୁର ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ଐତିହାସିକ ବାଲିଯାତ୍ରା - ୨୦୨୫

## ସଂଖ୍ୟାଧିକ ପୁସ୍ତକ ପ୍ରଦାନ କଲେ ସାହିତ୍ୟିକ



ସାଲେପୁର,୨୭ ।୧୦(ସମିସ): କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମ କରି ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ପ୍ରଚାର ପ୍ରସାର ପାଇଁ ଆମ ଭାଷା ସାହିତ୍ୟର ବିଶିଷ୍ଟ ଲେଖକମାନଙ୍କର ଲକ୍ଷାଧିକ ପୁସ୍ତକ ଗୁଡିକୁ ମାଗଣାରେ ବାଲିଯାତ୍ରାରେ ବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଥିବାରୁ ଏହାକୁ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ସାଲେପୁର ସାହିତ୍ୟ ମହୋତ୍ସବର ଆବାହକ ଅକ୍ଷୟ କୁମାର ଦାଶ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ପୁସ୍ତକ ପ୍ରଦାନ କେନ୍ଦ୍ରରେ ଉପସ୍ଥିତ ଥିବା ଅଧିକାରୀ ପୀତବାସ ବିନ୍ଧାଣୀ ଓ ସନ୍ତୋଷ କୁମାର ଖୁଣ୍ଟିଆଙ୍କ ହସ୍ତରେ ତାଙ୍କ ଦ୍ୱାରା ଲିଖିତ "ଅପରେସନ୍ ସିନ୍ଦୂର", "ଜହ୍ନ ରାଇଜ କଥା", "ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ" ୧୬ଖଣ୍ଡ ପୁସ୍ତକ ଦାନ କରିଛନ୍ତି। ଏହାକୁ ନେଇ ଜିଲ୍ଲାପାଳ ଶ୍ରୀ ସିନ୍ଦେ ତାଙ୍କ ଦ୍ୱାରା ଲିଖିତ ମାନପତ୍ର ପ୍ରଦାନ କରିଛନ୍ତି। ସେହିପରି ସାଲେପୁର ସାରସ୍ୱତ ସମାରୋହ ସମିତିର ଉପସଭାପତି ବିଷ୍ଣୁଚରଣ ମିଶ୍ର, ଗୁରୁପୂଜନ ସମିତିର ସଂପାଦକ ଡ. ଗୌତମ ମହାରଣା, ବିଶିଷ୍ଟ ପଣ୍ଡିତ ଡ. ପୂର୍ଣ୍ଣଚନ୍ଦ୍ର ଓଝା, ସାହିତ୍ୟିକ ଚିତ୍ତରଞ୍ଜନ ପଣ୍ଡା ସୋମବାର ଦିନ ବାଲିଯାତ୍ରା ପାଇଁ ସାଲେପୁର ହାଇସ୍କୁଲରେ କରାଯାଇଥିବା ପୁସ୍ତକ ସଂଗ୍ରହ କେନ୍ଦ୍ରରେ ସେମାନଙ୍କର ଦ୍ୱାରା ଲିଖିତ ଏବଂ ଅନ୍ୟାନ୍ୟ ପୁସ୍ତକ ଗୁଡିକ ସାଲେପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ାଙ୍କ ହସ୍ତରେ ବାଲିଯାତ୍ରାରେ ବଣ୍ଟନ ପାଇଁ ପ୍ରଦାନ କରିଛନ୍ତି।

## ବଡମ୍ବା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ବଡମ୍ବା,୨୭।୧୦(ସମିସ): ବଡମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଚିତ୍ତ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଉପସ୍ଥିତରେ ଏହି ଜନ ଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ଥାନା ଭାରପ୍ରାପ୍ତ ଅଧିକାରୀ ଅନିରୁଦ୍ଧ ମୁଦୁଲି ଉପସ୍ଥିତ ଥିବା ବେଳେ ସାଂସଦଙ୍କ ପ୍ରତିନିଧି ଦୀପକ ସାହୁ ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୬୨ଟି ଅଭିଯୋଗ ଆଗତ ହୋଇଥିବାବେଳେ ଅଭିଯୋଗ ମଧ୍ୟରୁ ୧୬୧ଟି ବ୍ୟକ୍ତିଗତ ଓ ଗୋଟିଏ ସାମୁହିକ ଅଭିଯୋଗ ଥିଲା। ଅଭିଯୋଗ ଗୁଡିକ ମଧ୍ୟରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଟପ୍ପୋ ଅଭିଯୋଗରୁ ୫ଟି ଅଭିଯୋଗର ତତ୍କାଳ ବିଚାର କରିଥିଲେ। ଶିବିରରେ ବଡ଼ମ୍ବା ବ୍ଲକର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ -୨୦୨୫ | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥ ପାଠ



କଟକ,୨୭।୧୦(ସମିସ): ଦୁର୍ନୀତି ନିବାରଣ ସପ୍ତାହ -୨୦୨୫ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥ ପାଠ କରାଇଥିଲେ। ଶପଥ ପତ୍ରରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ ବୋଲି ଉଲ୍ଲେଖ ରହିଛି। ଏଥି ସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶପଥପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥପାଠ କରିଥିଲେ। ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀ କୃତ କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ତଦନୁଯାୟୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେବା ସହ ଚଳିତବର୍ଷର ବିଷୟବସ୍ତୁ "ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ"କୁ ଆଧାରକରି କଟକରେ ନଭେମ୍ବର ୧ ତାରିଖ ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯିବ।

## ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

ବଡ଼ମ୍ବା,୨୭।୧୦(ସମିସ): ବଡ଼ମ୍ବା ଥାନା ଅଧୀନ ରତାପାଟ ଗ୍ରାମ ନିକଟସ୍ଥ ହାଡୁଆ ପୋଲ ନିକଟରେ ସୋମବାର ଏକ ବୁଲେଟ ଗାଡି ସହ ଷଣ୍ଢ ଧକ୍କା ହେବାରୁ ବୁଲେଟ ଆରୋହୀ ଗୁରୁତର ହୋଇଛନ୍ତି। ବେଲିଆପାଳ ଗ୍ରାମର ପ୍ରଦୀପ ରାଉତ (୪୦) ନିଜ ବୁଲେଟ ଗାଡିରେ ରତାପାଟରୁ ନିଜ ଘର ବେଲିଆପାଳ ଗ୍ରାମକୁ ଆସୁଥିବା ବେଳେ ଏକ ଷଣ୍ଢ ହଠାତ ମୁଖ୍ୟ ରାସ୍ତା ଉପରକୁ ଉଠି ଆସିବାରୁ ବୁଲେଟ ଚାଳକ ଭାରସାମ୍ୟ ହରାଇ ଷଣ୍ଢକୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବୁଲେଟ ଚାଳକଙ୍କୁ ଉଦ୍ଧାର କରି ବାଲିଝରୀ ଦମକଳ ବାହିନୀଙ୍କୁ ଖବର ଦେବାରେ ଦମକଳ ବାହିନୀ ଘଟଣାସ୍ଥଳରୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାକୁ ନେଇଛନ୍ତି। ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବାର ସୂଚନା ମିଳିଛି।


## ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି,୨୭।୧୦(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ରାଉତଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମସ୍ତିଷ୍କାଘାତ ଜନିତ ପରଲୋକ ହୋଇଛି। ତାଙ୍କ ମୃତ୍ୟୁଖବର ପାଇ କଲେଜ ପରିସରରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ଆତ୍ମାର ସଦ୍‌ଗତି ପାଇଁ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନେଇ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ ପ୍ରଥମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ରଶ୍ମିରଂଜନ ପଟ୍ଟନାୟକ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅଧ୍ୟାପିକା ଡ. ଦେବଯାନୀ ସିହ୍ନା, ଅଧ୍ୟାପକ ଡ. ରାଜେଶ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ହୋଇ ଡ. ସ୍ୱର୍ଗତ ରାଉତଙ୍କ କଲେଜ ପ୍ରତି ରହିଥିବା ଅବଦାନ, ବନ୍ଧୁ ବତ୍ସଳତା, ନିୟମାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ସଂପର୍କରେ ଅବତାରଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦିବଂଗତ ପରିବାରକୁ ସମବେଦନା ଜଣାଇଥିଲେ।

## ମହିଳାଙ୍କୁ ପ୍ରତାରଣା ଅଭିଯୋଗରେ ପ୍ରେମିକ ଗିରଫ

କିଶନନଗର,୨୭।୧୦(ସମିସ): ଦୀର୍ଘ ଆଠବର୍ଷ ହେବ ଜନୈକା ବିଧବା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମଜାଲରେ ଫସାଇ ଶେଷରେ ପ୍ରତାରଣା କରିଥିବା ଅଭିଯୋଗରେ ଅଭିଯୁକ୍ତ ପ୍ରେମିକକୁ କିଶନନଗର ପୁଲିସ ଗିରଫ କରିଛି। ପରେ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଜାମିନରେ ଛାଡିଥିବା ଜଣାଯାଇଛି। ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ଅଞ୍ଚଳର ଜନୈକା ମହିଳା ଉକ୍ତ ଥାନା ଅନ୍ତର୍ଗତ ଧରିଣା ଗ୍ରାମରେ ବିବାହ କରିଥିଲେ। ବିବାହର ୫ ବର୍ଷ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ମହିଳା ଜଣକ ବିଧବା ହେବା ପରେ ବାଲେଶ୍ୱରରେ ରହି ଏକ ବିୟୁଟି ପାର୍ଲର ଖୋଲି ଝିଅକୁ ପାଠ ପଢ଼ାଇବା ସହିତ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଏହି ସୁଯୋଗରେ ଧରିଣା ଗ୍ରାମର ସୁଜିତ ବେହେରା ବାଲେଶ୍ୱର ଯାଇଁ ବିଧବା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ୮ ବର୍ଷ ହେଲା ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ମହିଳାଙ୍କ ଜିଦ୍ ଯୋଗୁଁ ଗତ ମାର୍ଚ୍ଚ ୧୧ରେ ବାଲେଶ୍ୱର ସବ୍ ରେଜିଷ୍ଟରଙ୍କ କାର୍ଯ୍ୟାଳୟରେ ଉଭୟ ରେଜିଷ୍ଟ୍ରି ବିବାହ କରିଥିଲେ। ରେଜିଷ୍ଟ୍ରି ବିବାହ ପରେ ସୁଜିତ୍ ଅନ୍ୟତ୍ର ବିବାହ ପାଇଁ ଉଦ୍ୟମ କରୁଥିବା ଖବର ପାଇ ମହିଳା ଜଣକ ଧରିଣା ଆସି ତାଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇବା ସତ୍ତ୍ୱେ ସେଠାରେ ଦୁର୍ବ୍ୟବହାରର ଶିକାର ହୋଇଥିଲେ। ଏଥିପାଇଁ ପୀଡ଼ିତା ମହିଳା ଚଳିତ ମାସ ୧୧ରେ ଥାନାରେ ଅଭିଯୋଗ କରିଥିଲେ। ଏହି ଖବର ପାଇ ଅଭିଯୁକ୍ତ ସୁଜିତ୍ ଫେରାର ହୋଇଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଯୋଜନା ମୁତାବକ ଉଭୟ ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପୁରୀରେ ରହି ବୁଲାବୁଲି କରି କଟକ ଫେରି ଓଏମପି ଛକରେ ଥିବା ଏକ ହୋଟେଲରେ ଥିବା ଖବର ପାଇ ପୁଲିସ ସେଠାରୁ ଉଭୟଙ୍କୁ ଗତକାଲି ରବିବାର ରାତିରେ ଉଠାଇ ଆଣିଥିବା ଜଣାପଡିଛି। ପୀଡ଼ିତା ମହିଳାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଜାମିନରେ ଛାଡି ଦିଆଯାଇଛି। ଉକ୍ତ ବିଷୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଉଦ୍‌ଘାଟନଠାରୁ ୨ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା




ସୁଫଳ ପାଇପାରୁ ନାହାନ୍ତି ଲୋକ

କିଶନନଗର,୨୭।୧୦(ସମିସ): ଗ୍ରାମାଞ୍ଚଳ ଲୋକମାନଙ୍କ ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ଆଣିବା ଏବଂ ସେବା ଯୋଗାଇଦେବା ଲକ୍ଷ୍ୟରେ କଟକ ସଦର ଅନ୍ତର୍ଗତ ତଥା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଆୟତପୁର ପଞ୍ଚାୟତର ଆୟତପୁର ଓ ଧରିଣା ପଞ୍ଚାୟତର ଅଛିଲ ଠାରେ ଦୁଇଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ଉପ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲାଯାଇ ଦୀର୍ଘ ଦିନ ହେଲା ଉଦଘାଟନ ସରିଛି। ହେଲେ ଉଦଘାଟନ ଦିନ ଠାରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା ଝୁଲୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଆୟତପୁର ସରପଞ୍ଚ ରାକେଶ ବେହେରା ଓ ଧରିଣା ସରପଞ୍ଚ ରତ୍ନାକର ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ମାହାଙ୍ଗା ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ମାହାଙ୍ଗା,୨୭।୧୦(ସମିସ): ମାହାଙ୍ଗା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ମୂଳବସନ୍ତ ସ୍ଥିତ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ସୁଶ୍ରୀ ମୋନାଲିସା ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଶିଶୁ ଦେଶର ଭବିଷ୍ୟତ। ଛାତ୍ରଛାତ୍ରୀମାନଙ୍କ ପାଠପଢା ସହିତ ସେମାନଙ୍କ ବୌଦ୍ଧିକ ଓ ଅର୍ନ୍ତନିହିତ କଳାର ବିକାଶ ନିମନ୍ତେ ସାଧାରଣଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା, ସୃଜନାତ୍ମକ ଲିଖନ, ବିତର୍କ, ଦେଶାତ୍ମବୋଧ ସଂଗୀତ, ପ୍ରବନ୍ଧ ଲିଖନ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସୁରଭି କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ତହସିଲଦାର ଶୁଭାଶିଷ ପାଲଟା ଓ ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାହାଙ୍ଗା ଶିକ୍ଷା ମଣ୍ଡଳରୁ ୧୮ଟି କ୍ଲଷ୍ଟରରୁ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରି ଅତିଥିମାନେ ଉତ୍ସାହିତ କରିଥିଲେ। ୨୪ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିବା ଜଣାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଧାନ କରିଥିଲା ବେଳେ ଶିକ୍ଷକ ତପନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଅରୁଣ ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ଉଦଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲା ବେଳେ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି ଓ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

## ମନରେଗା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୭।୧୦(ସମିସ)



ତଦନ୍ତ ଦାବି କଲେ ବାସିନ୍ଦା

କେନ୍ଦ୍ର ଓ ରାଜ୍ୟ ସରକାର ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇଦେବା ପାଇଁ ଗୁରୁତ୍ୱ ଦେଉଛନ୍ତି। ହେଲେ ଏହି କାର୍ଯ୍ୟକ୍ରମ ପ୍ରକ୍ରିୟାକରଣ ଦାୟିତ୍ୱରେ ରହିଥିବା ପଞ୍ଚାୟତସ୍ତରୀୟ ଓ ବ୍ଲକସ୍ତରୀୟ କର୍ମଚାରୀମାନେ ଠିକାଦାରଙ୍କ ସହିତ ଅସାଧୁ ମେଣ୍ଟ କରି ବ୍ୟାପକ ଦୁର୍ନୀତି କରିବାରେ ଲାଗିଛନ୍ତି। ଫଳରେ ଏହି ବ୍ଲକରେ ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ମୁତାବକ ମନରେଗା କାର୍ଯ୍ୟ କରାଯାଇ ପାରୁ ନାହିଁ। ଯାହା ଦ୍ୱାରା ଏହି ବ୍ଲକର ବହୁ କର୍ମଚାରୀମାନଙ୍କର ଦରମାକୁ ଜିଲ୍ଲାପାଳ ବନ୍ଦ୍ କରିଦେଇଥିବା ଜଣାଯାଇଛି। ଚଳିତ ଆର୍ଥିକ ବର୍ଷରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧ କୋଟିରୁ ଅଧିକ ମନରେଗା ଯୋଜନାରେ କାର୍ଯ୍ୟ କରାଯାଇଥିବା ବେଳେ ସେଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକରେ ମନରେଗାରେ କାର୍ଯ୍ୟରେ ଅନିୟମିତତା କରାଯାଇଥିବାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ ପାଲଟିଛି ସାନ୍ତପୁର ପଞ୍ଚାୟତ। ଏହି ପଞ୍ଚାୟତରେ ଚଳିତ ଆର୍ଥିକ ବର୍ଷରେ ସାନ୍ତପୁର-କୁଞ୍ଜବନ ରାସ୍ତା ନିର୍ମାଣ କରିବା ପାଇଁ ମନରେଗା ଯୋଜନାରେ ୯ ଲକ୍ଷ ଟଙ୍କା ମଞ୍ଜୁରି କରାଯାଇଥିଲା। ଏହି ୯ ଲକ୍ଷ ଟଙ୍କାରୁ ଜବ୍‌କାର୍ଡଧାରୀଙ୍କୁ ୫ ଲକ୍ଷ ଟଙ୍କା ମଞ୍ଜୁରୀ ବାବଦରେ ଦେବା ପାଇଁ ବିଲ ମଧ୍ୟ କରାଯାଇଛି। ହେଲେ ଅନେକ ଜବ୍‌କାର୍ଡଧାରୀ ରାଜ୍ୟ ବାହାରେ ରହିଥିବା ବେଳେ ତାଙ୍କ ନାମରେ ମଜୁରୀ ବାବଦରେ ଅର୍ଥ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିବା ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବ୍ୟକ୍ତିଙ୍କ ନାମରେ ମଧ୍ୟ ମଜୁରୀ ବାବଦରେ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପଠାଯାଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି। ଏହି ରାସ୍ତାରେ ମାଟି ପଡିବା ସମୟରେ କମ୍ ସଂଖ୍ୟାରେ ଜବ୍‌କାର୍ଡଧାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ରାସ୍ତାରେ ମାଟି ପକାଯାଇ ସମାନ କରାଯାଇଛି ଯାହା ସଂପୂର୍ଣ୍ଣ ବେଆଇନ ଅଟେ। ଏହାଛଡା ଏହି ପଞ୍ଚାୟତର ଓରିକଣ୍ଟାଠାରେ ଥିବା ବଡପୋଖରୀକୁ ମନରେଗାର ଅମୃତ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ଅନୀୟମିତତା କରାଯାଇଥିବା, ପାଣ୍ଡିଆବର-ବାରମାଣିଆ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ସହ ପ୍ରଧାନମନ୍ତ୍ରୀଙ୍କ ଏକ୍ ପେଡ୍ ମାଆ କେ ନାମ୍ ଯୋଜନାରେ ଗଛ ଲଗାଯିବାରେ ମଧ୍ୟ ଅନୀୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅନିୟମିତତା କାର୍ଯ୍ୟର ତୁରନ୍ତ ତଦନ୍ତ କରାଯାଇ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ଏଭଳି ଅନିୟମିତତା କାର୍ଯ୍ୟ ସଂପର୍କରେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ବିନୟ ରଞ୍ଜନ ସାହୁଙ୍କୁ ପଚାରିବାରୁ ଏହି ପଞ୍ଚାୟତରେ ମନରେଗା ଯୋଜନାରେ କାର୍ଯ୍ୟ ସଠିକ ଭାବେ କରାଯାଉଛି। ଏବେ ମଧ୍ୟ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଚାଲୁ ରହିଥିବା ପ୍ରକାଶ କରିଛନ୍ତି।

### ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟରେ ପଡ଼ିଲା ତାଲା

# ଆନ୍ଦୋଳନରେ ୧୭ ଜଣ ଅଣଶିକ୍ଷକ କର୍ମଚାରୀ



**ତିଗିରିଆ,୨୭।୧୦(ସମିସ):** ବେଆଇନ ବହିଷ୍କାର ଆଦେଶ ପ୍ରତ୍ୟାହାର, ଆର୍ଥିକ ଅବସ୍ଥାର ଭୁଲ ତଥ୍ୟ ପ୍ରଦାନ, ବେଆଇନ ପୁନଃ ନିଯୁକ୍ତି ଏବଂ ଅବସର ଆଇନ ଉଲଂଘନ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର, ଦରମା ଓ ଇପିଏଫ ଅସଙ୍ଗତି, କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଓ ମୌଳିକ ଅଧିକାର କ୍ଷୁର୍ଣ୍ଣ, ପରିଚାଳନା ପରିଷଦକୁ ବରଖାସ୍ତ ଆଦି ୭ ଦଫା ଦାବି ନେଇ ଆଜିଠାରୁ କଟକ ଜିଲ୍ଲା ତିଗିରିଆ ବ୍ଲକ ଅଧୀନ ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ (ପିଏମସିପିଇଡି) ୧୭ ଜଣ ଅଣ ଶିକ୍ଷକ କର୍ମଚାରୀ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମହାବିଦ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ଦୃଢ଼ ଭାବେ ନିନ୍ଦା କରିବା ସହ ବିଭିନ୍ନ ନାରା ଦେଇଛନ୍ତି। ଏହି ଅନୁଷ୍ଠାନରେ ବର୍ତ୍ତମାନ ୧୦ଜଣ ଅଧ୍ୟାପକ, ୫ ଜଣ ଟ୍ରେନରଙ୍କ ସହ ୩୪ ଜଣ ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟରତ ଅଧିକାଂଶ ଅଣଶିକ୍ଷକ କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଦୀର୍ଘ ବର୍ଷ ଚାକିରୀ କରିବା ଭିତରେ ସେମାନଙ୍କୁ ଅତି ସ୍ୱଳ୍ପ ଦରମା ପ୍ରଦାନ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିକୁ ଟଙ୍କା ପ୍ରଦାନ କରାଯାଉ ନାହିଁ। ଏ ସଂକ୍ରାନ୍ତରେ କିଛି ଅଣ ଶିକ୍ଷକ କର୍ମଚାରୀ କଟକ ଜିଲ୍ଲାପାଳଙ୍କୁ ଅଗଷ୍ଟ ମାସ ୨୬ ତାରିଖରେ ଭେଟି ସମସ୍ତ ବିଷୟ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ଘଟଣା ଶୁଣିବା ପରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ କର୍ମଚାରୀଙ୍କୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସହ ଅନ୍ୟାନ୍ୟ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶ୍ରମ ଅଧିକାରୀ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅନୁଷ୍ଠାନକୁ ପଠାଇଥିଲେ। ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କର୍ମଚାରୀଙ୍କୁ ଯଥାଶୀଘ୍ର ଅନୁଷ୍ଠାନ ପକ୍ଷରୁ ଏକ ବର୍ଷର ବର୍ଦ୍ଧିତ ଦରମା ପିଛିଲା ଆକାରରେ ପ୍ରଦାନ ଓ ଭବିଷ୍ୟନିଧି ପାଣ୍ଠିକୁ ଟଙ୍କା ପ୍ରଦାନ ପାଇଁ ରାଜି ହୋଇଥିବା ପ୍ରକାଶ କରିଥିଲେ। ଏହାକୁ ନେଇ କର୍ମଚାରୀଙ୍କ ମନରେ ଖୁସି ଦେଖାଦେଇଥିଲା। କିନ୍ତୁ ଅନୁଷ୍ଠାନର ଉପରିସ୍ଥ କର୍ମକର୍ତ୍ତା ଚକ୍ରାନ୍ତ କରି ଗତ ୨୯ ତାରିଖରେ ଦଶହରା ଛୁଟି ଚାଲିଥିବା ୧୧ ଜଣ କର୍ମଚାରୀଙ୍କ ଘରକୁ ସ୍ପିଡ଼ ପୋଷ୍ଟ ଜରିଆରେ ବିନା କୌଣସି ପୂର୍ବ ସୂଚନା ଦେଇ ବହିଷ୍କାର ନୋଟିସ ପଠାଇଥିଲେ। ନୋଟିସରେ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ଖରାପ ସହ ଆବଶ୍ୟକତା ଠାରୁ ଅଧିକ କର୍ମଚାରୀ ଥିବାରୁ ଇଣ୍ଡଷ୍ଟ୍ରିଆଲ ଡିସପୁଟ ଆକ୍ଟ ୧୯୪୭ କ୍ଲଜ (ସି) ଧାରା ୨୫ ଏଫ ଆଧାରରେ ବହିଷ୍କାର କରାଯାଇଥିବା କାରଣ ଦର୍ଶାଇଥିଲେ। ନୋଟିସ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ପରେ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଉପ ଜିଲ୍ଲାପାଳଙ୍କୁ ଘଟଣାକୁ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ କିଛି ଅଣ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଆଲୋଚନା ପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କର୍ମଚାରୀଙ୍କ ବହିଷ୍କାର ଆଦେଶ ତୁରନ୍ତ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି ଉପରେ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶକୁ ବେଖାତିର କରିବା ସହ କର୍ମଚାରୀମାନେ ଆଗକୁ ଅନୁଷ୍ଠାନ ବିରୁଦ୍ଧରେ ନ ଯିବା ପାଇଁ ଏକ ଅଣ୍ଡର ଟେକିଙ୍ଗ ଲେଖିବା ଜିଦରେ ଅଟଳ ରହିଥିଲେ। ଯାହାକୁ ଉପ ଜିଲ୍ଲାପାଳ ଆଗ୍ରାହ୍ୟ କରିବା ସହ ତୁରନ୍ତ ଘଟଣାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଜିଦରେ ଅଟଳ ରହିବାରୁ ଅଣ ଶିକ୍ଷକ କର୍ମଚାରୀ ଗତ ୧୭ ତାରିଖଠାରୁ ଅନୁଷ୍ଠାନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। ଗତ ୧୬ ତାରିଖ ସନ୍ଧ୍ୟାରେ ଆଠଗଡ ଏସଡିପିଓ ବିଶ୍ୱଜିତ ମହାନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଡାକି ଆଲୋଚନା କରିବା ସହ ଘଟଣାର ସମାଧାନ ପାଇଁ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ସମୟ ନେଇଥିବାରୁ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସମାଧାନର ପନ୍ଥା ନ ବାହାରିବା ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଜିଦରେ ଅଟଳ ରହିବା ଯୋଗୁ ଅଣଶିକ୍ଷକ କର୍ମଚାରୀମାନେ ଆଜିଠାରୁ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡିଛି। ଆନ୍ଦୋଳନରେ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଦୁର୍ଗାପ୍ରସାଦ ମହାପାତ୍ର, ନିରାକାର ବାରିକ, ମୁନା ପଣ୍ଡା, ଅମୀୟ ମହାନ୍ତି, ବିକାଶ ଚନ୍ଦ୍ର ପ୍ରଧାନ, ସୁନୀଲ ପଟ୍ଟନାୟକ, ସନ୍ତୋଷ ପରିଡା, ଲକ୍ଷ୍ମୀପ୍ରିୟା ମିଶ୍ର, ଶ୍ୟାମସୁନ୍ଦର ରଣା, ଲକ୍ଷ୍ମୀପ୍ରିୟା ସାହୁ, ଶୁଭେନ୍ଦୁ ଚାନ୍ଦ, ସୁଶୀଲ ସାହୁ, ଉତ୍କଳ କେଶରୀ ବେହେରା, ବେଶରତ ମହମ୍ମଦ, ଲକ୍ଷ୍ମୀଧର ମହାରଣା, ସଚ୍ଚିଦାନନ୍ଦ ନାୟକ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସାମିଲ ଅଛନ୍ତି।

## ଭଗବାନପୁରରେ ଗିରି ଗୋବର୍ଦ୍ଧନ ପୂଜା



**ନେମାଳ,୨୭।୧୦(ସମିସ):** ନେମାଳ ଥାନା ଅନ୍ତର୍ଗତ ତିଳକଣା ଗ୍ରାମପଞ୍ଚାୟତ ଭଗବାନପୁର ଗ୍ରାମର ଦଣ୍ଡପାଟ ସାହିରେ ଅଷ୍ଟାଦଶ ବାର୍ଷିକ ଗିରି ଗୋବର୍ଦ୍ଧନ ପୂଜା ବୁଧବାରଠୁ ଆରମ୍ଭ ହୋଇଛି। କଳସ ସ୍ଥାପନ, ଚକ୍ଷୁ ଦାନ, ସୂର୍ଯ୍ୟପୂଜା, ଗୋ-ପୂଜା, ପୁରାଣ ପଠନ, ଗୀତା ଯଜ୍ଞ ପ୍ରତ୍ୟେକ ସନ୍ଧ୍ୟାରେ ଲଉଡ଼ି ଖେଳ, ଘୋଡା ନାଚ, ଭଜନ ସନ୍ଧ୍ୟା ଭଜନ କୀର୍ତ୍ତନ ଲାଗି ରହିଛି। ୨୮ ତାରିଖ ମଙ୍ଗଳବାର ଭସାଣୀ ଉତ୍ସବ ପାଳନ କରାଯିବ ବୋଲି ଭଗବାନପୁର ଦଣ୍ଡପାଟସାହି ଗିରିଗୋବର୍ଦ୍ଧନ ପୂଜା କମିଟି ତରଫରୁ ଅବଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଯୋଗଦେଲେ ଛାତ୍ରୀ

**ଟାଙ୍ଗୀ,୨୭ ।୧୦(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଭାଗନେଇ କୃତିତ୍ୱ ଅର୍ଜନ କରି ଅଞ୍ଚଳରେ ପ୍ରଶଂସିତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ କଟକ ମାତୃଭବନ ଠାରେ ଅନୁଷ୍ଠିତ ଶ୍ରୀ ଅରବିନ୍ଦ ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ହୋଇଥିବା ରାଜ୍ୟସ୍ତରୀୟ ବିଜ୍ଞାନମେଳା ଓ କୁଇଜ୍ ପ୍ରତିଯୋଗିତାରେ ଶିକ୍ଷା କେନ୍ଦ୍ରର ସପ୍ତମଶ୍ରେଣୀ ଛାତ୍ରୀ ଅନୁଷ୍କା ସ୍ୱାଇଁ ଓ ଆଦ୍ୟାଶା ନାୟକ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଶିକ୍ଷା କେନ୍ଦ୍ରର ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ରୁବି ବେହେରା ଓ ବର୍ଷା ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ସହଯୋଗ କରିଥିଲେ।



## ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭଦ୍ରେଶ୍ୱର,୨୭।୧୦(ସମିସ):** କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଧିନସ୍ଥ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ଜଣେ ମିଠା ବ୍ୟବସାୟୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଭଦ୍ରେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଉମର ଗ୍ରାମପଞ୍ଚାୟତ ଓସ୍ତପୁର ଗ୍ରାମର ସୁରେନ୍ଦ୍ର କୁମାର ପାତ୍ର(୬୨) ଦୀର୍ଘ ଦିନ ହେଲା ସ୍ଥାନୀୟ ନାଳି ପଡିଆ ବଜାରରେ ଏକ ଜଳଖିଆ ଦୋକାନ ଖୋଲି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତକାଲି ତାଙ୍କର ପତ୍ନୀ ଓ କଲେଜ ପଢୁଆ କନ୍ୟା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସୁରେନ୍ଦ୍ର ପ୍ରତ୍ୟେକ ଦିନ ସକାଳେ ତାଙ୍କର ଜଳଖିଆ ଦୋକାନ ଖୋଲିଥାନ୍ତି। କିନ୍ତୁ ଆଜି ଖୋଲି ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକ ସନ୍ଦେହ ପ୍ରକଟ କରିଥିଲେ। ତେବେ ଲୋକେ ତାଙ୍କ ଦୋକାନ ଭିତରକୁ ପଶି ସୁରେନ୍ଦ୍ର ରଶି ଲଗାଇ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ଶହ ଶହ ଲୋକଙ୍କ ଭିଡ ଜମିଥିଲା। ଏ ସମ୍ପର୍କରେ ତାଙ୍କର ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରାଯାଇଛି। ଭଦ୍ରେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ମୋହରିର ଗୁରୁତର

**ସାଲେପୁର,୨୭ ।୧୦(ସମିସ):** ଆଜି ଅପରାହ୍ଣରେ ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ନୀ ଛକ ନିକଟରେ ସାଲେପୁର କୋର୍ଟର ମୋହରିର ଭାବେ କାର୍ଯ୍ୟ କରୁଥିବା ନିଶ୍ଚିନ୍ତକୋଇଲି ଅଞ୍ଚଳର ଧରଣୀଧର ପୃଷ୍ଟି (୫୮) ନିଜ ଘରକୁ ଯାଉଥିବାବେଳେ ଦ୍ରୁତଗତିରେ ପଛପଟୁ ଏକ କାର ଆସି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିଲେ। ସ୍ଥାନୀୟ ଲୋକେ ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

## ରାଜସ୍ୱ ଗ୍ରାମ ନିମନ୍ତେ ତହସିଲଦାରଙ୍କ ସୀମା ତଦାରଖ

**ଫୁଲନଖରା,୨୭।୧୦(ସମିସ):** ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜୟରଶାସନ ମୌଜାର ମନ୍ଦାରିଆପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ନିମନ୍ତେ ଗ୍ରାମବାସୀମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୂଳ ରାଜସ୍ୱ ଗ୍ରାମ ଠାରୁ ପଡାଗ୍ରାମର ଦୂରତା ୫୦୦ମିଟର ଓ ତତ୍ ସହିତ ୨୫୦ ଲୋକସଂଖ୍ୟା ଥିବା ପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ଯଦ୍ୱାରା ସରକାରୀ ସୁବିଧା ତୃଣମୂଳସ୍ତରରେ ସହଜରେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ। ଏହି ତଥ୍ୟକୁ ଆଧାର କରି ମନ୍ଦାରିଆ ପାଟଣା ଗ୍ରାମର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ପତ୍ରସଂଖ୍ୟା ୨୦୭୭୨/ଏଲ୍. ଆର୍ ତା ୩୧.୧୨.୨୦୨୪ରିଖ ଓ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ଅଭିଯୋଗ ପତ୍ର ସମ୍ବନ୍ଧୀୟ ପତ୍ର ସଂଖ୍ୟା ୧୦୪୧୬/ ୨୫.୦୯.୨୦୨୫ ମାଧ୍ୟମରେ ମନ୍ଦାରିଆ ପାଟଣାକୁ ପୃଥକ ରାଜସ୍ୱ ଗ୍ରାମ କରାଯିବା ଅଭିଯୋଗପତ୍ର ସଂପର୍କିତ ଏକ ଶୁଣାଣି ଗତ ଅକ୍ଟୋବର ମାସ ୯ ତାରିଖରେ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ତହସିଲଦାର, ୧୬ ନଂ ଜିଲ୍ଲା ପରିଷଦ, ଜଗନ୍ନାଥପୁର ସରପଞ୍ଚ, ନାଏବ ସରପଞ୍ଚ ଓ ଗ୍ରାମର ମୁରବୀମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ସୂଚନା ଅନୁଯାୟୀ ମନ୍ଦାରିଆପାଟଣାର ଭୋଟର ସଂଖ୍ୟା ୧୨୭୨ ଅଟେ ଏବଂ ଭୌଗଳିକ ଦୃଷ୍ଟିକୋଣରୁ ୨ କିଲୋମିଟର ବ୍ୟାପୀ ଗ୍ରାମର ପରିସୀମା ତତ୍‌ସହିତ ରାଜସ୍ୱ ଗ୍ରାମ ନିମନ୍ତେ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଦେବାଦେବୀ ମନ୍ଦିର, ଭାଗବତ ଘର, ଗ୍ରାମ ଶ୍ମଶାନ ଓ ବିରାଟ ପୁଷ୍କରିଣୀ ରହିଛି। ଉପରୋକ୍ତ ସମସ୍ତ ବିଷୟକୁ ବିଚାରକୁ ନିଆଯାଇ ମନ୍ଦାରିଆ ପାଟଣାକୁ ଏକ ରାଜସ୍ୱ ଗ୍ରାମ ଭାବରେ ଘୋଷଣା କରିବାକୁ ଗ୍ରାମବାସୀମାନେ କରିଥିବା ଦାବିକୁ ପ୍ରଶାସନସ୍ତରରେ ଅଗ୍ରାଧିକାର ଦିଆଯିବା ସଙ୍ଗେ ସଙ୍ଗେ ତହସିଲଦାର ଲୀଳନ ପ୍ରସାଦ ସାହୁ, ରାଜସ୍ୱ ସୁପରଭାଇଜର ଓ ରାଜସ୍ୱ ନିରୀକ୍ଷକ ଜଗନ୍ନାଥପୁର ପଞ୍ଚାୟତର ଜୟରଶାସନ ମୌଜାର ୩ଟି ପଡା ଗ୍ରାମ ମନ୍ଦାରିଆ ପାଟଣା, ମହାନ୍ତିପାଟଣା ଓ ମୁସଲମାନ ବସ୍ତିକୁ ଯାଇ ଗ୍ରାମ ଗୁଡିକର ସୀମା ତଦାରଖ କରିଥିଲେ।

## ରାଧାପାଦ ଦର୍ଶନ ନିମନ୍ତେ ପ୍ରସ୍ତୁତି ବୈଠକ

**ଫୁଲନଖରା,୨୭।୧୦(ସମିସ):** କଟକ ମହାନଗର ନିଗମ ୫୮ ନଂ ୱାର୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମଦେବୀ ମା' ଦୁଲ୍ଲାଦେବୀ ଓ ଶ୍ରୀ ଶ୍ରୀ ନୀଳମାଧବ ମହାପ୍ରଭୁଙ୍କ ସୁଭଦ୍ରା ପାଦ ଦର୍ଶନ ପର୍ବର ୧୬ତମ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବାବାଜି ପ୍ରଣବାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ ତାରିଖରେ ପବିତ୍ର ଅଁଳା ନବମୀ ତିଥିରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଆ।ଧାର୍ମିକ କାର୍ଯ୍ୟକ୍ରମକୁ କିଭଳି ଶାନ୍ତି, ଶୃଙ୍ଖଳା ଓ ସଦ୍‌ଭାବନରେ ସମାପନ ହେବ ସେଥି ନିମନ୍ତେ ବିଷଦ ଆଲୋଚନା ହୋଇଥିଲା। ପାଦ ନ ଥିବା ଦିଅଁଙ୍କର ପାଦ ଦର୍ଶନର ଅପୂର୍ବ ସୁଯୋଗ ନିମନ୍ତେ ଆଶ୍ରମ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯିବା ସହ ନଭେମ୍ବର ୧ ତାରିଖରେ ଉତ୍କଳର ଐତିହାସିକ ସଂଗ୍ରାମୀ, ସହିଦମାନଙ୍କ ସ୍ମୃତିରେ ସେମାନଙ୍କ ଉତ୍ତରଦାୟାଦଙ୍କୁ ଅନନ୍ତ ବଳିଆ ଟ୍ରଷ୍ଟ ତରଫରୁ ମରଣୋତ୍ତର ପୂଜ୍ୟପୂଜା ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପାଇଁ ମଧ୍ୟ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳପ୍ରାଣ ବ୍ରଜ ସୁନ୍ଦର ଦାସ, ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ପିଣ୍ଡିକ ବାହୁ ବଳେନ୍ଦ୍ର, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପ୍ରଚାରକ ଅନନ୍ଦ ମିଶ୍ର, ମା ସାରଳା ଦେବୀ, ମଣି ସାହୁ, କର୍ମବୀର ଗୌରୀଶଙ୍କର, ମା ରମାଦେବୀ, ଶହୀଦ ବାଜି ରାଉତ, ବାଇମୁଣ୍ଡି, ରାଜୁସିଂ, ଠାକୁର ଅଭିରାମ ପରମହଂସ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଭଳି ୨୧ଜଣ ପୂଣ୍ୟାତ୍ମାଙ୍କ ଉତ୍ତରାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ମୃତିଚାରଣ କରାଯିବ। ଏହି ଅବସରରେ ମହାପ୍ରଭୁ ନୀଳମାଧବଙ୍କ ଠାରେ ପ୍ରତ୍ୟହ ଜନସାଧାରଣଙ୍କ ନିମନ୍ତେ "ମାଧବ ରାଜଭୋଗ" ନାମରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯିବା ପାଇଁ ମଧ୍ୟ ସ୍ଥିର କରାଯାଇଛି। ଏହି ବୈଠକରେ ବାବାଜୀ ପରମାତ୍ମା ଦାସ, ମୁରବୀ ପୀତବାସ ମହାପାତ୍ର, ଡ. ଶରତ ରଥ, ଡା. ଅରବିନ୍ଦ ନନ୍ଦ, ଶିଶିର ରାଉତରାୟ, ଶ୍ରୀକାନ୍ତ ରାଉତରାୟ, ବିକ୍ରମ ଶତପଥି, ଚତୁର୍ଭୁଜ ମହାପାତ୍ର, ବ୍ରଜବନ୍ଧୁ ଶତପଥି, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ସାହୁ, ବିଜନ ପଣ୍ଡା, ସନ୍ତୋଷ ସାମନ୍ତରାୟ, ବାଉରୀବନ୍ଧୁ ସ୍ୱାଇଁ ଓ ପ୍ରସନ୍ନ ଜେନା ପ୍ରମୁଖ ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥିଲେ।

**୧ ତାରିଖରୁ ଲାଗି ହେବ 'ମାଧବ ରାଜଭୋଗ'**

## ଅନିଶ୍ଚିତତାରେ ଫୁଲନଖରା-ନିଆଳି ୪ ଲେନ୍ ରାସ୍ତା

**କଣ୍ଟାପଡା,୨୭।୧୦(ସମିସ):** ୧୯୯୯ ମହାବାତ୍ୟା ପୂର୍ବରୁ ଏକ ଲେନ୍ ଥିବା ଫୁଲନଖରା-ନିଆଳି ୬୦ ନଂ ରାଜ୍ୟ ରାଜପଥ ୨୦୦୦ ମସିହା ପରେ ବ୍ୟସ୍ତବହୁଳ ହୋଇପଡିବାରୁ ତତ୍କାଳୀନ ସରକାର ଏହି ରାଜପଥକୁ ୨ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିଥିଲେ। ୧୬ନଂ ଜାତୀୟ ରାଜପଥ ଫୁଲନଖରା ଠାରୁ ନିଆଳି, ମାଧବ, କାକଟପୁର, ଅସ୍ତରଙ୍ଗ, କୋଣାର୍କ ଦେଇ ପୁରୀକୁ ଏହି ରାସ୍ତାଟି ସଂଯୋଗ କରୁଥିବା ବେଳେ ପରବର୍ତ୍ତୀ ସମୟରେ ୨୦୦୦ ମସିହା ପରେ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କୁ ଏହି ରାସ୍ତା ଭୁବନେଶ୍ୱର ଓ କଟକ ଯିବା ଆସିବା ପାଇଁ ସହଜ ଓ ପାଖ ହେବାରୁ ଏହି ରାସ୍ତାରେ ଜନସାଧାରଣଙ୍କ ସମେତ ଯାତ୍ରୀବାହୀ ବସ, ଟ୍ରକ, କାର ଯାତାୟତ ସଂଖ୍ୟା ୨୦୦୦ ମସିହା ତୁଳନାରେ ୧୦ ଗୁଣାରୁ ଅଧିକ ବଢ଼ିବା ସହିତ ସମପରିମାଣର ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଫୁଲନଖରା ଠାରୁ ୩୫ କିମି ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନରେ ପରିଣତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ ଏବଂ ଏଥି ପାଇଁ ୨୪୫ କୋଟି ୧୪ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇ ପୂର୍ତ୍ତ ବିଭାଗ ଟେଣ୍ଡର ମଧ୍ୟ ଆହ୍ୱାନ କରିଥିଲା। ପରେ ରାସ୍ତା ପ୍ରଶସ୍ତିକରଣରେ ବାଧକ ସାଜିବାକୁ ଯାଉଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ଗୁଡିକୁ ଚିହ୍ନଟ କରି ଏହାକୁ ହଟାଇବା ପାଇଁ ନମ୍ବରିଂ କାର୍ଯ୍ୟ ଗତ ୫ ମାସ ତଳେ ସରିଥିଲା ବାରଙ୍ଗ, କଣ୍ଟାପଡ଼ା ଓ ନିଆଳିବାସୀଙ୍କ ସମେତ ରାସ୍ତା ବ୍ୟବହାରକାରୀମାନେ ଏଥିପାଇଁ ଆଶ୍ୱସ୍ତ ହୋଇପଡ଼ିଥିଲେ। ହେଲେ ୨୫୪ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପର ଟେଣ୍ଡର ଚଳିତ ମାସରେ ବାତିଲ ହୋଇଯାଇଥିବା ଜଣାପଡିବା ପରେ ରାସ୍ତା ବ୍ୟବହାରକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଫୁଲନଖରା-ନିଆଳି ୪ ଲେନ୍ ବିଶିଷ୍ଟ ଏହି ରାସ୍ତା ନିର୍ମାଣ ଅନିଶ୍ଚିତତା ମଧ୍ୟରେ ଠେଲି ହୋଇଯାଇଛି।




## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

**ନେମାଳ,୨୭।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପରିସରରେ ଶିଶୁ ବାଟିକା ମାତୃ କର୍ମଶାଳା ପରିଚାଳନା ସମିତିର ଉପସଭାପତି ପଣ୍ଡିତ ନବକିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜାପାନୀ ମହାପାତ୍ର, ମୁଖ୍ୟବକ୍ତା ଗୀତାଞ୍ଜଳି ଭୂୟାଁ, ସମ୍ମାନୀୟ ଅତିଥି ଭାବେ ସଭାପତି ଫକୀର ଚରଣ ପୁହାଣ, ସମ୍ପାଦକ ହେମନ୍ତ ଲେଙ୍କା ଯୋଗଦେଇ ଶିଶୁମାନଙ୍କ ପ୍ରତି ମା' ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ମା' ମାନଙ୍କ ମଧ୍ୟରେ ବିଭିନ୍ନ ଖେଳ, ନାଚ, ଗୀତ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ବାଟିକା ପ୍ରମୁଖ ଅସୀମା ଦାଶ, ନିରୂଳତା ପାଣି, ସାବିତ୍ରୀ ଚାନ୍ଦ କର୍ମଶାଳା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶିଲ ବିଶୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ କଥନ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଭାଗିରଥୀ ବାରିକ ଅତିଥି ପରିଚୟ ପ୍ରଦାନ, ଦିବା ଭାଗ ପ୍ରମୁଖ ମିହିର ଜେନା ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଉଲ୍ଲାସ ମହାନ୍ତି, ସହ ସଂପାଦକ ଦୀପକ ମହାପାତ୍ର, ଅକ୍ଷୟ ମହାନ୍ତି, ସଭ୍ୟା ହରପ୍ରିୟା ମଲ୍ଲିକ, ପ୍ରାତଃ ଭାଗ ପ୍ରମୁଖ ଡମ୍ବରୁଧର ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକାମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଅସହାୟ ପରିବାରକୁ ସହାୟତା

**ନେମାଳ,୨୭।୧୦(ସମିସ):** ନେମାଳ ଗ୍ରାମର ପ୍ରସନ୍ନ କୁମାର ଦାସ ବ୍ରେନଟ୍ୟୁମରରେ ଦେହାନ୍ତ ହେବା ପରେ ସମସ୍ତ ଅର୍ଥ ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଥିଲା। ସେ ଘରର ମୁଖ୍ୟ ଆର୍ଥିକ ମାଧ୍ୟମ ଥିଲେ। ତାଙ୍କ ବିୟୋଗ ପରେ ପତ୍ନୀ ପୁଅ ଝିଅ ଓ ବିଧବା ଶାଶୁଙ୍କର କେହି ସାହା ଭରସା ନ ଥିବା ବେଳେ ଖବର ପାଇ 'ମନ କିଣି ନେଲା କଳା ଠାକୁର ଟ୍ରଷ୍ଟ'ର ସଭ୍ୟମାନେ ପରିବାର ନିକଟରେ ପହଞ୍ଚି ତାଙ୍କୁ ସହାୟତାର ହାତ ବଢେଇବା ସହ କିଛି ଆର୍ଥିକ ସହାୟତା କରିବା ସହ ଆଗାମୀ ଦିନରେ କିଭଳି ପରିବାର ପ୍ରତିପୋଷଣ ହେବ ସେ ଦିଗରେ ଉଦ୍ୟମ କରିଛନ୍ତି। ଆଜିର ସମାଜରେ ମାନବ ସେବା ହିଁ ମାଧବ ସେବା ବୋଲି ଟ୍ରଷ୍ଟ ତରଫରୁ ସଦସ୍ୟମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଭାପତି ମନୋଜ ନାୟକ, ସୁବାସ ବାରିକ, ସୁଶାନ୍ତ ନାୟକ, ସ୍ୱରୂପ ରଞ୍ଜନ ସାହୁ, ଭାଗିରଥି ଗିଲ, କାଜଲ ସାହୁ, ସାଗର ବେହେରା, ଜିତୁନ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।



### ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ

## 'ବିକଶିତ ଭାରତ-୨୦୪୭ର ନକ୍ସା' ଶୀର୍ଷକ ଜାତୀୟ ସମ୍ମିଳନୀ

**କଟକ,୨୭।୧୦(ସମିସ):** ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହା ମ୍ୟାନେଜେମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି କହିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି କଟକ ସିଏମ୍‌ସି କମିଶନର କୀରଣଦୀପ କୌର ସାହୋତା ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସଂପର୍କରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀ ଏହାକୁ ଭଲ ଭାବରେ ବୁଝିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍‌ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ ସରୋଜ କୁମାର ସାହୁ କହିଲେ ବିକଶିତ ଭାରତ ୨୦୪୭ -ଏକ ସମୃଦ୍ଧ ରାଷ୍ଟ୍ର ନିର୍ମାଣର ଅଭିଯାନ। ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ ଦାସ, ଡ. ମନୀତ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଲ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗବେଷଣାଧର୍ମୀ ନିବନ୍ଧ ଉପସ୍ଥାପକ ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ଓଡିଶା ସମେତ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମ୍ୟାନେଜମେଣ୍ଟ ଓ ଉଚ୍ଚତର ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।



ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୦ ● ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୫,୧୪୦ (ନୂଆଦିଲ୍ଲୀ)
- ରୁପା : ୧,୫୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୭୭୮.୦୦
- ନିଫ୍ଟି ୨୫,୯୬୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ସରକାରୀ ବ୍ୟାଙ୍କରେ ବଢ଼ିବ ବିଦେଶୀ ନିବେଶ

# ଏଫ୍‌ଡିଆଇ ସୀମା ୪୯% ଯାଏ ବଢ଼ାଇବେ ସରକାର

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଦେଶର ସରକାରୀ ବ୍ୟାଙ୍କଗୁଡିକରେ ବିଦେଶୀ କମ୍ପାନୀଗୁଡିକର ନିବେଶ ସୀମାକୁ ବଢ଼ାଇବେ କେନ୍ଦ୍ର ସରକାର। ତେଣୁ ଏହି ସରକାରୀ ବ୍ୟାଙ୍କଗୁଡ଼ିକରେ ପ୍ରତ୍ୟେକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ସୀମାକୁ ୪୯% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚାଲିଛି, ଯାହା ବର୍ତ୍ତମାନର ସୀମାଠାରୁ ଦୁଇଗୁଣ ଅଧିକ।

ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟରେ ଅର୍ଥ ମନ୍ତ୍ରଣାଳୟ ଗତ କିଛି ମାସ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହିତ ଏହି ପ୍ରସ୍ତାବ ଉପରେ ଆଲୋଚନା କରୁଛି। ତଥାପି, ଏହି ପ୍ରସ୍ତାବ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଭାରତର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବିଦେଶୀ ନିବେଶକଙ୍କ ଆଗ୍ରହ ନିରନ୍ତର ବୃଦ୍ଧି ପାଉଛି। ଏହାର ଉଦାହରଣ ହେଉଛି ଦୁବାଇର ଏମିରେଟ୍ସ ଏନ୍‌ବିଡି ଦ୍ୱାରା ଆର୍‌ବିଏଲ୍ ବ୍ୟାଙ୍କରେ ୬୦% ଅଂଶଧନ ୩ ବିଲିୟନ ଡଲାରରେ କ୍ରୟ କରିବା ଏବଂ ଜାପାନର ସୁମିତୋମୋ ମିତ୍‌ସୁବିସିଇ ବ୍ୟାଙ୍କିଙ୍ଗ କର୍ପୋରେସନ ଦ୍ୱାରା ୟେସ୍ ବ୍ୟାଙ୍କରେ ୨୦% ଅଂଶଧନ ୧.୬ ବିଲିୟନ ଡଲାରରେ କ୍ରୟ କରିବା, ଯାହାକୁ ସେମାନେ ପରେ ୪.୯୯%



ବୃଦ୍ଧି କରାଯାଇଛି। ବିଦେଶୀ ନିବେଶକମାନେ ମଧ୍ୟ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ପ୍ରତି ଆଗ୍ରହୀ ହେଉଛନ୍ତି। ବିଦେଶୀ ମାଲିକାନା ସୀମା ବୃଦ୍ଧି କରିବା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଏହି ବ୍ୟାଙ୍କଗୁଡ଼ିକୁ ଅଧିକ ପୁଞ୍ଜି ସଂଗ୍ରହ କରିବାରେ ସହାୟତା ମିଳିବ।

ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ଏଫ୍‌ଡିଆଇ ୨୦%ସୀମା ବୃଦ୍ଧି କରିବା ପାଇଁ ଆଲୋଚନା ଚାଲିଛି। ସେମାନେ କହିଛନ୍ତି ଯେ ଏହି ପଦକ୍ଷେପ ସରକାରୀ କ୍ଷେତ୍ର ଏବଂ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ପାଇଁ ନିୟମାବଳୀ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା ପାଇଁ ଏକ ପ୍ରୟାସର ଅଂଶ। ସୂଚନାଯୋଗ୍ୟ ଯେ, ଭାରତରେ ଘରୋଇ ବ୍ୟାଙ୍କଗୁଡ଼ିକରେ ବିଦେଶୀ ନିବେଶ ସୀମା ୭୪% ପର୍ଯ୍ୟନ୍ତ ରହିଛି। ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଏଫ୍‌ଡିଆଇ ସୀମା ୪୯%କୁ ବୃଦ୍ଧି କରିବା ପାଇଁ ଏହି ପ୍ରସ୍ତାବ ପୂର୍ବରୁ କେବେ ସାର୍ବଜନୀନ ହୋଇନାହିଁ। ନାମ ଗୋପନ ରଖିବା ସର୍ତ୍ତରେ ରିପୋର୍ଟରେ ଥିବା ସୂତ୍ରଗୁଡ଼ିକ କହିଛନ୍ତି ଯେ ଏହି ଆଲୋଚନା ଏ ପର୍ଯ୍ୟନ୍ତ ସାର୍ବଜନୀନ ନୁହେଁ। ତଥାପି, ଭାରତର ଅର୍ଥ ମନ୍ତ୍ରଣାଳୟ ଏବଂ ଆର୍‌ବିଆଇ ଏ ପର୍ଯ୍ୟନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। ଭାରତରେ ବର୍ତ୍ତମାନ ୧୨ଟି ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ ଅଛି, ଯାହାର ମୋଟ ସମ୍ପତ୍ତି ମାର୍ଚ୍ଚ ସୁଦ୍ଧା ୧୭୧ ଟ୍ରିଲିୟନ ଟଙ୍କା ୧.୯୫ ଟ୍ରିଲିୟନ ଡଲାର) ଅଛି। ଏହା ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରର ପ୍ରାୟ ୫୫% ପ୍ରତିନିଧିତ୍ୱ କରୁଛି। ପ୍ରଥମ ସୂତ୍ର ଅନୁଯାୟୀ, ସରକାର ଏହି ବ୍ୟାଙ୍କଗୁଡ଼ିକରେ ସର୍ବନିମ୍ନ ୫୧% ଅଂଶଧନ ବଜାୟ ରଖିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ, ସମସ୍ତ ୧୨ଟି ବ୍ୟାଙ୍କରେ ସରକାରଙ୍କ ଅଂଶଧନ ଏହାଠାରୁ ଯଥେଷ୍ଟ ଅଧିକ। ସେପ୍ଟେମ୍ବର ୩୦ ସୁଦ୍ଧା କାନାରା ବ୍ୟାଙ୍କରେ ବିଦେଶୀ ନିବେଶ ପ୍ରାୟ ୧୨%, ଯେତେବେଳେ ୟୁକୋ ବ୍ୟାଙ୍କରେ ଏହା ପ୍ରାୟ ଶୂନ୍ୟ। ସାଧାରଣତଃ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ଘରୋଇ ବ୍ୟାଙ୍କଗୁଡ଼ିକ ତୁଳନାରେ ଦୁର୍ବଳ ବୋଲି ବିବେଚନା କରାଯାଏ। ସେମାନଙ୍କୁ ପ୍ରାୟତଃ ଗରିବମାନଙ୍କୁ ଋଣ ଦେବା ଏବଂ ଗ୍ରାମାଞ୍ଚଳରେ ଶାଖା ଖୋଲିବା ଦାୟିତ୍ୱ ଦିଆଯାଏ। ଯାହା ଫଳରେ ସେମାନଙ୍କର ରାପ ଋଣ ହାର ଅଧିକ ରହିବା ସହ ଇକ୍ୱିଟି ଉପରେ ଦୁର୍ବଳ ରିଟର୍ଣ୍ଣ ରହିଥାଏ।

## ଆଦାନୀ ଗ୍ରୁପରେ ଆମେରିକା କମ୍ପାନୀଙ୍କ ନିବେଶ

- ୫ କମ୍ପାନୀ ଖଟାଇଛନ୍ତି ୨୫ କୋଟି ଡଲାର
- ତାଲିକାରେ ଏଥେନ୍ ଇନ୍‌ସ୍ୟୁରାନ୍ସ ଓ ଡିଜେଡ୍ ବ୍ୟାଙ୍କ ଭଳି କମ୍ପାନୀ

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଆଦାନୀ ଗ୍ରୁପରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନିବେଶ ସମ୍ପ୍ରତି ଖବରର ଶିରୋନାମାରେ ରହିଛି। ତଥାପି, ସାମ୍ପ୍ରତିକ ତଥ୍ୟ ଦର୍ଶାଉଛି ଯେ କୋଟିପତି ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକରେ ସର୍ବାଧିକ ନିବେଶ ଏଲ୍‌ଆଇସିରୁ ନୁହେଁ, ବରଂ ପ୍ରମୁଖ ଆମେରିକୀୟ ଏବଂ ବିଶ୍ୱର ପ୍ରମୁଖ ବୀମା କମ୍ପାନୀଗୁଡ଼ିକରୁ ଆସିଛି। ୨୦୨୫ ଜୁନ୍ ମାସରେ ଏଲ୍‌ଆଇସି ଆଦାନୀ ପୋର୍ଟସ୍ ଏବଂ ଏସ୍‌ଇଜେଡ୍‌ରେ ୫୭୦ ନିୟୁତ ଡଲାର (ପ୍ରାୟ ୫୦୦୦ କୋଟି ଟଙ୍କା) ନିବେଶ କରିଥିଲା। ଗୋଟିଏ ମାସ ପରେ, ଆମେରିକୀୟ-ଭିତ୍ତିକ ଏଥେନ୍‌ଆଦାନୀଙ୍କ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ୬୬୫୦ କୋଟି ଟଙ୍କା (ପ୍ରାୟ ୭୫୦ ନିୟୁତ ଡଲାର) ଋଣ ନିବେଶ କରିଥିଲା। ଏହି ନିବେଶରେ ଅନେକ ପ୍ରମୁଖ ବିଦେଶୀ ବୀମା କମ୍ପାନୀ ମଧ୍ୟ ସାମିଲ ଥିଲେ। ଏଥେନର ମୂଳ କମ୍ପାନୀ ଆପୋଲୋ ଗ୍ଲୋବାଲ୍ ମ୍ୟାନେଜମେଣ୍ଟ ଜୁନ୍ ୨୩ ତାରିଖରେ ଘୋଷଣା କରିଥିଲା ଯେ ଏହାର ପରିଚାଳିତ ପାଣ୍ଠି, ସହଯୋଗୀ ଏବଂ ଅନ୍ୟାନ୍ୟ ନିବେଶକମାନେ ମୁମ୍ବାଇ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ଲିମିଟେଡ୍ ପାଇଁ ୭୫୦ ନିୟୁତ ଡଲାର ନିବେଶ ସମାପ୍ତ କରିଛନ୍ତି। ଏହା ମୁମ୍ବାଇ ଏୟାରପୋର୍ଟ ପାଇଁ ଆପୋଲୋର ଦ୍ୱିତୀୟ ପ୍ରମୁଖ ପାଣ୍ଠି ପର୍ଯ୍ୟାୟ ଥିଲା।

ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଡିବିଏସ୍ ବ୍ୟାଙ୍କ, ଡିଜେଡ୍ ବ୍ୟାଙ୍କ, ରାବୋବ୍ୟାଙ୍କ ଏବଂ ବ୍ୟାଙ୍କ ସିନୋପାକ୍ କୋ. ଲିମିଟେଡ୍ ସମେତ ଅନେକ ଆନ୍ତର୍ଜାତୀୟ ବ୍ୟାଙ୍କରୁ ପ୍ରାୟ ୨୫୦ ନିୟୁତ ଡଲାର ଋଣ ସଂଗ୍ରହ କରିଛି। ଏସ ଆଣ୍ଡ ପି ଗ୍ଲୋବାଲ୍ ରେଟିଂସର ଅଗଷ୍ଟ ମାସର ରିପୋର୍ଟ ଅନୁଯାୟୀ, ଆଦାନୀ ଗ୍ରୁପ୍ ବର୍ଷର ପ୍ରଥମାର୍ଦ୍ଧରେ ଏହାର ବନ୍ଦର, ନବୀକରଣୀୟ ଶକ୍ତି, ମୂଳ କମ୍ପାନୀ ଏବଂ ବିଦ୍ୟୁତ୍ ପରିବହନ ୟୁନିଟ୍ ପାଇଁ ୧୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ନୂତନ ଋଣ ଚୁକ୍ତି ସ୍ୱାକ୍ଷର କରିଛି।

## ପି. ସତ୍ୟନାରାୟଣ ହେଲେ ୟୁସିଡିଏର ନୂତନ ସଭାପତି



ଭୁବନେଶ୍ୱର,୨୭।୧୦(ସମିସ): ଚଳିତମାସ ୨୫ରେ ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ୟୁସିଡିଏ)ର ତ୍ରିବାର୍ଷିକ ନିର୍ବାଚନ ଶେଷ ହୋଇଛି। ଏଥିରେ ପି. ସତ୍ୟନାରାୟଣ (ଗଞ୍ଜାମ) ଏବଂ ପ୍ରଶାନ୍ତ ମହାପାତ୍ର (କଟକ) ଆଗାମୀ ତିନି ବର୍ଷ ପାଇଁ ଅର୍ଥାତ୍ ୨୦୨୫ ରୁ ୨୦୨୮ ପାଇଁ ସଭାପତି ଏବଂ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ମନମୋହନ ରଥ (ବଲାଙ୍ଗିର) ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ଏବଂ ପ୍ରଶାନ୍ତ କୁମାର ଜେନା (ଭୁବନେଶ୍ୱର) ଏବଂ ଜୟନ୍ତ କୁମାର ଦୀକ୍ଷିତ (ଝାରସୁଗୁଡ଼ା) ଉପ ନର୍ବାଚନ ଅଧିକାରୀ ଭାବରେ ଏହି ନିର୍ବାଚନକୁ ସୁଗମ ଭାବରେ ପରିଚାଳନା କରିଥିଲେ। ୟୁସିଡିଏର ସାଧାରଣ ପରିଷଦ ବୈଠକ ଆସନ୍ତା ନଭେମ୍ବର ୧୮ ଏବଂ ୧୯ ତାରିଖରେ ଜେ.ଏସ୍. ସିନ୍ଦେ ସଭାପତି ଏଆଇଓସିଡି, ରାଜୀବ ସିଂହଲ ସାଧାରଣ ସମ୍ପାଦକ ଏଆଇଓସିଡି ଏବଂ ପି.କେ. ସିଂହ ଉପାଧ୍ୟକ୍ଷ ଏଆଇଓସିଡିଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ୟୁସିଡିଏ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି।

### ● ଶ୍ୱୋରା ସର୍ଭେ ରିପୋର୍ଟ

## ବକ୍ସାଇଟ୍ ଖଣି ଖନନକୁ କଳାହାଣ୍ଡିର ୮୧% ସ୍ଥାନୀୟ ଲୋକଙ୍କ ସମର୍ଥନ

ଭୁବନେଶ୍ୱର, ୨୭।୧୦(ସମିସ): ଏକ ସର୍ଭେ ରିପୋର୍ଟରେ ୮୧% କଳାହାଣ୍ଡି ବାସିନ୍ଦା କହିଛନ୍ତି ଯେ ବକ୍ସାଇଟ୍ ଖଣି ଖନନ କରିବା ଦ୍ୱାରା ଚାକିରି, ଭିତ୍ତିଭୂମି ଏବଂ ଦୀର୍ଘ ପ୍ରତୀକ୍ଷିତ ସମୃଦ୍ଧି ମିଳିବ, ଏନଜିଓ ଶ୍ୱୋରା (ସାମାଜିକ କଲ୍ୟାଣ ଏବଂ ମହିଳା ଏବଂ ଶିଶୁ ଉନ୍ନତି ଗ୍ରାମୀଣ କ୍ଷେତ୍ରରେ - ଏକ ତୃଣମୂଳ ସମ୍ପ୍ରଦାୟ ବିକାଶ ସଂଗଠନ) ଦ୍ୱାରା ଏକ ନୂତନ ସମ୍ପ୍ରଦାୟ ସର୍ଭେ ଅନୁଯାୟୀ ଏହି ରିପୋଟ ପ୍ରକାଶ ପାଇଛି। କଳାହାଣ୍ଡି ବିକାଶ ଏବଂ ଖଣି ଉପରେ ଆଲେଶଚନା ; ଶୀର୍ଷକ ଏହି ରିପୋର୍ଟରେ ଭାରତର ସବୁଠାରୁ ଅନୁନ୍ନତ ଅଞ୍ଚଳ ମଧ୍ୟରୁ ଗୋଟିଏର ଜରୁରୀ ଆହ୍ୱାନ ପ୍ରକାଶ କରାଯାଇଛି ଯାହା ପ୍ରଗତିକୁ ଶିଳ୍ପ ଅଭିବୃଦ୍ଧି ଏବଂ ବକ୍ସାଇଟ୍ ଖଣି ଖୋଲିବା ସହିତ ଦୃଢ଼ ଭାବରେ ଯୋଡ଼ିଥାଏ। ନାଙ୍ଗଲବେଡା, ଚମ୍ପାଦେଇପୁର, ପ୍ରତାପପୁର, ଗୋଲାଙ୍ଗବନ୍ଧା, ବାର୍ଟେଲିମା ଇତ୍ୟାଦି ୧୨ଟି ଗ୍ରାମର ୬୦୦ ଲୋକଙ୍କୁ ସାମିଲ କରି ଏହି ସର୍ଭେ କରାଯାଇଥିଲା। ଏଥିରେ ୮୦% ଯୁବକ ସ୍ଥାୟୀ ନିଯୁକ୍ତି ପାଇଁ ଖଣିକୁ ସମର୍ଥନ କରନ୍ତି ଯେତେବେଳେ ୬୦% ଲୋକ ଖଣିକୁ ଚାକିରି ଏବଂ ଜୀବିକାର ଉତ୍ସ ଭାବରେ ଦୃଢ଼ ସମର୍ଥନ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୮୦% ସହମତ ଯେ ଖଣି ସ୍ଥାୟୀ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବ, ବିଶେଷକରି ଯୁବପିଢ଼ି ଦ୍ୱାରା ମୂଲ୍ୟବାନ ଏବଂ ସମସ୍ତ ଉତରଦାତାଙ୍କ ମଧ୍ୟରୁ ଅଧାରୁ ଅଧିକ ଖଣି ପ୍ରକଳ୍ପ ପାଇଁ ତୁରନ୍ତ ସରକାରୀ ଅନୁମୋଦନ ଚାହାଁନ୍ତି।

# ବଢ଼ିଲା ଆଧାର ଅପ୍‌ଡେଟ୍ ଫି’

- ୫୦ ନୁହେଁ ୭୫ ଟଙ୍କା ଦେବାକୁ ହେବ
- ଅକ୍ଟୋବର ପହିଲାରୁ ହୋଇଛି ଲାଗୁ
- ୭-୧୫ ବର୍ଷର ପିଲାଙ୍କ ପାଇଁ ଫିଙ୍ଗରପ୍ରିଣ୍ଟ ଏବଂ ଆଇରିସ୍ ସ୍କାନ୍ ଅପଡେଟ୍ ସମ୍ପୂର୍ଣ୍ଣ ମାଗଣା

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଆଧାର ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଯାଉଛି। ଆଗାମୀ ଦିନରେ ଲୋକଙ୍କୁ ଆଧାର ଅପଡେଟ୍ କରିବା ମହଙ୍ଗା ହେବ। କାରଣ ୟୁଆଇଡିଏଆଇ ଅକ୍ଟୋବର କହିଲାରୁ ଆଧାର ଅପଡେଟ୍ ଫି’ ବୃଦ୍ଧି କରିଛି। ପୂର୍ବରୁ ଆଧାର ଅପଡେଟ୍ କରିବା ପାଇଁ ଆପଣଙ୍କୁ ୫୦ ଟଙ୍କା ଫି’ ଦେବାକୁ ପଡୁଥିଲା, ଏବେ ୭୫ ଟଙ୍କା ଦେବାକୁ ପଡିବ।




ଯଦି ଆପଣଙ୍କୁ ଆଧାରକାର୍ଡରେ ଆପଣଙ୍କର ନାମ, ଠିକଣା, ଜନ୍ମ ତାରିଖ, କିମ୍ବା ମୋବାଇଲ୍ ନମ୍ବର ପରି ବିବରଣୀ ପରିବର୍ତ୍ତନ କରିବାକୁ ପଡିବ, ତେବେ ଆପଣଙ୍କୁ ୭୫ ଟଙ୍କା ଦେବାକୁ ପଡିବ। ବାୟୋମେଟ୍ରିକ୍ ଅପଡେଟ୍ (ଫିଙ୍ଗରପ୍ରିଣ୍ଟ, ଆଇରିସ୍ କିମ୍ବା ଫଟୋ) ପାଇଁ ଏଣିକି ୧୨୫ ଟଙ୍କା ଖର୍ଚ୍ଚ କରିବାକୁ ପଡିବ,, ଯାହା ପୂର୍ବରୁ ୧୦୦ ଟଙ୍କା ଥିଲା। ଏହି ନୂତନ ଶୁଳ୍କ ହାର ୨୦୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ୟୁଆଇଡିଏଆଇ କହିଛି ଯେ ସେବା ଗୁଣବତ୍ତା ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିର ମୂଲ୍ୟକୁ ସମାଧାନ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। ହେଲେ ୟୁଆଇଡିଏଆଇ ପିଲାମାନଙ୍କ ପାଇଁ କିଛିଟା ଆଶ୍ୱସ୍ତି ପ୍ରଦାନ କରିଛି। ବର୍ତ୍ତମାନ ୭ରୁ ୧୫ ବର୍ଷ ବୟସର ପିଲାମାନଙ୍କ ପାଇଁ ଆଙ୍ଗୁଠି ଚିହ୍ନ ଏବଂ ଆଇରିସ୍ ସ୍କାନ ଅପଡେଟ୍ ଏବେ ସମ୍ପୂର୍ଣ୍ଣ ମାଗଣା ହେବ। ପୂର୍ବରୁ, ଏଥିପାଇଁ ମଧ୍ୟ ଫି’ ଦେବାକୁ ପଡୁଥିଲା। ଅଧିକାରୀମାନେ କହିଛନ୍ତି ଯେ ପିଲାମାନଙ୍କ ମୁହଁ ଏବଂ ଆଙ୍ଗୁଠି ଚିହ୍ନ ସମୟ ସହିତ ପରିବର୍ତ୍ତନ ହୁଏ, ଯାହା ଏହି ଅପଡେଟ୍ ଆବଶ୍ୟକ କରିଦିଏ। କୌଣସି ପିଲାର ଆଧାର ନିଷ୍କ୍ରିୟ ନ ହେବା ପାଇଁ ସ୍କୁଲଗୁଡ଼ିକୁ ମଧ୍ୟ ଏହି ପ୍ରକ୍ରିୟାରେ ସହାୟତା କରିବାକୁ କୁହାଯାଇଛି। ୨୦୨୫ ଜୁଲାଇରେ ୟୁଆଇଡିଏଆଇ ଆଧାର ଅପଡେଟ୍ ଏବଂ ନୂତନ ନାମଲେଖା ପାଇଁ ଡକ୍ୟୁମେଣ୍ଟଗୁଡ଼ିକର ଏକ ନୂତନ ତାଲିକା ପ୍ରକାଶ କରିଛି। ଏବେ, ସମସ୍ତ ଭାରତୀୟ ନାଗରିକ, ଏନ୍‌ଆର୍‌ଆଇ, ଓସିଆଇ କାର୍ଡଧାରକ ଏବଂ ହିନ୍ଦୁ ଅବିଭକ୍ତ ପରିବାର (ଏଚ୍‌ୟୁଏଫ୍) ପାଇଁ ୟୁନିଫର୍ମ ଏବଂ ସ୍ୱଷ୍ଟ ନିୟମ ସ୍ଥିର କରାଯାଇଛି। ୟୁଆଇଡିଏଆଇ ଏହା ମଧ୍ୟ ସ୍ୱଷ୍ଟ କରିଛି ଯେ ଜଣେ ବ୍ୟକ୍ତିଙ୍କ ପାଖରେ କେବଳ ଗୋଟିଏ ଆଧାର ନମ୍ବର ରହିପାରିବ।

## ଭୋଡାଫୋନ୍ ଆଇଡିଆକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୭।୧୦(ଏଜେନ୍ସି): ଆର୍ଥିକ ସଙ୍କଟରେ ଫସିଥିବା ଟେଲିକମ କମ୍ପାନୀ ଭୋଡାଫୋନ ଆଇଡିଆ(ଭିଆଇ)କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଭୋଡାଫୋନ ଆଇଡିଆ ଲିମିଟେଡର ଆବେଦନ ଉପରେ ବିଚାର କରିବାକୁ ଅନୁମତି ଦେଇଛନ୍ତି। ଏହି ଆବେଦନରେ କମ୍ପାନୀ ଟେଲିକମ ବିଭାଗ ଦ୍ୱାରା ଲଗାଯାଇଥିବା ଅତିରିକ୍ତ ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ ବା ଏଜିଆରକୁ ରଦ୍ଦ କରିବା ଦାବି କରିଥିଲା। ସୁପ୍ରିମକୋର୍ଟ କହିଛନ୍ତି ଏହି ପ୍ରସଙ୍ଗ ସରକାରଙ୍କ ନୀତିଗତ ପରିସରରେ ଆସୁଛି। ଟେଲିକମ୍ ବିଭାଗ ଦ୍ୱାରା ଆର୍ଥିକ ବର୍ଷ ୨୦୧୬-୧୭ରେ ଲଗାଯାଇଥିବା ଅତିରିକ୍ତ ଏଜିଆର ବେକୟା ଦାବିକୁ ଚାଲେଞ୍ଜ କରିଥିଲା ଭିଆଇ।

## ଖରିଫ ୨୦୨୫-୨୬ ଋତୁ: ଓଡ଼ିଶା ସମେତ ୪ ରାଜ୍ୟ ପାଇଁ ଡାଲି କ୍ରୟ ଯୋଜନାକୁ ମଞ୍ଜୁରି




ଭୁବନେଶ୍ୱର,୨୭।୧୦(ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ତେଲଙ୍ଗାନା, ଓଡ଼ିଶା,ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ଖରିଫ ୨୦୨୫-୨୬ ଋତୁ ପାଇଁ ଡାଲି ଏବଂ ତୈଳବୀଜ ପାଇଁ କ୍ରୟ ଯୋଜନାକୁ ମଞ୍ଜୁର କରିଛନ୍ତି। ଏହି ରାଜ୍ୟଗୁଡ଼ିକ ପାଇଁ ମୋଟ ଅନୁମୋଦିତ କ୍ରୟ ପରିମାଣ ୧୫,୦୯୫.୮୩ କୋଟି ଟଙ୍କା ହେବ, ଯାହା ସମ୍ପୃକ୍ତ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ଲାଭ ପ୍ରଦାନ କରିବ। କେନ୍ଦ୍ର କୃଷି ମନ୍ତ୍ରୀ ପିଏମ୍-ଆଶା ଓ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନ୍ୟାନ୍ୟ ଯୋଜନା ଅଧୀନରେ ଏହି ରାଜ୍ୟଗୁଡ଼ିକର କୃଷି ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକ ସମୟରେ ଏହି ଅନୁମୋଦନଗୁଡ଼ିକୁ ମଞ୍ଜୁର କରିଛନ୍ତି। ଓଡ଼ିଶାରେ ରାଜ୍ୟର ଉତ୍ପାଦନର ୧୦୦% ପ୍ରତିନିଧିତ୍ୱ କରୁଥିବା ୧୮,୪୭୦ ମେଟ୍ରିକ୍ ଟନ୍ ହରଡ଼ କୁ ପିଏସ୍‌ଏସ୍ ଅଧୀନରେ ମଞ୍ଜୁର କରାଯାଇଛି, ଯାହାର ବଜେଟ୍ ବ୍ୟୟବରାଦ ୧୪୭.୭୬ କୋଟି ଟଙ୍କା। ମହାରାଷ୍ଟ୍ରରେ ଶ୍ରୀ ଚୌହାନ ପିଏସ୍‌ଏସ୍ ଅଧୀନରେ ୩୩,୦୦୦ ମେଟ୍ରିକ୍ ଟନ୍ ମୁଗ, ୩,୨୫,୬୮୦ ମେଟ୍ରିକ୍ ଟନ୍ ବିରି ଏବଂ ୧୮,୫୦,୭୦୦ ମେଟ୍ରିକ୍ ଟନ୍ ସୋୟାବିନ୍ କ୍ରୟକୁ ଅନୁମୋଦନ କରିଛନ୍ତି ଯାହାର ମୋଟ ମୂଲ୍ୟ ଯଥାକ୍ରମେ ଟ.୨୮୯.୩୪ କୋଟି,୨,୫୪୦.୩୦ କୋଟି ଏବଂ ୯,୮୬୦.୫୩କୋଟି ଟଙ୍କା।

## ରାଜ୍ୟ ଖବର

## ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ ପକ୍ଷରୁ ଓଡିଶାର ପ୍ରଥମ ଟେଲି ରୋବୋଟିକ୍ ସର୍ଜରୀ

କଟକ,୨୭।୧୦ (ସମିସ): ମେଡିକାଲ ଟେକ୍ନୋଲୋଜି କ୍ଷେତ୍ରରେ ପ୍ରଥମ ଲାପ୍ରୋସ୍କୋପି ସର୍ଜରୀ ଓ ବେରିଆଟିକ୍ ସର୍ଜରୀ କରି ପୂର୍ବ ଭାରତର ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା କେନ୍ଦ୍ର ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍ ଘରୋଇ ଚିକିତ୍ସା କ୍ଷେତ୍ରରେ ଆଉ ଏକ ପର୍ବ ଯୋଡ଼ିଛି। ଏହାର ଅଧ୍ୟକ୍ଷ ତଥା ବିଖ୍ୟାତ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ମେଟାବୋଲିକ୍ ଏବଂ ବାରିଆଟ୍ରିକ୍ ସର୍ଜନ୍ ପ୍ରଫେସର ଡା. ଶ୍ରୀଜୟ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ୨ଟି ଟେଲି ରୋବୋଟିକ ସର୍ଜରୀ ଐତିହାସିକ ସଫଳତା ହାସଲ କରିଛି। ଗୁରୁଗାଁଓ ହସ୍ପିଟାଲ୍‌ରେ ଥାଇ ଡାକ୍ତର ପଟ୍ଟନାୟକ



ନିଜ ସହଯୋଗୀ ସୁପୁତ୍ର ଡାକ୍ତର ଅଭିନନ୍ଦନ ପଟ୍ଟନାୟକଙ୍କ ସହଯୋଗରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରପଚାର କରିଛନ୍ତି। ଏସଏସଆଇ ମନ୍ତ୍ର ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମର ବ୍ୟବହାର କରି ଓଡିଶାର ପ୍ରଥମ ଏବଂ ପୂର୍ବ ଭାରତର ଦ୍ୱିତୀୟ ଟେଲିସର୍ଜରୀକୁ ସଫଳତାର ସହିତ ସମ୍ପାଦନ କରାଇପାରିଛନ୍ତି। ଅବ୍‌ଷ୍ଟ୍ରକ୍ଟେଡ ଗ୍ରୋଇନ ହର୍ନିଆ ପାଇଁ ଜରୁରୀକାଳିନ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ଟାଙ୍ଗୀ ଅଞ୍ଚଳର ଜନୈକ ରୋଗୀଙ୍କଠାରେ ପ୍ରଥମ ଟେଲି ରୋବୋଟିକ ସର୍ଜରୀ କରାଯାଇଥିଲା। ଏସଏସ ଇନୋଭେଶନ୍ସ ହେଡ୍‌କ୍ୱାଟର ଗୁଡ଼ିକ ମଧ୍ୟରେ ଏକ ରୋବୋଟିକ କ୍ଲୋଇସିଷ୍ଟେକ୍‌ଟୋମି ସହ ଏକ ରୋବୋଟିକ ଟ୍ରାନ୍ସଆବ୍‌ଡୋମିନାଲ ପ୍ରିପେରିଟୋନିଆଲ (ଟିଏପିପି) ରିପେୟାର ପଦ୍ଧତିରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଡାକ୍ତର ଅନଙ୍ଗ ଦ୍ୱିବେଦୀ, ହସ୍ପିଟାଲ୍‌ର ସିଇଓ ଶୁଭ୍ରାଂଶୁ ବାଗ୍‌ଚୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ପାଇଁ ଚେତାବନୀ ଆନ୍ଧ୍ର ବସ୍ ଦୁର୍ଘଟଣା

- ଯାତ୍ରୀବାହୀ ବସରେ ଅଗ୍ନି ନିରାପତ୍ତାକୁ ନେଇ ରାଜ୍ୟରେ ଚିନ୍ତା
- ସବୁ ବସ୍ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପାଇଁ ନିଆଯିବ ପଦକ୍ଷେପ
- ରାତ୍ରୀକାଳୀନ ଓ ଏସସି ବସ୍ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୧୦(ସମିସ): ରାଜସ୍ଥାନ ଓ ଏହାର ଠିକ୍ ପରେ ପରେ ଆନ୍ଧ୍ରପ୍ରଦେଶ ଯାତ୍ରୀବାହୀ ବସ୍‌ରେ ଅଗ୍ନିକାଣ୍ଡ ଘଟଣାରେ ଯାତ୍ରୀଙ୍କ ଜୀବନ୍ତ ଦଗ୍ଧ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ବିଶେଷକରି ଆନ୍ଧ୍ରରେ ଘଟିଥିବା ଘଟଣା ପରେ ଓଡ଼ିଶା ବେଶୀ ଚିନ୍ତିତ ହୋଇଛି। ତେଣୁ ରାଜ୍ୟରେ କିପରି ଏଭଳି ଘଟଣା ନ ଘଟିବ ତାକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଓ ଅଗ୍ନିଶମ ବିଭାଗ ପକ୍ଷରୁ ମିଳିତ ଭାବେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସହ ଆଲୋଚନା ସହ ଏ ସଂକ୍ରାନ୍ତରେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି।

ସୋମବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ଅଗ୍ନିଶମ ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ରାଜ୍ୟ ବସ୍ ମାଲିକ ସଂଘର ବରିଷ୍ଠ ସଦସ୍ୟମାନଙ୍କ ସହ ବିଗତ ଦିନରେ ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ବସ୍‌ରେ ଅଗ୍ନିକାଣ୍ଡ ଅଘଟଣାର ତଥ୍ୟ ରଖିଥିଲେ। ରାଜ୍ୟରେ ଏଭଳି ବିପଦକୁ ଏଡ଼ାଇବା ପାଇଁ ବିଶେଷ କରି ବସ୍ ମାନଙ୍କ ପାଇଁ ଥିବା ଅଗ୍ନି ନିରାପତ୍ତା ନିର୍ଦ୍ଦେଶାବଳୀର ସଠିକ୍ ଅନୁପାଳନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଅଗ୍ନିଶମ ଡିଜି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ବସରେ ଯାତ୍ରା କରୁଥିବା ସମସ୍ତଯାତ୍ରୀଙ୍କ ସୁରକ୍ଷା ପାଇଁ ବସ୍ କର୍ତ୍ତୃପକ୍ଷଙ୍କୁ ଆଇନ ଅନୁଯାୟୀ ନିୟମ ପାଳନ ସହ ନୈତିକ ଭାବରେ ମଧ୍ୟ ଦାୟିତ୍ୱ ନେବାକୁ ହେବ। କୌଣସି ଅଘଟଣ ଘଟିଲେ ଏହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ହେବ। ନିଆଁ ଲାଗିବାର ଉତ୍ସ ଜାଣିବା ସହ ଏହାକୁ ଲିଭାଇବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବସ୍ କର୍ମଚାରୀଙ୍କୁ ଯତ୍ନବାନ ରହିବାକୁ ଶ୍ରୀ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ସେହିଭଳି ରାଜ୍ୟରେ ଏବେ ଚାଲୁଥିବା ବସ୍ ମଧ୍ୟରେ କେତେ ବସ୍ ଅଗ୍ନି ନିରାପତ୍ତା ଗାଇଡଲାଇନର ଅନୁପାଳନ କରୁନାହାନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ଅଗ୍ନିଶମ ମହାନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

ସ୍କୁଲ୍ ବସ୍, ବାତାନୁକୂଳିତ (ଏସି) ବସ୍ ଓ ନାଇଟ୍ କୋଚ୍ ବସ୍ ଉପରେ ଏ ସଂପର୍କରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି। ସ୍ଲିପର୍ ବସ୍ ଗୁଡ଼ିକ ପାଇଁ ଅଗ୍ନି ଅଘଟଣର ବେଶି ବିପଦ ରହୁଥିବାରୁ କ୍ଷେତ୍ରରେ ସାମାନ୍ୟ ଅବହେଳା ବଡ଼ ବିପଦର କାରଣ ପାଲଟିପାରେ। ତେଣୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବସ୍ ମାଲିକ ସଙ୍ଘ ଏ ଦିଗରେ ପୂର୍ଣ୍ଣ ସହାୟତା କରିବାକୁ ଶ୍ରୀ ଠାକୁର ଅନୁରୋଧ କରିଛନ୍ତି। ବସ୍‌ରେ କୌଣସି ଅଘଟଣ ଘଟିଲେ ନିଜ ସୁରକ୍ଷା ପାଇଁ ଯାତ୍ରୀମାନେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ୍ ସେ ସଂପର୍କରେ ବସ୍ ପରିଚାଳକଙ୍କ ଦ୍ୱାରା ପରାମର୍ଶ ଦିଆଯିବା ଉଚିତ ବୋଲି ପରିବହନ ଆୟୁକ୍ତ ମତ ଦେଇଛନ୍ତି।

### ଛାତ୍ରୀଙ୍କୁ ଗେଟ୍‌ରେ ତାଲା ପକାଇଦେଲେ ପ୍ରଧାନଶିକ୍ଷୟିତ୍ରୀ

## ଡହଡହ ଖରାରେ ୩ କିମି ଚାଲି ଜିଲ୍ଲାପାଳଙ୍କୁ ଭେଟିଲେ

କପ୍ତିପଦା, ୨୭।୧୦(ସମିସ): ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ତାତିଲେ ଛାତ୍ରୀ। ବିଦ୍ୟାଳୟରୁ ବାହାରି ପ୍ରାୟ ୩ କିମି ଡହଡହ ଖରାରେ ଚାଲିଚାଲି ଜନଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଜଣାଇଲେ ଗୁହାରି। ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟରେ।

ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀରେ ୧୨୯ ଜଣ ଛାତ୍ରୀ ପାଠ ପଢ଼ୁଥିବା ବେଳେ ଶହେ ଜଣ ଛାତ୍ରୀ ହଷ୍ଟେଲରେ ରୁହନ୍ତି। ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବ୍ରୋଟୋରୀ ଖୋଲାନଯିବା, ଲାଇବ୍ରେରୀ ବନ୍ଦ ରହିବା ଏବଂ ଇଂରାଜୀ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ ଶୁଣି ନଥିଲେ। ଫଳରେ ସୋମବାର ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସି ବିକ୍ଷୋଭ କରିଥିଲେ।

ଛାତ୍ରୀମାନେ ବିକ୍ଷୋଭ କରୁଥିବା ଜାଣି ଅତି ବେପରୁଆ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ନମିତାରାଣୀ ଦାସ ପହଞ୍ଚି ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ପକାଇଦେବାରୁ ଛାତ୍ରୀମାନେ ତାତିଥିଲେ। ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହଡହ ଖରାରେ ୩କିମି ଚାଲିଚାଲି ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣିରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ।

# ବାତ୍ୟା ମୋନ୍ଥା ପାଇଁ ଡିଏଲଇଡି ପରୀକ୍ଷା ଘୁଞ୍ଚିଲା

କଟକ, ୨୭।୧୦ (ସମିସ): ବାତ୍ୟା ମୋନ୍ଥା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ଡିଏଲଇଡି(ଡିପ୍ଲୋମା ଇନ ଏଲିମେଣ୍ଟାରି ଏଜୁକେସନ) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୨୮ ଓ ୨୯ ତାରିଖରେ ଏହି ପରୀକ୍ଷା ହେବାର ଥିଲା। ନୂତନ କାର୍ଯ୍ୟସୂଚୀ ଅନୁସାରେ ଏହା ଆସନ୍ତା ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଅନଲାଇନ୍ ଗେମ୍ ଆଳରେ ୧ କୋଟି ଠକେଇ

# ପଶ୍ଚିମବଙ୍ଗରୁ ଆଉ ଜଣେ ଗିରଫ

କଟକ, ୨୭।୧୦(ସମିସ):ଅନଲାଇନ୍ ଗେମିଂ ଆଳରେ ୧କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ତୃତୀୟ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ପଶ୍ଚିମବଙ୍ଗ ଗଙ୍ଗନାପୁର ଥାନା ସୁକାନ୍ତପଲ୍ଲୀର ସୁଗତ ମଜୁମଦାର (୨୯)। ସେ ପ୍ରାଣୀବିଜ୍ଞାନ ସ୍ନାତକ ଡିଗ୍ରୀଧାରୀ ହୋଇଥିବା ବେଳେ ଫ୍ରିଲାନ୍ସିଂ ଭିଡିଓ ଏଡିଟର୍ ଭାବେ କାମ କରନ୍ତି। ତା' ନିକଟରୁ



କ୍ରାଇମ୍‌ବ୍ରାଞ୍ଚ ଗୋଟିଏ ମୋବାଇଲ୍, ସିମ୍, ହାର୍ଡଡିସ୍କ ଭଳି ବିଭିନ୍ନ ଆପରାଧିକ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତକୁ ଆଜି କଟକ ଓପିଆଇଡି କୋର୍ଟ ଚାଲାଣ କରାଯାଇଛି।

ଅନଲାଇନ୍ ଗେମ୍ ଖେଳି ସାଇବର ଠକମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ସାଇବର ଠକମାନେ ତାଙ୍କୁ ବେଆଇନ ଅନଲାଇନ୍ ଗେମିଂ ପ୍ଲାଟ୍‌ଫର୍ମରେ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇବାରୁ ସେ ୧ କୋଟି ୮ ଲକ୍ଷ ୬୯ ହଜାର ୪୨୦ ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ କ୍ଷତି ସତ୍ତ୍ୱେ ସେ ଅଧିକ ନିବେଶ କରିବାକୁ ରାଜି ହୋଇଥିଲେ। କିନ୍ତୁ ପ୍ରତ୍ୟାହାର କରିବାକୁ ଚେଷ୍ଟା କରିବା ସମୟରେ ସେମାନେ ଅତିରିକ୍ତ ଟଙ୍କା ଦାବି କରିଥିଲେ। ପରେ ଏହା ଏକ ଠକେଇ ବୋଲି ଜାଣିପାରି ସେ ଏତଲା ଦେଇଥିଲେ। ଡିଏସ୍‌ପି ଦୀପ୍ତିମୟୀ ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ କାରବାର ବିବରଣୀ ବିଶ୍ଳେଷଣ ଅପରାଧୀକୁ ଗିରଫ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆନ୍ଧ୍ରରେ ପବନ...

ଗଜପତି, ରାୟଗଡ଼ା, ନବରଙ୍ଗପୁରରେ ଓ କଳାହାଣ୍ଡି ବାତ୍ୟା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ୬ ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ କିମି ମଧ୍ୟରେ ରହିବ ଓ ଝଟକା ୮୦ କିମି ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପବନ ସାଙ୍ଗକୁ ଏହି ୬ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ୨୮ରେ ୬ ଜିଲ୍ଲା ଓ ୨୯ ତାରିଖରେ ୪ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ 'ମୋନ୍ଥା' ମଙ୍ଗଳବାର କାକିନାଡ଼ାର ଦକ୍ଷିଣରେ ସ୍ଥଳଭାଗ ଅତିକ୍ରମ କରିବ। ମଧ୍ୟରାତ୍ରୀ ପୂର୍ବରୁ ଏହାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ଏହା ଆନ୍ଧ୍ରରୁ ଛତିଶଗଡ଼ ମୁହାଁ ହେବ। ଗଜପତି, ମାଲକାନଗିରି ଓ କୋରାପୁଟରେ ବାତ୍ୟାର ପ୍ରଭାବ ପଡ଼ିପାରେ। ତେଣୁ ଏଠାରେ ପବନ ସହ ବର୍ଷା ହେବ। ଅନ୍ୟାନ୍ୟ ଜିଲ୍ଲାରେ କେବଳ ବର୍ଷାର ପ୍ରଭାବ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

'ମୋନ୍ଥା' ପ୍ରଭାବରେ ଆନ୍ଧ୍ର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକା ପବନ ବହିବା ସହ ବର୍ଷା ଆରମ୍ଭ ହୋଇଯାଇଛି। ସୋମବାର ରାତିରୁ ପୁରୀରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି କୁହାଯାଇଛି। ସେହିପରି ଅଳ୍ପ ବର୍ଷା ଆଶଙ୍କାରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡ଼ା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ଏହି ସାମୁଦ୍ରିକ ଝଡ଼କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍ ବାତିଲ୍ କରାଯାଇଛି। ଏଥିରେ କେତେକ ଟ୍ରେନର ଦିଗ ପରିବର୍ତ୍ତନ ଏବଂ ଆଉ କେତେକକୁ ବିଭିନ୍ନ ସ୍ଥାନରେ ଅଟକାଇ ରଖାଯାଇଛି। ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୩୨ଟି ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଛି। ଏଥିସହ ଟାଟାନଗର-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ଏବଂ ଟିଟିଲାଗଡ଼-ଲାଖୋଲି-ରାୟପୁର-ନାଗପୁର-ବଲାହାରଶାହ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି।

ବାତିଲ୍ କରାଯାଇଥିବା ଟ୍ରେନ ତାଲିକାରେ ବ୍ରହ୍ମପୁର-ବିଶାଖାପାଟନମ୍ ଏକ୍ସପ୍ରେସ କଟକ-ଗୁଣୁପୁର-କଟକ ମେମୁ, ଭୁବନେଶ୍ୱର-ବେଙ୍ଗାଲୁରୁ, ଭୁବନେଶ୍ୱର-ସକନ୍ଦରାବାଦ୍ ଏକ୍ସପ୍ରେସ ପ୍ରଶାନ୍ତି ଏକ୍ସପ୍ରେସ୍ ରହିଛି। ରେଳବାଇ ପକ୍ଷରୁ ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟା ତଦାରଖ ଏବଂ ଜରୁରୀକାଳୀନ ନିୟନ୍ତ୍ରଣକୁ ସକ୍ରିୟ କରାଯାଇଛି। ରିଅଲ୍-ଟାଇମ୍ ଅପଡେଟ୍ ପାଇଁ ଭାରତ ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ। ତୁରନ୍ତ ପ୍ରତିକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପୁନରୁଦ୍ଧାର ଦଳ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ସ୍ଥାନରେ ଫସିରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଏହାଛଡା ଟିକଟ ଅର୍ଥ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସହାୟତା ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଇନକ୍ୱାରି ସିଷ୍ଟମ୍ ଆଇଆର୍‌ସିଟିସି ୱେବସାଇଟ୍/ଆପ୍ ମାଧ୍ୟମରେ ସର୍ବଶେଷ ଟ୍ରେନ୍ ଚାଳନ ଅପଡେଟ୍ ଯାଞ୍ଚ କରିବାକୁ କିମ୍ବା ନିକଟତମ ରେଳବାଇ ହେଲ୍ପଲାଇନ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଏପରିକି ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଧ୍ୟ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଥିଲେ। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟକୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି।

## ଆଜିଠାରୁ ୨ ଦିନ...

ବାତ୍ୟା ସମୟରେ ବିଦ୍ୟାଳୟଗୁଡ଼ିକ ଯେମିତି ଅଧିକ କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାସହ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବାତ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବେ।

ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହାର ହେବ। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଚାଉଳକୁ ମଧ୍ୟ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଶୈକ୍ଷିକ ଉପକରଣ ଓ ଆସବାବପତ୍ରକୁ ସୁରକ୍ଷିତ ସ୍ଥାନରେ ରଖିବେ। ବାତ୍ୟାରେ କୌଣସି କ୍ଷୟକ୍ଷତି ହେଲେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଅବଗତ କରିବେ। ଡିଇଓମାନେ ବିଦ୍ୟାଳୟ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ବାତ୍ୟା ପରିଚାଳନା ପାଇଁ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରୀ ହେବ। ଆବଶ୍ୟକସ୍ଥଳେ ବିଭାଗୀୟ ଅନୁସଚିବ ଗୁଣ୍ଡାଇ ହାଁସଦାଙ୍କୁ ୮୦୧୮ ୭୬୫୨୫୬ ନମ୍ବରରେ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ୮ଟି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବଶ୍ୟକସ୍ଥଳେ ୩୦ ତାରିଖରେ ମଧ୍ୟ ଅଙ୍ଗନବାଡ଼ି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

## ମରାମତି କାର୍ଯ୍ୟ ବନ୍ଦ...

ସିଲ୍ କରିବାକୁ କନ୍ଧମାଳ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁଁ ଘାଟିରେ ବିପଦ ବଢ଼ିଥିବା ବେଳେ କଳିଙ୍ଗାରେ ରାସ୍ତା ନାକା କରିଛି ଜି. ଉଦୟଗିରି ପୁଲିସ। କାହାରିକୁ ଘାଟିକୁ ଛଡ଼ା ଯାଉନାହିଁ।

ଆଜି ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସ୍ଥିତି ପରଖିଛନ୍ତି। ଗତ ମାସ ୧୬ ତାରିଖରେ ହୋଇଥିବା ପ୍ରବଳ ବର୍ଷାରେ କଳିଙ୍ଗା ଘାଟିରେ ଭୟଙ୍କର ଭୂ-ସ୍ଖଳନ ହୋଇ ୫୦ ଫୁଟ୍ ରାସ୍ତା ଧୋଇ ନେଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ଭୂ-ସ୍ଖଳନ ସ୍ଥାନରେ ରାସ୍ତା ମରାମତି କରିବା, ପାଣି ନିଷ୍କାସନ ପାଇଁ ହୋମ୍ ପାଇପ ପକାଇ ତାରି ଉପରେ ଲୁହାଛଡ଼ ପକାଇ କଂକ୍ରିଟ ପକା କାମ ସାରିଥିଲା। ଏହାସହ ପାହାଡ଼ ଉପରେ ଥିବା ବଡ଼ବଡ଼ ପଥରକୁ ହଟାଇବା କାମ ମଧ୍ୟ ସରିଥିଲା। ଏଥିଯୋଗୁଁ ଶୀଘ୍ର ଯାତାୟାତ ସ୍ୱାଭାବିକ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା। କିନ୍ତୁ ବାତ୍ୟା ପୁଣିଥରେ ପ୍ରତିବନ୍ଧକ ସାଜିବା ଆଶଙ୍କା ପ୍ରକାଶ ପାଇଛି।

## ଆଜିଠୁ ୧୨ ରାଜ୍ୟରେ...

ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୧୨ଟି ପ୍ରମାଣ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଏଥିରେ ଆଧାରକାର୍ଡ ସାମିଲ ଥିଲେ ମଧ୍ୟ ଏହାକୁ କେବଳ ପରିଚୟପତ୍ର ରୂପେ ଗ୍ରହଣ କରାଯିବ। କୌଣସି ଯୋଗ୍ୟ ଭୋଟର ଯେମିତି ଏହି ପ୍ରକ୍ରିୟାରେ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରାଯିବ। ସେହିପରି ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ବାଦ୍ ଦିଆଯିବ।

ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଦେଶରେ ୧୯୫୧ରୁ ୨୦୦୪ ମଧ୍ୟରେ ୮ଥର ଏସ୍‌ଆଇଆର୍ କରାଯାଇଛି। ସ୍ୱାଧୀନତା ପରେ ଏହା ହେବ ୯ମ ଏସ୍‌ଆଇଆର୍। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ଏସ୍‌ଆଇଆର୍ ସଫଳ ରହିଛି। ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ କେହି ଆପତ୍ତି ଅଭିଯୋଗ କରିନାହାନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିହାର ଏସଆଇଆରକୁ ବିରୋଧ କରି ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏହି ପ୍ରକ୍ରିୟାରେ ଟାର୍ଗେଟ କରାଯାଇଛି ଏବଂ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ରହିଛି।

ପଶ୍ଚିମବଙ୍ଗ ସଂପର୍କରେ ମୁଖ୍ୟ ନିର୍ବାଚନ କମିସନର କହିଲେ ଯେ ସେହି ରାଜ୍ୟ ସରକାର ସହିତ କମିସନଙ୍କର କୌଣସି ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ନିର୍ବାଚନ କମିସନ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି ଏବଂ ରାଜ୍ୟ ସରକାରମାନେ ଏଥିରେ ସହଯୋଗ କରିବାକୁ ବାଧ ବୋଲି ସେ କହିଛନ୍ତି।

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ...

ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପଦ୍ମିନୀଙ୍କ ନଣନ୍ଦ ରମାବତୀ ଦିଆନ ଓ ପଡୋଶୀ ତଥା ଅଙ୍ଗନବାଡି କର୍ମୀ ଶାନ୍ତି ଚାଲାଣ ମଧ୍ୟ ଗୁରୁତର ଅବସ୍ଥାରେ କୋରାପୁଟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ଖବର ପାଇ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେଡି ନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ମେଡିକାଲକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ଉପନିର୍ବାଚନ ବେଳେ...

ଘଡ଼ିସନ୍ଧି ମୁହୂର୍ତ୍ତରେ ଗୁରୁ ଦାୟିତ୍ୱ ବହନ କରୁଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡ଼ିଆଇଜିଙ୍କ ଅଚାନକ ଛୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଶ୍ରୀ ସିଂଙ୍କ ଛୁଟିରୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ଭାଳିବେ ବୋଲି ସୂଚନା ମିଳିଛି।

## ସମ୍ପତ୍ତି ତାଲିକା...

ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ପୋର୍ଟାଲ ଖୋଲିବ ନାହିଁ ବୋଲି ସାଧାରଣ ବିଭାଗ ସ୍ପଷ୍ଟ କରିଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭାଗୀୟ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ । ଏହି ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ । ଏପରିକି ସମସ୍ତ ବିଭାଗ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହ ସମ୍ପତ୍ତି ତାଲିକା ଦାଖଲ ନକରିଥିବା କୌଣସି କର୍ମଚାରୀଙ୍କ ପଦୋନ୍ନତି ଆବେଦନ ଯେପରି ଡିପିସି ନିକଟରେ ଉପସ୍ଥାପିତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିବାରୁ ଅନେକ ପୁଲିସ ସବ୍‌ଇନ୍ସପେକ୍ଟର ପଦୋନ୍ନତି ପାଇବାକୁ ବଞ୍ଚିତ ହୋଇଛନ୍ତି ।

## ବନ୍ଦର ବିକାଶ ପାଇଁ...

ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ସମ୍ଭାବନା ଆଡ଼କୁ ଗତି କରୁଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଏବଂ ବାହୁଦାରେ ପ୍ରସ୍ତାବିତ ବନ୍ଦରଗୁଡ଼ିକ ସହିତ ଆମେ ଆମର ମୋଟ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ। ପୁରୀ କ୍ରୁଜ ଟର୍ମିନାଲ ସହିତ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ୨୪୭୦୦୦ କୋଟି ଟଙ୍କା ଏବଂ ବାହୁଦା ବନ୍ଦରରେ ୨୧୫୦୦ କୋଟି ଟଙ୍କା ବିନିଯୋଗ ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟ ସଂଯୋଗକୁ ଏକ ନୂଆ ଦିଗ ପ୍ରଦାନ କରିବ । ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶବିଶେଷ ହେବାକୁ ମୁଁ ନିବେଶକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ସହିତ ଏକ ସ୍ୱତନ୍ତ୍ର ଓଡ଼ିଶା ଅଧିବେଶନ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର ବନ୍ଦର ଭିତ୍ତିକ ବିକାଶ ୨୦୨୪ ପାଇଁ ଏକ ଦୃଷ୍ଟିକୋଣ ଯୋଜନା' ଶୀର୍ଷକ ଏହି ଅଧିବେଶନରେ ଓଡ଼ିଶାର ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମିରେ ନିବେଶ ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

**AFFIDAVIT**

By virtue of an affidavit sworn before The Executive Magistrate, Sohela vide no.02 dated 27/10/2025, I, Jogindra Kumar Sahu, S/o- Krushna Chandra Sahu, R/o- Vill.- Tileimal, Po.- Ghess, Ps.- Melchhamunda, Dist.- Bargarh state that, in my Aadhar bearing no. 941523556155 my name has been mentioned as Jogindra Sahu. That, **Jogindra Kumar Sahu** and **Jogindra Sahu** is one and same person.

Sd/- Jogindra Kumar Sahu

**AFFIDAVIT**

By virtue of an Affidavit Sworn before the Executive Magistrate, Kujang, Dist.: Jagatsinghpur, I, Sushma Sethy, aged about 57 years, W/o: Iswar Chandra Sethy of Vill/P.O.: Gorada, P.S.: Tirtol, Dist.: Jagatsinghpur declare by this Affidavit No.: 3370, Dated: 16.10.2025 that now onwards my name & date of birth shall be known as **Susama Sethy & 20.06.1968** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur vide no.97 dated 27/10/2025, I Brundabati Burudi, D/o-Jagabandhu Burudi, W/o-Nanda Burudi resident of Vill.-Khudub, Po.- Gollur, Ps.-Padwa, Dist.- koraput, Odisha, Pin-764038 state that, I have changed my name from **Buruda Burudi to Brundabati Burudi.** Henceforth, I shall be known as **Brundabati Burudi** for all purposes.

Sd/- Brundabati Burudi

**AFFIDAVIT**

By virtue of an affidavit C.F. No. 28, dtd. 27.10.2025 before the Executive Magistrate, Bhubaneswar, I, Saraswati Sahoo, have changed my name from Saraswati Dash to Saraswati Sahoo. Henceforth I shall be known as Saraswati Sahoo for all purposes.

**Sd/- Saraswati Sahoo**

**THE ODISHA AGRO INDUSTRIES CORPORATION LIMITED**
**(A Government of Odisha Undertaking)**
**95, SATYA NAGAR, BHUBANESWAR -751 007.**

**CAD-2108**

**TENDER CALL NOTICE**

e-Tender quotation in conformity with technical specification, terms & conditions in bid documents are invited from manufacturers for **"Procurement of sprinkler irrigation system (Micro Irrigation System" for the FY 2025-26 to 2026-27**. For details, please visit website https://tendersodisha.gov.in. or https://odishaagro.nic.in/ from **dt 27.10.2025 to dt.21.11.2025 (5.00 pm.)**.

**Sd/-**
**MANAGING DIRECTOR**

**OIPR-01047/11/0061/2526**

**ନୋଟିସ୍**

(ଦେ.କା. ଆଇନ୍ ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୯/୨୦୨୩**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ-ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଳନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋରଧା, ପିନ୍-୭୫୧୦୨୧।

ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.-୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି । ଆପଣଙ୍କ ବିରୁଦ୍ଧ ରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ । ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୂତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତ ରେ ମୋର ଯୁକ୍ତେ ଦିଆଗଲା।

ସ୍ୱା/- ବିଚାରପତି

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/07/2025, I Sri Krushna Gurumai, S/o- Sindhy Gurumai, Vill.- Hatimunda, PO.- Subai, Ps.- Similiguda, District- Koraput declare that, I have changed my name from **Kustha Gurumain** to **Krushna Gurumai**. Henceforth, I shall be known as **Krushna Gurumai** for all purposes.

Sd/- Krushna Gurumai

**AFFIDAVIT**

I Sunil Kumar Bhanja, S/o- Paresh Chandra Bhanja of village- Kasaba Kamarda /Po/Ps- Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.5108/25 dtd-14/10/2025 that my son Ayush Kumar Bhanja's correct birth date is 04/01/2008 in birth certificate. that it unfortunately mentioned as 04/01/2007 in his educational certificate. Hence my son's actual & correct date of birth is as **04.01.2008** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 14/10/2025. I, Sorisa Nayak W/o Jayram Nayak, At- Baliberana, Po- Chadeyapalli, Ps-Chadeyapalli, Nayagarh, Odisha, Pin- 752089, declare that I have changed my owned name Surina Nayak to Sorisa Nayak. Henceforth, I shall be known as new name Sorisa Nayak for all purposes.

**Sd/- Sorisa Nayak**

**AFFIDAVIT**

By virtue of an affidavit sworn before Executive Magistrate Banapur on dated 23.10.2025, I Raja Kishore Rout resident village- Achyutrajpur, Po/Ps-Banapur, Dist- khordha, Odisha, PIN- 752031 declare that I have changed my name from Raj Kishore Rout to Raja Kishore Rout. Henceforth I shall be known as **RAJA KISHORE ROUT** for all purposes.

**Raja Kishore Rout**

**AFFIDAVIT**

By virtue of an affidavit, sworn before Executive Magistrate, Bhubaneswar dtd. 27.10.2025 I, **Pragnyasini Bej**, Address: At- Nuasasan, Po- Gopei, Ps- Kudanagari, Dist- Kendrapara, Pin- 754223, Odisha, declare that I have changed my name from **Pragyanswani Bej to Pragnyasini Bej.** Henceforth, I shall be known as **Pragnyasini Bej** (new name) for all purpose.

**Pragnyasini Bej**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated- 27/10/2025. I, **Shree Gopal Samal**, S/o Vijay Kumar Samal, Address: Hakimpada, House No. 032, PO- Hakimpada, Near Old Bambo Office, Near Vijay Food Products, Angul, PIN- 759143, Odisha declare that I have changed my name from **Gopal Samal to Shree Gopal Samal.** Henceforth, I shall be known as **Shree Gopal Samal** (new name) for all purposes.

**Shree Gopal Samal**

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, bearing affidavit no.-1098, dated 27.10.2025 I, Bhajan Nayak, S/o- Late Jitendra Nayak, resident of Dhoba Sahi, Po./Ps./Dist.- Nabarangpur, Odisha, Pin- 764059 declare that, I have changed my son's name from **Akhyansri Nayak** to **Arashi Nayak**. Henceforth, she shall be known as **Arashi Nayak** for all future purposes.

Sd/- Bhajan Nayak

**AFFIDAVIT**

I, Manju Agarwalla, aged about 55 years, W/o- Sunil Kumar Agrawal, resident of Hemgir, Po- Hemgir, Ps- Hemgiri, Dist- Sundergarh, Odisha, PIN- 770013 declare by this affidavit No. 2191, dtd. 27/10/2025, that now onwards I shall be known as **MANJU AGRAWAL** for all future purposes.

**OFFICE OF THE PRINCIPAL-CUM-SECRETARY**
**MAA MARKAMA +3 COLLEGE, BISSAM CUTTACK, DIST: RAYAGADA.**
mmdegreecollege@gmail.com

**CORRIGENDUM**
**WALK-IN-INTERVIEW**

In pursuance to the advertisement published in Page No – 09 dated- 18.10.2025 the revised scheduled time of interview is as follows.

| Sl. No | Name of the Post | No of Post | Previous Date & Time | Age | Revise Date and Time |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Peon (ST Category) | 01 | 02.11.2025 11 A.M. | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | 09.11.2025 11 A.M. | As per Govt. norms | 11.11.2025 11 A.M. |

-sd-
Principal-cum-Secretary
Maa Markama +3 College, Bissamcuttack
https://mmplus3college.in/

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**NOTICE OF 98TH ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 98th Annual General Meeting of Eastern Investments Limited through video conferencing/ other audio visual means.

In this regards Notice is hereby given that the 98th Annual General Meeting (AGM) of Eastern Investments Limited (the 'Company') will be held on Tuesday, 18th November, 2025 at 12:30 p.m. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 98th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 98th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 98th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 98th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 98th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

## ଆସୁଛି ବାତ୍ୟା 'ମୋନ୍ଥା'

# ଡରାଇଲାଣି ଅଶାନ୍ତ ସମୁଦ୍ର

ବ୍ରହ୍ମପୁର/ଛତ୍ରପୁର/କୋରାପୁଟ/ଲମତାପୁଟ/ବ୍ରହ୍ମଗିରି, ୨୭ ।୧୦(ସମିସ): ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି । ସମୁଦ୍ରର ଉଚ୍ଚଜୁଆର କୂଳ ଲଂଘୁଥିବା ବେଳେ ଧୀରେଧୀରେ ପବନର ବେଗ ବଢ଼ୁଛି । ଏହି କ୍ରମରେ ଆଜି ସକାଳୁ ଗୋପାଳପୁର ଅଞ୍ଚଳରେ ବର୍ଷା, ପବନ ଜାରି ରହିଛି । ପ୍ରଶାସନ ନିଜକୁ ବେଶ୍ ସଜାଗ କରିବା ସହ

- ଗୋପାଳପୁର ବନ୍ଦରକୁ ୨ ନମ୍ବର ବିପଦ ସଂକେତ
- ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ଖୋଲିଲା ୬ଟି ଗେଟ୍
- ସମୁଦ୍ର ମଝିରେ ଫସିଲା ୪୦ରୁ ଊର୍ଦ୍ଧ୍ୱ ଟ୍ରଲର୍
- ଆଜିଠୁ ୩ ଦିନ ଭସାପୋଲ ବନ୍ଦ



ଲୋକଙ୍କ ଧନଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସୋମବାର ପୂର୍ବାହ୍ନରେ ଗୋପାଳପୁର ପହଞ୍ଚି ବେଳାଭୂମି ପରିଦର୍ଶନ କରିବା ସହ ସ୍ଥିତି ତଦାରଖ କରିଛନ୍ତି । ବେଳାଭୂମିକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ଫଳରେ ଆଜି ବେଳାଭୂମି ପୂରା ଖାଁଖାଁ ରହିଥିଲା । ସମୁଦ୍ର ଅଶାନ୍ତ ଥିବାରୁ ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ବାତ୍ୟା 'ମୋନ୍ଥା' ପାଇଁ ଗୋପାଳପୁର ବନ୍ଦରକୁ ୨ନମ୍ବର ବିପଦ ସଂକେତ ଜାରି ହୋଇଛି । ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ, ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ, ବୁଧବାର ସକାଳ ସାଢ଼େ ୮ଟାରୁ ଗୁରୁବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି ।

ଅପରପକ୍ଷେ, ଅଶାନ୍ତ ସମୁଦ୍ର ଯୋଗୁଁ ସୋମବାର ଅପରାହ୍ଣରେ ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ୪୦ରୁ ଅଧିକ ଟ୍ରଲର୍ ଫସି ରହିଛି । ଏହା ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ କାକିନଡ଼ା ଅଞ୍ଚଳର ବୋଲି ସୂଚନା ମିଳିଛି । ତୁରନ୍ତ ଏହି ସବୁ ଟ୍ରଲରଗୁଡ଼ିକୁ ବନ୍ଦର ବର୍ଥକୁ ସୁରକ୍ଷିତ ଭାବେ ଅଣାଯାଇଛି । ସମ୍ଭାବ୍ୟ ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ଆଗକୁ ଯାଇପାରି ନଥିଲେ ।

ବାତ୍ୟା 'ମୋନ୍ଥା' ପ୍ରଭାବରେ ରବିବାର ଅପରାହ୍ନଠାରୁ ଉତ୍ତର ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ସଜାଗ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଜଲାପୁଟ ଓ ଡି - ଡ୍ୟାମର ୬ଟି ଗେଟ୍ ଖୋଲି ଜଳ ନିଷ୍କାସନ ଆରମ୍ଭ କରିଛନ୍ତି । ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାର ଜଲାପୁଟର ୪ଟି ଗେଟ୍ ଖୋଲାଯାଇ ୧୬ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ।

ସେହିପରି ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ସାତପଡ଼ାଠାରୁ ଜହ୍ନିକୁଦ ଯାଉଥିବା ଭସାପୋଲକୁ ଆସନ୍ତା ୩ ଦିନ ପାଇଁ ବନ୍ଦ କରିଦିଆଯାଇଛି । ଚିଲିକାକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଫଳରେ ଚିଲିକା କୂଳରେ ଶହଶହ ଡଙ୍ଗା ଆସି ପହଞ୍ଚିଛି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଅଭିଯୁକ୍ତ ଫେରାର୍ ହୋଇଥିବା ଗାଡ଼ି ଖଣ୍ଡଗିରିରୁ ଜବତ!



ବ୍ରହ୍ମପୁର, ୨୭ ।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସକୁ ଆଉ ଏକ ସଫଳତା ମିଳିଛି । ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ତଥା ଫେରାର୍ ଉମା ବିଶୋୟୀର ଭାଇ ବଂଶୀ ବିଶୋୟୀ ନାମରେ ଥିବା ଏକ ଏର୍ଟିଗା କାର୍‌କୁ ପୁଲିସ ଖଣ୍ଡଗିରି ଅଞ୍ଚଳରୁ ଜବତ କରିଛି । ଗାଡ଼ିଟି ହତ୍ୟାକାଣ୍ଡରେ ଅଥବା ହତ୍ୟାକାଣ୍ଡ ପରେ ଉମା ଓ କୁରୁପତିଙ୍କ ଫେରାର୍ ହେବାରେ ନିୟୋଜିତ ହୋଇଥିବା ପୁଲିସ ସନ୍ଦେହ କରୁଛି । ସେପଟେ ଗାଡ଼ି ମାଲିକ ବଂଶୀ ବିଶୋୟୀ ଗତ ଜୁଲାଇ ୨୫ ତାରିଖରେ ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ କାଳିଆ ଜେନା ନାମକ ଜଣେ ବ୍ୟକ୍ତିଙ୍କ ଉପରେ ହୋଇଥିବା ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇ ବର୍ତ୍ତମାନ ଆସିକା ଜେଲରେ ଥିବା ଜଣାପଡ଼ିଛି । ଜବତ ଗାଡ଼ିର ନମ୍ବରକୁ ନେଇ ପୁଲିସ ବିଭିନ୍ନ ଟୋଲଗେଟ୍ ଓ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିଛି । ଅନ୍ୟପକ୍ଷରେ, ବ୍ରହ୍ମପୁରରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଏକ ଗୁପ୍ତ ସ୍ଥାନରେ ଅଟକ ରଖି ଜେରା କରୁଥିବା ବେଳେ ପୁଲିସର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ ଜାରି ରହିଛି ।

## ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ବିଳମ୍ବିତ

# ଓପିଏସ୍‌ସି ଅଫିସ୍ ଆଗରେ ଆଶାୟୀଙ୍କ ଧାରଣା




ଭୁବନେଶ୍ୱର, ୨୭ ।୧୦(ସମିସ): ସିଭିଲ୍ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ନିଯୁକ୍ତି ପାଇଁ ୨୦୨୩ ଡିସେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମୋଟ୍ ୫୮୦ଟି ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଥିଲା । ଗେଟ୍ ପରୀକ୍ଷା ଫଳାଫଳ ଆଧାରରେ ନିଯୁକ୍ତି ହେବ ବୋଲି ମଧ୍ୟ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ କରିଥିଲା । ହେଲେ ଏହାକୁ ଦୁଇ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି । ଏଣୁ ତ୍ୱରିତ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ନିଯୁକ୍ତି ଦେବାକୁ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ଧାରଣା ଦେଇଛନ୍ତି ।

ଗେଟ୍ ପରୀକ୍ଷା ଆଧାରରେ ନିଯୁକ୍ତି ଦେବାକୁ ବହୁ ଆଶାୟୀ ବିରୋଧ କରୁଛନ୍ତି । ଏନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ନିକଟରେ ଏହାର ଶୁଣାଣି କରି ଗେଟ୍ ଆଧାରରେ ନିଯୁକ୍ତି ଦେବା ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି । ଏହାପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ଓପିଏସ୍‌ସି ପକ୍ଷରୁ ତ୍ୱରାନ୍ୱିତ କରାଯାଉନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି । ଶୁଣାଣି ସରିବାକୁ ବହୁଦିନ ବିତିଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ କରାଯାଉନାହିଁ । ଏ ସଂପର୍କରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି । ଫଳରେ ପରୀକ୍ଷାର୍ଥୀମାନେ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି । ଏଣୁ ତୁରନ୍ତ ପରୀକ୍ଷାଫଳ ବାହାର କରିବା ସହ ନିଯୁକ୍ତି ଦେବା ପାଇଁ ଆଶାୟୀମାନେ ଦାବି କରିଛନ୍ତି । ଅନ୍ୟଥା ଆଗକୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ମାରିଟାଇମ୍ ସପ୍ତାହ ୨୦୨୫ରେ ଓଡ଼ିଶା ଷ୍ଟଲ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭।୧୦(ସମିସ): ମୁମ୍ବାଇ ନେସ୍କୋ ଗ୍ରାଉଣ୍ଡରେ ଆୟୋଜିତ ମାରିଟାଇମ ସପ୍ତାହ ୨୦୨୫ ଅବସରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାର ଗୌରବୋଜ୍ଜଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ୍ ଖୋଲାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି । ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା ଆମର ମୂଳ ଲକ୍ଷ୍ୟ । ଏହି ଅବସରରେ ମୁଖ୍ୟ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୂଲ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ନୌବାଣିଜ୍ୟ ଉପରେ ଆଧାରିତ ବାଲୁକା କଳାକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।

## ଜାଲ ନିଯୁକ୍ତି ରାକେଟ୍ ପର୍ଦ୍ଦାଫାସ୍ ଘଟଣା

# ମାନସିକ ଚାପରେ ଜୀବନ ହାରିଲେ ମହିଳା



ସମ୍ବଲପୁର, ୨୭।୧୦ (ସମିସ): ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ନିଯୁକ୍ତି କେଳେଙ୍କାରୀରେ ଛନ୍ଦି ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି । ମୃତ ମହିଳାଜଣଙ୍କ ହେଲେ, ଚିପିଲିମାର ସ୍ୱର୍ଣ୍ଣପ୍ରଭା ପାଢ଼ୀ । ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ଆଳରେ ପ୍ରାୟ ୨ହଜାର ଲୋକଙ୍କ ପାଖରୁ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ସେ ସାମିଲ ଥିଲେ । ଅପରପକ୍ଷେ ଏହି ଘଟଣାରେ ସଂପୃକ୍ତ ଆରମାକ୍ସ ପ୍ରା. ଲିଃର ଦୁଇ ଅଭିଯୁକ୍ତ ପଦ୍ମାବତୀ ତାଣ୍ଡି ଓ ରାହୁଲ ବର୍ତ୍ତମାନ ସମ୍ବଲପୁର ଜେଲରେ ଅଛନ୍ତି ।

ସୂଚନାନୁସାରେ, ଆରମାକ୍ସ ନାମକ ଏକ ସଂସ୍ଥା କରି ପଦ୍ମାବତୀ ଓ ରାହୁଲ ସମ୍ବଲପୁର ମହାନଗର ନିଗମରେ ଜାଲ ନିଯୁକ୍ତି ଦେଉଥିଲେ । ଏଥିପାଇଁ ଜଣକ ପିଛା ୧୨ ହଜାର ଟଙ୍କା ଲେଖାଏଁ ନେଉଥିଲେ । ଅଧିକ ଲୋକଙ୍କୁ ଠକିବା ପାଇଁ ସେ କିଛି ଲୋକଙ୍କୁ ସୁପରଭାଇଜର୍ ଭାବେ ନିଯୁକ୍ତି ଦେଇ ମୋହରା କରିଥିଲେ । ସ୍ୱର୍ଣ୍ଣପ୍ରଭାଙ୍କୁ ମଧ୍ୟ ସେମାନେ ମୋହରା କରିଥିଲେ । ସ୍ୱର୍ଣ୍ଣପ୍ରଭା ୬ଶହରୁ ଅଧିକ ଲୋକଙ୍କ ପାଖରୁ ୧୨ ହଜାର ଲେଖାଏଁ ୬୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରିଥିଲେ । ଦୁଇ ଦିନ ତଳେ ଏହି ରାକେଟ୍‌ର ପର୍ଦ୍ଦାଫାସ ହେବା ପରେ ସ୍ୱର୍ଣ୍ଣପ୍ରଭାଙ୍କ ଉପରେ ଚାପ ବଢ଼ିଥିଲା । ଠକେଇର ଶିକାର ଲୋକମାନେ ତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ । ୨୪ ତାରିଖ ଦିନ ପାଖାପାଖି ଶହେରୁ ଅଧିକ ଲୋକ ତାଙ୍କ ଘର ଆଗରେ ହୋ-ହଲ୍ଲା କରିଥିଲେ । ଏଥିରେ ସ୍ୱର୍ଣ୍ଣପ୍ରଭା ମାନସିକସ୍ତରରେ ଭାଙ୍ଗି ପଡ଼ି ବିଷ ପିଇ ଦେଇଥିଲେ ।

## • ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

# ଆଜି ସିଡି ଦାଖଲ କରିବ କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, ୨୭ ।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ଆସନ୍ତାକାଲି (ମଙ୍ଗଳବାର) କେସ୍ ଡାଏରୀ (ସିଡି) ଦାଖଲ କରିବ । ଗିରଫ ୧୨୩ଜଣଙ୍କ ମଧ୍ୟରୁ ୧୧୩ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଜାମିନ ଆବେଦନ କରିଥିବା ବେଳେ ମଙ୍ଗଳବାର ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ମୁଖ୍ୟ ଦଲାଲ ମୁନା ମହାନ୍ତିଙ୍କ ସମେତ ମୋଟ ୧୨୩ଜଣ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି । ତେବେ କେଳେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପ୍ରୁଷ୍ଟି ଓ ତାଙ୍କ ପତ୍ନୀ ଦୀପ୍ତିମୟୀ ସାହୁ ଏଯାବତ୍ ଫେରାର୍ ଅଛନ୍ତି । ଉଭୟଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଫଳ ହୋଇଛି । ସେପଟେ ଶଙ୍କର ଓ ତାର ପତ୍ନୀ ଦୀପ୍ତିମୟୀ ସାହୁ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଏହି ମାମଲାର ତଦନ୍ତ ସିବିଆଇ କରିବ ।

## ବସୁନ୍ଧରା ଉତ୍ସବମୁଖର

# ଆଶୀର୍ବାଦ ନେଲେ ଡ. ହର୍ଷ ଓ ସୁଡି

କଟକ, ୨୭।୧୦(ସମିସ): ବସୁନ୍ଧରା ଆଜି ହୋଇଥିଲା ଉତ୍ସବମୁଖର । ସନ୍ଧ୍ୟାରେ ନବଦମ୍ପତି ସୁସଜ୍ଜିତ ଚେୟାରରେ ବସି ରହିଥିଲେ । ଜଣକ ପରେ ଜଣେ ଆସି ଆଶୀର୍ବାଦ ଦେଉଥିଲେ । କାହା ହାତରେ ଥିଲା ସ୍ନେହର ଫୁଲତୋଡା ତ କାହା ହାତରେ ଉପହାର । ଡଃ ହର୍ଷ ଓ ସୁଡି ଏସବୁ ଦେଖି ଖୁସିରେ ଭାବବିହ୍ୱଳ ହୋଇପଡ଼ିଥିଲେ । ଅନୁଷ୍ଠାନର ସମ୍ପାଦିକା ଶୈଳ ବେହେରା (ଶୈଳ ଅପା), ସଭାପତି ଡ. ଯୋଗମାୟା ପଟ୍ଟନାୟକ ଏବଂ ବସୁନ୍ଧରା ପରିବାର ଉପସ୍ଥିତ ରହି ଆଗନ୍ତୁକଙ୍କୁ ଆମନ୍ତ୍ରଣ କରୁଥିଲେ । ଆଲୋକମାଳାରେ ଝଲସି ଉଠିଥିବା ବସୁନ୍ଧରା ଅଗଣା । ଭୋଜିଭାତର ଆସରରେ ଜମି ଉଠିଥିଲା ସମ୍ପୂର୍ଣ୍ଣ ପରିବେଶ ।

ବସୁନ୍ଧରାରୁ ସୁନା ଝିଅ ସୁଧନ୍ୟା ୧୯୯୯ ମସିହାରେ ଆମେରିକା ଚାଲିଯାଇଥିଲା । ସରକାରୀ ନିୟମ ଅନୁସାରେ ଜିଲ୍ଲା ପ୍ରଶାସନ ଓ ବସୁନ୍ଧରା କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ଆମେରିକାର ଦମ୍ପତି ନିଜର ଝିଅ ଭାବେ ସୁଧନ୍ୟାକୁ ଗ୍ରହଣ କରିନେଇଥିଲେ । ସେଠାରେ ଏକ ଆର୍ଥିକ ସ୍ୱଚ୍ଛଳ ଏବଂ ଉଚ୍ଚ ଶିକ୍ଷିତ ବିଦେଶୀ ପରିବାରରେ ରହି ସୁନା ଝିଅ ଶିକ୍ଷା ଗ୍ରହଣ ଆରମ୍ଭ କରିଥିଲା । ଏହାପରେ ସେଠାରେ ବାହାହୋଇ ଦୀର୍ଘ ୨୧ ବର୍ଷ ପରେ ବସୁନ୍ଧରାକୁ ସୁନା ଝିଅ ସୁଧନ୍ୟ ଏବଂ ସ୍ୱାମୀ ତଥା ଭାରତୀୟ ବଂଶୋଦ୍ଭବ ଡ. ହର୍ଷ ଆଜି ଫେରିଥିଲେ । ଏଠାରେ ବିବାହ ଭୋଜିର ଆୟୋଜନ କରାଯାଇଥିଲା । ଏହି ଭୋଜିରେ କଟକ ସହରର ବିଶିଷ୍ଟ ବ୍ୟକ୍ତି ଏବଂ ବସୁନ୍ଧରା ସହିତ ଜଡ଼ିତ ବ୍ୟକ୍ତି ବିଶେଷମାନେ ସାମିଲ ହୋଇଥିଲେ ।



# ପ୍ରଭାତୀଙ୍କୁ ବର୍ଷାଙ୍କ କଡ଼ା ଜବାବ



ନୂଆପଡ଼ା, ୨୭ ।୧୦ (ସମିସ): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶାର ଇତିହାସ, ସଂସ୍କୃତି ଓ ପରମ୍ପରା ଜାଣିନାହାନ୍ତି । ମାରାଗୁଡ଼ା ଯେଉଁଠିକି ନୂଆପଡ଼ା ଜିଲ୍ଲା ଗଢ଼ି ଉଠିଛି, ତାରି ଇତିହାସରେ ଭଣଜା, ଭାଣିଜୀଙ୍କୁ ଈଶ୍ୱରସମାନ ବିବେଚନା କରାଯାଏ । ତାଙ୍କ ପାଦ ଧୋଇ ପାଦୁକା ଭାବେ ପିଆଯାଏ । କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ମା' କିମ୍ବା ଭଣଜା, ଭାଣିଜୀଙ୍କୁ କେହି ପର ବୋଲି ବିବେଚନା କରି ନଥାନ୍ତି । ଭଣଜା, ଭାଣିଜୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପର ବୋଲି କହିବା କେଉଁଠିକାର ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି ପଦମପୁର ବିଜେଡି ବିଧାୟିକା ବର୍ଷା ସିଂ ବରିହା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ମାମୁଘର ନୂଆପଡ଼ା । ଏଠି ତାଙ୍କୁ ବହୁତ ସ୍ନେହ, ଆଦର ଓ ସମ୍ମାନ ମିଳୁଛି । ନୂଆପଡ଼ାବାସୀ ନିଶ୍ଚିତ ଭାବେ ତାଙ୍କୁ ବହୁଳ ଭୋଟରେ ବିଜୟୀ କରାଇବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି । ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ "ବାପ ଘର ପର, ମାମୁଁ ଘର ସାତପର' ମନ୍ତବ୍ୟକୁ କଡ଼ା ଜବାବ ଦେଇ ଶ୍ରୀମତୀ ବରିହା ଏହା କହିଛନ୍ତି । ବର୍ଷା ଆହୁରି କହିଥିଲେ, ଶ୍ରୀମତୀ ପରିଡ଼ାଙ୍କ ପରମ୍ପରା, ସଂସ୍କୃତି ସେମିତି ହୋଇପାରେ । କିନ୍ତୁ ଏଠାକାର ଲୋକେ ତାଙ୍କର ଏପରି ମନ୍ତବ୍ୟକୁ କେବେ ଗ୍ରହଣ କରିବେ ନାହିଁ । ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ମନ୍ତବ୍ୟ ।

# ପିଣ୍ଟୁଙ୍କ ପାଇଁ ଜିଲ୍ଲାର ସବୁ ଜେଲ୍ ଅସୁରକ୍ଷିତ!

- ବ୍ରହ୍ମପୁର, ଭଞ୍ଜନଗର ଜେଲ୍ କର୍ତ୍ତୃପକ୍ଷଙ୍କ ଅସହାୟତା
- ବ୍ରହ୍ମପୁର ଜେଲ୍‌ରେ ରଖିବାକୁ ଯୁକ୍ତିକଲେ ପିଣ୍ଟୁଙ୍କ ଓକିଲ
- ୨୯ରେ କଡ଼ା ସୁରକ୍ଷାରେ ଯିବେ ଫୁଲବାଣୀ ଜେଲ୍



ବ୍ରହ୍ମପୁର, ୨୭ ।୧୦ (ସମିସ): ଜେଲ୍ ଆଉ ସୁରକ୍ଷିତ ନୁହେଁ । ଅଭିଯୁକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିପାରୁନାହାନ୍ତି କର୍ତ୍ତୃପକ୍ଷ । ତେଣୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରୁଛନ୍ତି । ଏଭଳି ଘଟଣା ଏବେ ଦେଖିବାକୁ ମିଳିଛି ବ୍ରହ୍ମପୁରରେ । ବିଭିନ୍ନ କାରଣ ଦର୍ଶାଇ ଜେଲ କର୍ତ୍ତୃପକ୍ଷ ନିଜଆଡୁ ପିଣ୍ଟୁ ଦାଶଙ୍କ ଭଳି ଜଣେ ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିବାକୁ ମନା କରିବା ପରେ ଏହା ସ୍ପଷ୍ଟ ବାରି ହୋଇପଡ଼ିଛି । ଜେଲ୍ କର୍ତ୍ତୃପକ୍ଷ ନିଜଆଡୁ ଜଣେ ଅପରାଧୀଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଆରମ୍ଭରୁ ହିଁ ନିଜର ଅସହାୟତା ପ୍ରକାଶ କରି ହାତ ଟେକିଦେବା ଘଟଣା ଜେଲର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖାଯାଇଛି । କିନ୍ତୁ ସେଠାରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବ୍ରହ୍ମପୁର ଜେଲ୍ କର୍ତ୍ତୃପକ୍ଷ କୋର୍ଟକୁ ଅବଗତ କରାଇଥିଲେ । ପିଣ୍ଟୁଙ୍କୁ ଜିଲ୍ଲା ବାହାରକୁ ଅର୍ଥାତ୍ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ଫୁଲବାଣୀ ଜେଲ୍‌କୁ ପିଣ୍ଟୁଙ୍କୁ ସ୍ଥାନାନ୍ତର କଥା ଜାଣି ପିଣ୍ଟୁଙ୍କ ପରିବାର ପକ୍ଷରୁ ପ୍ରତିବାଦ କରାଯାଇଥିଲା । ତାଙ୍କୁ ଫୁଲବାଣୀ ପରିବର୍ତ୍ତେ ବ୍ରହ୍ମପୁର ଆଖପାଖର କୌଣସି ଜେଲକୁ ସ୍ଥାନାନ୍ତର କରାଯାଉ ବୋଲି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ନିବେଦନ କରିଥିଲେ ।

ପିଣ୍ଟୁଙ୍କ ନାମରେ ପୂର୍ବରୁ ୩୮ଟି ଅପରାଧିକ ମାମଲା ରହିଥିବା ବେଳେ ସେଗୁଡ଼ିକର ବିଚାରଣା ବ୍ରହ୍ମପୁରର ବିଭିନ୍ନ କୋର୍ଟରେ ଜାରି ରହିଛି । ସେହିଭଳି ତାଙ୍କର ସ୍ୱାସ୍ଥ୍ୟଗତ କାରଣ ଥିବା ଦର୍ଶାଇଥିଲେ । ଫଳରେ ପିଣ୍ଟୁଙ୍କୁ ଭଞ୍ଜନଗର କିମ୍ବା ଆସିକା ସ୍ୱତନ୍ତ୍ର ଜେଲକୁ ସ୍ଥାନାନ୍ତର ପାଇଁ ଚିନ୍ତା କରାଯାଇଥିଲା । ତେବେ ସୋମବାର ଭଞ୍ଜନଗର ଜେଲ କର୍ତ୍ତୃପକ୍ଷ ପିଣ୍ଟୁଙ୍କୁ ରଖିବାକୁ ଅସହାୟତା ପ୍ରକାଶ କରିଛନ୍ତି । ଫଳରେ ଉଭୟ ବ୍ରହ୍ମପୁର ଓ ଭଞ୍ଜନଗର ଜେଲରେ ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ଥିବା ଓ ତାଙ୍କୁ ସୁରକ୍ଷା ଦେବାରେ କର୍ତ୍ତୃପକ୍ଷ ଅସହାୟତା ପ୍ରକାଶ କରିଥିବା ପିଣ୍ଟୁଙ୍କ ଓକିଲ ଶିବନାରାୟଣ ସାହୁଙ୍କଠାରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ, ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଣ୍ଟୁଙ୍କ ଓକିଲ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ହିଁ ରଖିବାକୁ ଯୁକ୍ତି ବାଢ଼ିଥିଲେ । ପିଣ୍ଟୁ ଦାଶ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଭଳି ସଙ୍ଗୀନ ମାମଲାରେ ଗିରଫ ହୋଇଥିବାରୁ ତାଙ୍କୁ ଛତ୍ରପୁର, କୋଦଳା କିମ୍ବା ଦିଗପହଣ୍ଡି ଭଳି କୌଣସି ଉପକାରାଗାର ବା ସବ୍ ଜେଲରେ ରଖାଯାଇପାରିବ ନାହିଁ । ତାଙ୍କୁ ନିୟମ ପ୍ରକାରେ ମଣ୍ଡଳ କାରାଗାର ଅଥବା ସ୍ୱତନ୍ତ୍ର କାରାଗାରରେ ହିଁ ରଖାଯାଇପାରିବ । ସେପଟେ ଜିଲ୍ଲାରେ ବ୍ରହ୍ମପୁରରେ କେବଳ ଗୋଟିଏ ମଣ୍ଡଳ କାରାଗାର ଥିବା ବେଳେ ଆସିକା ଓ ଭଞ୍ଜନଗରରେ ଦୁଇଟି ସ୍ୱତନ୍ତ୍ର କାରାଗାର ରହିଛି । ହେଲେ ଭଞ୍ଜନଗର ଜେଲରେ ଦୁର୍ଦ୍ଦାନ୍ତ ତଥା ପିଣ୍ଟୁଙ୍କ ଶତ୍ରୁ ଗୋଷ୍ଠୀର ଅପରାଧୀ ଥିବାରୁ ପିଣ୍ଟୁଙ୍କୁ ସୁରକ୍ଷା ଯୋଗାଇବା ସମ୍ଭବପର ନୁହେଁ ବୋଲି ଜେଲ କର୍ତ୍ତୃପକ୍ଷ ଦର୍ଶାଇଥିବା ଆଇନଜୀବୀ ଶିବ ନାରାୟଣ ସାହୁଙ୍କଠାରୁ ସୂଚନା ମିଳିଛି । ସେହିଭଳି ଆସିକା ଜେଲରେ ମଧ୍ୟ କଏଦୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ସେଠାରେ ମଧ୍ୟ ସମାନ ସ୍ଥିତି । ଏଭଳି ସ୍ଥିତିରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଆସନ୍ତା ୨୯ ତାରିଖରେ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**NOTICE OF 114 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 114th Annual General Meeting of The Bisra Stone Lime Company Limited through video conferencing/ other audio visual means.

In this regards Notice is hereby given that the 114th Annual General Meeting (AGM) of The Bisra Stone Lime Company Limited (the 'Company') will be held on Tuesday, 18th November, 2025 at 12:00 Noon IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 114th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 114th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 114th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 114th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 114th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

## ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

ବୃଷ: ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

ମିଥୁନ: ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

କର୍କଟ: ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

ସିଂହ: ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

କନ୍ୟା: ଅନ୍ୟମାନଙ୍କ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ବିଛା: ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

ଧନୁ: ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ଆଶାଜନକ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

ମୀନ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା।
- ୨୦୦୯- ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ।

## ବାରମ୍ବାର ଖାଦ୍ୟ ଗରମ
# ବଢ଼ାଏ କର୍କଟ ଆଶଙ୍କା



ଗରମ ଗରମ ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଥଣ୍ଡା ହୋଇଗଲା ପରେ ବି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଥିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ପକାଏ ତାହା ନୁହେଁ, ବରଂ ଶରୀରରେ ବିଷାକ୍ତ ପଦାର୍ଥ ଜମା କରି ଗମ୍ଭୀର ରୋଗର କାରଣ ସାଜେ। ଆୟୁର୍ବେଦ ଅନୁସାରେ, ବାରମ୍ବାର ଗରମ କରାଯାଉଥିବା ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ମିଳେନାହିଁ। ଏଭଳି ଖାଦ୍ୟ ଭଲ ଭାବେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିବା ସହ ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ରନ୍ଧା ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ତାପମାତ୍ରା ପାଖାପାଖି ୭୦ ଡିଗ୍ରୀ ସେଲିସିୟସ୍ ଥିବା ଦରକାର, ଯଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟକାରକ ରସାୟନ ସୃଷ୍ଟି ହୋଇଥାଏ। ଅଣ୍ଡା ଓ ଚିକେନ୍‌କୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ପ୍ରୋଟିନ୍ ସନ୍ତୁଳନ ବିଗିଡ଼ିଯାଏ, ଫଳରେ ଏହା ହଜମ ହେବା କଷ୍ଟକର ହୋଇ ପଡ଼େ। ସେହିଭଳି ରନ୍ଧା ଯାଇଥିବା ଭାତ ଓ ପାସ୍ତାରେ ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଫୁଡ୍ ପଏଜନିଂ ହେବା ଆଶଙ୍କା ବୃଦ୍ଧି ପାଏ। ଆଳୁ, ବ୍ରେଡ୍, ଛଣାଛଣି ଖାଦ୍ୟଗୁଡ଼ିକୁ ଗରମ କରିବା ଦ୍ୱାରା ଏକ୍ରିଲାମାଇଡ୍ ନାମକ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏଭଳି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଉଭୟ ଆୟୁର୍ବେଦ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

## ୧୨ ଡିସେମ୍ବରରେ
# ‘କିସ୍ କିସ୍ କୋ ପ୍ୟାର୍ କରୁଁ ୨’



କମେଡି କିଙ୍ଗ୍ କପିଲ ଶର୍ମାଙ୍କ ଫିଲ୍ମ ‘କିସ୍ କିସ୍ କୋ ପ୍ୟାର୍ କରୁଁ ୨’ର ରିଲିଜ୍ ଡେଟ୍ ଘୋଷଣା ହୋଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କପିଲଙ୍କ ପତ୍ନୀ ଭୂମିକାରେ ଦେଖାଯାଇଥିବା ଚାରିଜଣ ହିରୋଇନ୍‌ଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ୨୦୧୫ରେ ଆସିଥିବା କପିଲଙ୍କ ଫିଲ୍ମ ‘କିସ୍ କିସ୍ କୋ ପ୍ୟାର କରୁଁ’ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ ୧୦ ବର୍ଷ ପରେ ଏହାର ସିକ୍ୱେଲ ଆସିବ। କିଛି ଦିନ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍ ଜାରି କରିଥିଲେ। ଆଉ ଏବେ କପିଲ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମୋସନ୍ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟର୍‌ରେ ଚାରିଜଣ କନିଆ ତାଙ୍କୁ ପାଲିଙ୍କିରେ ଉଠାଇଥିବାର ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୨ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ ‘ଫୁକ୍‌ରେ’ ଫେମ୍ ମନଜୋତ ସିଂହ, ଆଏଶା ଖାନ, ହୀରା ବରିନା, ପାରୁଲ ଗୁଲାଟି, ତ୍ରିଧା ଚୌଧୁରୀ ନଜର ଆସିବେ। ଏଥିରେ କପିଲ୍ ବିଭିନ୍ନ ଧର୍ମର ଚାରିଜଣ ମହିଳାଙ୍କୁ ବିବାହ କରିଥିବାର ଦେଖାଯିବେ।

## ପ୍ରତି ୫ ଗ୍ରାମ ପ୍ଲାଷ୍ଟିକ୍ ଖାଉଛନ୍ତି ସପ୍ତାହରେ

ବର୍ତ୍ତମାନ ପରିବେଶ ଲାଗି ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା ପାଲଟିଛି। ୱାର୍ଲ୍ଡ ୱାଇଡ୍ ଫର୍ ନେଚର୍‌ର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ଖାଇଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ କ୍ରେଡିଟ୍ କାର୍ଡ ଆକୃତିର ପ୍ଲାଷ୍ଟିକ୍ ଖାଇଥାଏ। ଅନ୍ୟପଟେ ପ୍ଲାଷ୍ଟିକ୍ କଣିକା କେତେବେଳେ ପାଣିବୋତଲରେ ତ ଆଉ କେତେବେଳେ ଏହା ପ୍ରଦୂଷିତ ବାୟୁରେ ମିଳିଥାଏ। ସେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ଲାଷ୍ଟିକ୍ ଏବଂ ବର୍ଷକରେ ୨୫୦ ଗ୍ରାମ୍ ପ୍ଲାଷ୍ଟିକ୍ ଜମା ହୁଏ। ଫଳରେ ସମୟ ସହିତ ଏବଂ ଟେକ୍ନୋଲୋଜିର ବିକାଶ ଘଟିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଯୋଗୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ତାହା ନୁହେଁ, ବରଂ କର୍କଟ ଭଳି ମାରାତ୍ମକ ରୋଗ ହେବା ଆଶଙ୍କା ବୃଦ୍ଧି ପାଏ। ଯଦି



ପ୍ଲାଷ୍ଟିକ୍ ପରିବେଶ ବା ମାଟିରେ ବିଘଟନ ହେଉ ନାହିଁ, ତେବେ ଶରୀରରେ ଏହା କିଭଳି ବିଘଟନ ହେବ ସେକଥା ଚିନ୍ତା କରିବା ଦରକାର। ତେଣୁ ମାରାତ୍ମକ ରସାୟନ ଏବଂ ପାର୍ଟିକଲରେ ତିଆରି ପ୍ଲାଷ୍ଟିକ୍ କେଉଁ ଭଳି ଭାବେ କ୍ଷତି ପହଞ୍ଚାଇପାରେ ଏଥିରୁ ଅନୁମାନ କରି ହେଉଛି। ଏହାବାଦ୍ ପ୍ଲାଷ୍ଟିକ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅତ୍ୟନ୍ତ ବିଷାକ୍ତ। ରକ୍ତହୀନତା, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବଡ଼ ବଡ଼ ରୋଗ ପ୍ଲାଷ୍ଟିକ୍ ଯୋଗୁଁ ହୋଇପାରେ। ଅନ୍ୟପଟେ ଏହି ରୋଗ ମଣିଷ ଶରୀରକୁ ପୂରା ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।

# ସୁବର୍ଣ୍ଣା

## ଅର୍ଥନୈତିକ ବିକାଶ ପଥେ
# ଆଖଣ୍ଡଳମଣି ଏଫ୍‌ପିଓ

**କୃଷକଙ୍କ ଆୟ ବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ସାମୂହିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ପଥ ଦେବାର ଅନନ୍ୟ ଭୂମିକା ତୁଲାଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୨୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।**



ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଡାଲି, ପନିପରିବା, କୁକୁଡ଼ା ପାଳନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବିକାଶ ସହିତ ସଦସ୍ୟଙ୍କ ଜୀବନକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇପାରିଛି। କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ, ଏନ୍‌ଏଫ୍‌ଏସ୍‌ଏମ୍, ସେଲକୋ ଫାଉଣ୍ଡେସନ୍ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଡାଲିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାରେ ଆଗଭର ହୋଇପଡ଼ିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ‘ସେଣ୍ଟର ଅଫ୍ ଏକ୍ସଲେନ୍ସ’ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି ସଂଗଠନ ଚାଷରେ ରୋଗ ପୋକ, ଉଚିତ ମୂଲ୍ୟର ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରିଛି। ଏହାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କର୍ମଶାଳା, ଶିକ୍ଷାମୂଳକ ପରିଭ୍ରମଣ, କୁକୁଡା ପାଳନ ପାଇଁ ପଶୁ ଚିକିତ୍ସା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧିକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଯୋଜନା ଏବଂ ଋଣ ସୁବିଧା ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଦିଗରେ ପଦକ୍ଷେପ, ପ୍ରକ୍ରିୟାକରଣ ୟୁନିଟ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗୀକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।

# ଆଳୁଲଗା ଯନ୍ତ୍ର

ଆମ ରାଜ୍ୟରେ ହାତଗଣତି ଚାଷୀ ଆଳୁ ଚାଷ କରନ୍ତି। ଅଧିକ ଉର୍ବରଯୁକ୍ତ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଋତୁରେ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତଠୁ ନେଇ ବିହନ ଲଗାଇଥାନ୍ତି। ଏକର ଜମିରେ ଆଳୁ ଲଗାଇବାକୁ ୪ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଘଣ୍ଟା ଘଣ୍ଟା ସମୟ ଲାଗେ। ଖର୍ଚ୍ଚ ବଢ଼େ। ହେଲେ ଏବେ ବଜାରରେ ଏକ ଅତ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ବିହନ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମକ ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକର ଜମିରେ ମାତ୍ର ୨୦ରୁ ୩୦ ମିନିଟ୍‌ରେ ବିହନ ବୁଣିପାରେ। ଏହି ଯନ୍ତ୍ର ବିହନ ଲଗାଇବା ସହ ସଠିକ୍ ଦୂରତ୍ୱରେ ବିହନ ପୋତିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟ୍ରାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯନ୍ତ୍ରରେ ଆଳୁ ବିହନକୁ ଟାଙ୍କିରେ ରଖିବାକୁ ହୁଏ। ତଳପାର୍ଶ୍ୱରୁ ଗୋଟିଏ ଗୋଟିଏ ଗଜାକୁ ସଠିକ୍ ଦୂରତ୍ୱରେ ପକାଇବାକୁ ଯନ୍ତ୍ରଟି ଗାତ ଖୋଳିଥାଏ। ଏଥିପାଇଁ ଯନ୍ତ୍ରରେ ବ୍ଲେଡ ରହିଛି। ତେବେ ଯନ୍ତ୍ରଟି ଖତ ପ୍ରୟୋଗ କରୁପାରୁ ଥିବାରୁ ଫସଲ ସମାନ ଭାବେ ବଢ଼ିଥାଏ।




# ରୋଷେଇ ବର୍ଜ୍ୟରୁ ତରଳ ଔଷଧ

**ଗଛକୁ ପ୍ରାକୃତିକ ଖତ ଦେବାକୁ ଚାହୁଁଥିଲେ ରୋଷେଇଘରୁ ତରଳ ଜୈବିକ ଘୋଳ ପ୍ରସ୍ତୁତ କରିପାରିବେ। ଏହି ଜୈବିକ ଘୋଳରେ ସୂକ୍ଷ୍ମ ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟ ହୁଏ।**



ପରିବା ଧୁଆ ପାଣିରେ ନାନା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଚୋପା ପକାଇ ଅଳ୍ପ ମାଟି ଓ ଗୋବର ପକାଇଲେ ପାଣିରେ ଜୈବିକ ତତ୍ତ୍ୱ ସଢ଼ିଯାଏ। ପୋଷକତତ୍ତ୍ୱ ତରଳି ଯାଏ। ଏହି ପାଣିକୁ ଢାଙ୍କୁଣୀ ଦେଇ ୩ ରୁ ୫ ଦିନ ଘୋଡାଇ ଛାଇ ସ୍ଥାନରେ ରଖି ଦୈନିକ ଗୋଳାଯାଏ। ୪ରୁ ୫ ଦିନ ପରେ ଉକ୍ତ ଘୋଳକୁ ଛାଣି ଏକ ଲିଟର ତରଳ ଖତରେ ୫ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ ଦ୍ୱାରା ଗଛକୁ ପୋଷାକତତ୍ତ୍ୱ ମିଳିଥାଏ। ମାଟିର ଗୁଣବତ୍ତା ବୃଦ୍ଧି କରେ। ତେବେ ତରଳ ଖତକୁ ୭ ଦିନ ମଧ୍ୟରେ ଉପଯୋଗ କରିଦେବା ଭଲ।

# ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



ଜମିରେ ବିହନ ବୁଣିବା ପୂର୍ବରୁ ଚାଷୀଭାଇ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲ୍ୟାବ୍‌କୁ ନେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ବ୍ୟକ୍ତି ନିଜ ହାତରେ ବି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ସନ୍ତୁଳିତ ଆର୍ଦ୍ରତା ଥିଲେ ସୋରିଷ, ଚଣା, ମସୁର, ମଟର ଏବଂ ଗହମ ଆଦି ଚାଷ ପାଇଁ ବୁଣାବୁଣି କରିବାକୁ ଭଲ ସମୟ। ତେଣୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତରେ ମୁଠା କରିବାକୁ ହୁଏ। ଯଦି ମାଟି ହାତ ପାପୁଲିରେ ଲାଗି ଯାଉଥାଏ, ମାଟିରୁ ପାଣି ନ ଗଡ଼େ ତେବେ ଏହା ଆର୍ଦ୍ରତା ଠିକ୍ ଥିବାକୁ ସୂଚାଏ। ସେହିପରି ଚାଷ ଜମିରେ ଚାଲିଲେ ଯଦି ପାଦ ଚିହ୍ନ ପଡୁଛି ହେଲେ ମାଟି ଆପଣଙ୍କ ଜୋତାରେ ଲାଖିଯାଉନାହିଁ, ତେବେ ବୁଣାବୁଣି କାର୍ଯ୍ୟ କରିପାରିବେ। ସଠିକ୍ ସମୟରେ ଫସଲ ବୁଣିଲେ ଉତ୍ପାଦନ ଭଲ ହୁଏ। ଯଦି ଚାହିଁବେ ବଜାରରେ ମାଟିର ଆର୍ଦ୍ରତା ମାପିବା ପାଇଁ ମିଟର ମିଳୁଛି ତାହାକୁ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ
### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡାଇ ସୁରକ୍ଷିତ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବାକୁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ।
- ଅମଳ ଉପଯୋଗୀ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଶୀତଦିନିଆ ପରିବା ଓ ଡାଲିଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। କୀଟନାଶକ ଓ ସାର ପ୍ରୟୋଗ ମଧ୍ୟ ସାମୟିକ ବନ୍ଦ ରଖନ୍ତୁ।
- ଭାରି ବର୍ଷା ଯୋଗୁ ନଇଁ ପଡ଼ିଥିବା ବା ଦୁର୍ବଳ ହୋଇଥିବା କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ବାଉଁଶ ବାନ୍ଧି ଢେରା ଦିଅନ୍ତୁ।
- ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖୁଆଇବା ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟିକାକରଣ କରାନ୍ତୁ।
- ଅଧିକ ବର୍ଷା ଯୋଗୁ ପୋଖରୀରୁ ମାଛ ବାହାରି ନ ଯିବା ପାଇଁ ପୋଖରୀ ହୁଡ଼ାରେ ଜାଲ ଲଗାନ୍ତୁ। ବର୍ଷା ସମୟରେ ପ୍ରାଣୀଙ୍କୁ ଘର ଭିତରେ ରଖନ୍ତୁ। ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବଭୂମା ଦ. ଆଫ୍ରିକା ଅଧିନାୟକ

ଜୋହାନ୍ସବର୍ଗ,୨୭।୧୦(ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ପାକିସ୍ତାନ ସହ ୧-୧ରେ ସିରିଜ୍ ଡ୍ର ରଖିଥିବା ଦକ୍ଷିଣ ଆଫ୍ରିକା ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଛି। ତେମ୍ବା ବଭୂମା ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଏହା ଛଡ଼ା ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିରିଜ୍ ଲାଗି ଦଳରେ ୩ଜଣ ପ୍ରମୁଖ ସ୍ପିନରଙ୍କୁ ସାମିଲ କରାଯାଇଛି। ବାମହାତୀ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରନ ମୁଥୁସ୍ୱାମୀଙ୍କୁ ଦଳରେ ସାମିଲ କରିଛି। ଫାଷ୍ଟ ବୋଲର କାଗିସୋ ରାବାଡା, କର୍ବିନ ବୋଷ୍ଟ, ମାର୍କୋ ଜାନ୍‌ସେନ ରହିଛନ୍ତି।ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କୋଲକାତାରେ ନଭେମ୍ବର ୧୪ରୁ ଆରମ୍ଭ ହେବ। ଏହା ପରେ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳାଯିବ। ଏହା ପରେ ଭାରତ ସହ ନଭେମ୍ବର ୩୦ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଡିସେମ୍ବର ୯ ରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାର୍କରମ, ରିୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଏଲ ଭେରିନ୍, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟୋନି ଡି ଜୋର୍ଜି, କର୍ବିନ ବୋଷ୍ଟ, ୱିଆନ ମୁଲ୍ଡର, ମାର୍କୋ ଜାନ୍‌ସେନ, କାଗିସୋ ରାବାଡା, କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର।

### ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି

## ରୌପ୍ୟ ବିଜୟୀ ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୨୭।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଉଦ୍‌ଯାପିତ ହୋଇଯାଇଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସଅପ୍ ହୋଇଛି। ଫାଇନାଲରେ କାଜାଖସ୍ତାନ ୨୭-୦ ସ୍କୋରରେ ଭାରତକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ଏଥିସହ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ଏସିଆ ରଗ୍‌ବୀରେ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।



### ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ

## ନିତା ଫୁଟବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର,୨୭।୧୦(ସମିସ): ଭୁବନେଶ୍ୱରର ନିତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲ ଏକାଡେମୀକୁ ପରାସ୍ତ କରି ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳର ସୋନାଲି ସୋରେନ୍ ଓ ଇପ୍‌ସିତା ରାଉତ ୨ଟି ଲେଖାଏଁଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ମନୀଷା ପାନ୍ନା ଅତିଥିଭାବେ ଯୋଗ ଦେଇ ସୋନାଲିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ମହମ୍ମଦ୍ ସାହିଦ ଜବାର, ଅଶୋକ ମହାନ୍ତି ଓ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ସେମି ପୂର୍ବରୁ ଭାରତକୁ ଝଟ୍‌କା; ପ୍ରତୀକା ବାଦ୍

ନଭି ମୁମ୍ବଇ, ୨୭ ।୧୦ (ଏଜେନ୍ସି)



ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ (୧୩ ପଏଣ୍ଟ), ଇଂଲଣ୍ଡ (୧୧), ଦକ୍ଷିଣ ଆଫ୍ରିକା (୧୦) ଓ ଭାରତ (୭) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଏବଂ ଗୁରୁବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ତେବେ ଦ୍ୱିତୀୟ ସେମିଫାଇନାଲ ପୂର୍ବରୁ ଆୟୋଜକ ଭାରତୀୟ ଦଳକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇନଫର୍ମ ଓପନର୍ ପ୍ରତୀକା ରାୱଲ ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ପ୍ରତୀକାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏପରିକି ଭାରତୀୟ ଇନିଂସରେ ସେ ଆଉ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରତୀକା ନ ଖେଳିବା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ପ୍ରତୀକା ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ରହିଥିଲେ। ୭ଟି ଇନିଂସରେ ସେ ୫୧.୩୩ ହାରରେ ୩୦୮ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨୨ ରନର ଦମ୍‌ଦାର ଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ପ୍ରତୀକା ସାଥୀ ଖେଳାଳି ସ୍ମୃତି ମନ୍ଧାନା (୩୬୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ସହ ପ୍ରତୀକା ବିଶ୍ୱକପ୍‌ରେ ଭାରତକୁ ଏକାଧିକ ମ୍ୟାଚରେ ଉଲ୍ଲେଖନୀୟ ପ୍ରାରମ୍ଭ ଦେଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଭଳି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ସେ ନ ଖେଳିବା ଭାରତ ପାଇଁ ନିଶ୍ଚିତ ମହଙ୍ଗା ସାବ୍ୟସ୍ତ ହେବ। ତାଙ୍କ ସ୍ଥାନର ଶେଫାଳି ବର୍ମାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

## ଆଇସିୟୁରୁ ବାହାରିଲେ ଶ୍ରେୟସ୍



ସିଡନୀ,୨୭।୧୦(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଆହତ ହେବା ପରେ ଏବେ ଅଷ୍ଟ୍ରେଲିଆରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ଧରି ଆଇସିୟୁରେ ରହିବା ପରେ ଆଜି ତାଙ୍କୁ ବାହାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହୋଇଛି ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଶ୍ରେୟସଙ୍କ ପରିବାର ସଦସ୍ୟଙ୍କୁ ଖୁବ୍ ଶୀଘ୍ର ସିଡନୀ ପଠାଇବାର ବ୍ୟବସ୍ଥା ହୋଇଛି। କ୍ୟାଚ୍ ଧରିବାକୁ ଯାଇ ଆଘାତ ପାଇବା ପରେ ତାଙ୍କ ପ୍ଲୀହାରେ କ୍ଷତ ହୋଇଥିବାରୁ ସେ ହସ୍ପିଟାଲରୁ କେବେ ଛାଡ଼ ପାଇବେ କିମ୍ବା ସୁସ୍ଥ ହେବାକୁ କେତେଦିନ ଲାଗିବ ତାହା କହିବା କଷ୍ଟକର। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ପାଖରେ ରହି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ସହ ସିଡ୍‌ନୀରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କ ଏକ କ୍ୟାଚ୍ ଧରିବା ବେଳେ ଅଡୁଆ ସ୍ଥିତିରେ ଶ୍ରେୟସ ପଡ଼ିଯାଇଥିଲେ। କ୍ୟାଚ୍ ଧରିବା ପରେ ପଡ଼ିଆରେ ଯନ୍ତ୍ରଣା ଅନୁଭବ କରିବାକୁ ତାଙ୍କୁ ବାହାରକୁ ନିଆଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ପଞ୍ଜରା ହାଡ଼ରେ ଆଘାତ ଲାଗିଛି ବୋଲି ଆଶଙ୍କା କରାଯାଉଥିଲା। ବିସିସିଆଇ ମେଡିକାଲ ଟିମ୍ କୌଣସି ରିସ୍କ ନ ନେଇ ତାଙ୍କୁ ଶ୍ରୀଘ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍କାନ୍‌ରୁ ଦେହ ଭିତ (ପ୍ଲୀହା)ରେ ରକ୍ତସ୍ରାବ ହେଉଥିବା ଜଣାଯାଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ରଖାଯାଇଥିଲା। ତୃତୀୟ ଦିନିକିଆରେ ରୋହିତ ଶର୍ମା- ବିରାଟ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହା ପରେ ଭାରତୀୟ ଦଳ ବୁଧବାର ଟି-୨୦ ମ୍ୟାଚ୍ ଖେଳିବାକୁ କାନବେରା ଯାଇଛନ୍ତି। କିନ୍ତୁ ଆୟର ମେଡିକାଲରେ ଅଛନ୍ତି। ସେ କେବଳ ଦିନିକିଆ ଫର୍ମାଟ ଲାଗି ମନୋନୀତ ହେଉଥିବାରୁ ଦକ୍ଷିଣ ଆଫ୍ରିକା ସିରିଜ୍ ତାଙ୍କ ଲାଗି ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ହେବ। ରାଞ୍ଚିରେ ନଭେମ୍ବର ୩୦ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। କିନ୍ତୁ ଏହି ସିରିଜ୍‌ରେ ତାଙ୍କର ଖେଳିବା ଆଶା କମ୍ ବୋଲି କୁହାଯାଉଛି।

### ଦିନକ ପରେ ଟି-୨୦ ସିରିଜ୍

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ଗମ୍ଭୀର

କାନବେରା,୨୭।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। କାନବେରାରେ ବୁଧବାରଠାରୁ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତ ହେଉଥିଲା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନାହାନ୍ତି। ସେ ଖେଳିଥିବା ଗତ ୭ଟି ମ୍ୟାଚ୍‌ରେ ମାତ୍ର ୭୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ସେମାନଙ୍କ ଘରୋଇ ମାଟିରେ ଖେଳିବା ବିଶ୍ୱ ଚାମ୍ପିଅନ ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡ଼ା ହୋଇଛି। କିନ୍ତୁ ଏହି ଚ୍ୟାଲେଞ୍ଜ କିମ୍ବା ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ହେଡ୍ କୋଚ୍ ଗୌତମ ଗମ୍ଭୀର। ତାଙ୍କ ମତରେ ଭାରତ ଏବେ ଆକ୍ରମଣାତ୍ମକ ବ୍ରାଣ୍ଡ (ଅଲଟ୍ରା ଆଗ୍ରେସିଭ୍)ର କ୍ରିକେଟ ଖେଳୁଛି। ଏହା ଆମ ଯୋଜନାରେ ରହିଛି। ଏଥିରେ ଜଣେ ବ୍ୟାଟର ଫେଲ ହେଲେ କିଛି ଫରକ ପଡ଼ିବ ନାହିଁ। ଯୁବ ଖେଳାଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଭଲ ଫର୍ମରେ ଅଛନ୍ତି। ଦଳର ରଣନୀତି ଅନୁଯାୟୀ ସମସ୍ତେ ଖେଳୁଛନ୍ତି। ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିଅନ ହୋଇଛି। ଏଣୁ ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ବଦ୍ଧ ପରିକର ଅଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାରଙ୍କ ଫର୍ମ ହରାଇବା ଆମକୁ ଅଡୁଆ ସ୍ଥିତିରେ ପକାଇବ ନାହିଁ ବୋଲି ଗମ୍ଭୀର ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏପରି ଖେଳିବାବେଳେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଜଣେ ଖେଳାଳି ଫେଲ୍ ମାରିଲେ, ତାହା କିଛି ପ୍ରଭାବ ପକାଇବ ନାହିଁ। ସୂର୍ଯ୍ୟ ଯଦି ୩୦ ବଲ୍‌ରେ ୪୦ ରନ୍ କରି ଆଉଟ ହୁଅନ୍ତି ଏବଂ ଭାରତ ପରାଜିତ ହୋଇଯାଏ, ତେବେ ତାହା ଦଳର ରଣନୀତି ବିଫଳ ହେଲା ବୋଲି କୁହାଯିବ। ଖେଳାଳିମାନେ ଯେପରି ସାହସିକ କ୍ରିକେଟ ଖେଳୁଛନ୍ତି ତାହା ବେଶ ଉତ୍ସାହଜନକ। ସୂର୍ଯ୍ୟ ରିଦିମକୁ ଫେରିବା ଲାଗି ଗୋଟିଏ ବଡ଼ ଇନିଂସର ଆବଶ୍ୟକତା ରହିଛି। ମୁଁ ଆଶା କରୁଛି ଅଷ୍ଟ୍ରେଲିଆରେ ସେ ଏପରି ଏକ ବଡ଼ ଇନିଂସ ଖେଳିବେ ବୋଲି ଗମ୍ଭୀର କହିଛନ୍ତି।





## ଆହତ ଲାଗି ୨୦୨୫ରେ ଆଉ ଖେଳିବେନି ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଆଘାତଜନିତ ସମସ୍ୟା ଲାଗି ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ସିଜନର ବଳକା ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୟୁରୋପିଆନ୍ ଲେଗ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ସିନ୍ଧୁଙ୍କୁ ପାଦରେ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶ ପରେ ୩୦ ବର୍ଷୀୟା ଏହି ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଚଳିତ ସିଜନରେ ଆଉ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁଙ୍କ ପାଇଁ ଚଳିତ ବର୍ଷ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାସନାଲ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। ଯାହାକି ତାଙ୍କର ଶେଷ ଅନ୍ତର୍ଜାତୀୟ ଟ୍ରଫି ଥିଲା।

### ରାଜ୍ୟ ପାରା ସନ୍ତରଣ ଉଦ୍‌ଯାପିତ

## ମୋନାଲି, କବିତାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍‌ସେଣ୍ଟରପରିସରରେସୋମବାରଉଦ୍‌ଯାପିତ ହୋଇଯାଇଛି।ଅକ୍ଟୋବର ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୪୦ ଜଣ ପାରାସନ୍ତରଣକାରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରୁ ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ୧୮ ତାରିଖଯାଏ ହେବାକୁ ଥିବା ଜାତୀୟ ପାରାସନ୍ତରଣ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ। ପୁରୁଷ ବିଭାଗରେ ବଲାଙ୍ଗିରର ମୋହନ ମାଝୀ ଓ ନୂଆପଡ଼ାର ଆକାଶ ବନଛୋର ୩ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ାର ମୋନାଲି ସ୍ୱାଇଁ ଓ ଗଞ୍ଜାମର କବିତା ଦଳାଇ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଓ ଆୟୋଜକ ଓଡ଼ିଶା ପାରା ଆଥଲେଟିକ ଆସୋସିଏସନ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ସବ୍‌ଜୁନିୟର ବାଳକ ଫୁଟବଲ

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୨୭।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ମିଜୋରାମ ୧୩-୦ ଗୋଲରେ ଓଡ଼ିଶାକୁ ହରାଇଛି। ପ୍ରଥମାର୍ଦ୍ଧରେ ୬ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ମିଜୋରାମ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳର ଏଲ ଜାସନ ୪ଟି, ଅଧିନାୟକ ଏଲ ବର୍ଣ୍ଣାଡ ୩ଟି ଗୋଲ ଦେଇଥିଲେ। ସତ୍ୟଜିତ ସିଂହଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆସନ୍ତା ୨୯ରେ ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଚାମ୍ପିଅନ ଟାଇଟନ୍ସକୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର




ଭୁବନେଶ୍ୱର,୨୭।୧୦(ସମିସ): ରାଜଧାନୀ ଉପକଣ୍ଠସ୍ଥ ଘାଟିକିଆ ହାଇସ୍କୁଲ ପଡ଼ିଆରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଇଟନ୍ସ ଚାମ୍ପିଅନ ଓ ସିଡିଏ ଲାୟନ୍ସ ରନର୍ସ ଅପ୍ ହୋଇଛନ୍ତି। ଚାମ୍ପିଅନ ଦଳକୁ ଦେଢ଼ (୧.୫) ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୮୦,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟଅତିଥି, ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ରନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

### ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି

# ଭଲ ସ୍ଥିତିରେ ଉତ୍ତରପ୍ରଦେଶ

କଟକ,୨୭।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ଉତ୍ତରପ୍ରଦେଶ ଦଳ ଭଲ ସ୍ଥିତିରେ ରହିଛି। ପ୍ରଥମ ପାଳିରେ୩୭ ରନର ଅଗ୍ରଣୀ ହାସଲ କରି ସାରିଥିବା ଉତ୍ତରପ୍ରଦେଶ ହାତରେ ଆହୁରି ୪ଟି ୱିକେଟ ବାକି ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ। ଏଣୁ ପରାଜୟଆଶାକୁ ଏଡାଇ ମ୍ୟାଚ୍ ଡ୍ର ରଖି ୧ ପଏଣ୍ଟ ହାତେଇବାକୁ ଓଡ଼ିଶା ଉଦ୍ୟମ କରିବ ବୋଲି ଅନୁମାନ କରାଯାଉଛି।

**କରନ, ଆରାଧ୍ୟଙ୍କ ଶତକ**

ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଥିଲା। ଅଧିନାୟକ କରନ ଶର୍ମା ୮୩ରନ ଏବଂ ଆରାଧ୍ୟ ଯାଦବ ୮୦ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଏଠାରେ ଶତକୀୟ ପାଳି ଖେଳି ଦଳ ପାଇଁ ୩ ପଏଣ୍ଟ ନିଶ୍ଚିତ କରିଥିଲେ। କରନ ୧୨୧ରନ କରିଥିବା ବେଳେ ସ୍ପିନର ବାଦଲ ବିଶ୍ୱାଳଙ୍କ ଶିକାର ହୋଇଥିଲେ। ଆରାଧ୍ୟା ୧୦୧ରନରେ ରିଟାୟର୍ଡ ହର୍ଟ ହୋଇ କ୍ରିଜ ଛାଡ଼ିଥିଲେ। ପ୍ରଶାନ୍ତ ବୀର ୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ୩ୟ ଦିବସର ଅନ୍ତିମ ବଲରେ ପ୍ରିୟମ ଗର୍ଗଙ୍କୁ ୩୧ରନରେ ସୁମିତ ଶର୍ମା ଆଉଟ କରି ଦଳ ପାଇଁ ୬ଷ୍ଠ ସଫଳତା ଦେଇଥିଲେ। ବିପରାଜ ନିଗମ ୧୪ରନରେ ଅପରାଜିତ ରହିଛନ୍ତି। ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି। ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ତେବେ ଓଡ଼ିଶାର ପ୍ରମୁଖ ବୋଲରମାନେ ୱିକେଟ ହାସଲ ନକରି ପାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ରାଜେଶ ମହାନ୍ତି ୧୮ ଓଭର, ସୁନୀଲ ରାଉଳ ୧୪ଓଭର, ଗୋବିନ୍ଦ ପୋଦ୍ଦାର ୧୩ ଓଭର ବୋଲିଂ କରିବା ସତ୍ତ୍ୱେ କୌଣସି ସଫଳତା ପାଇ ନାହାନ୍ତି।

## ରଣଜୀ ଟ୍ରଫି: ୧୪୧ ବଲରେ ପୃଥ୍ୱୀଙ୍କ ଦ୍ୱିଶତକ




ଚଣ୍ଡିଗଡ଼, ୨୭ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ମହାରାଷ୍ଟ୍ର ଓପନର୍ ପୃଥ୍ୱୀ ଶ' ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ଘରୋଇ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ପାଳିରେ ପୃଥ୍ୱୀ ୧୫୬ ବଲରେ ଅପରାଜିତ ୨୨୨ ରନ କରିଥିଲେ। ଯେଉଁଥିରେ ୨୯ ଚୌକା ଓ ୫ ଛକା ସାମିଲ ରହିଥିଲା। ପୃଥ୍ୱୀ ୧୪୧ ବଲରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଫଳରେ ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସେ ତୃତୀୟ ଦ୍ରୁତତମ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାଇଦରାବାଦ୍ ଓପନର୍ ତନ୍ମୟ ଅଗ୍ରୱାଲଙ୍କ ନାମରେ ରହିଛି। ଗତବର୍ଷ ତନ୍ମୟ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରବି ଶାସ୍ତ୍ରୀ ରହିଛନ୍ତି। ୧୯୮୫ରେ ବରୋଦା ବିପକ୍ଷ ମ୍ୟାଚରେ ମୁମ୍ବଇ ତାରକା ଶାସ୍ତ୍ରୀ ୧୨୩ ବଲରେ ଦ୍ୱିଶତକ ମାରିଥିଲେ।

## ଭୁବନେଶ୍ୱର-ବି'କୁ ଜିତାଇଲେ ମୃତ୍ୟୁଞ୍ଜୟ



କଟକ,୨୭।୧୦(ସମିସ): ୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ୱିକେଟରେ ସମ୍ବଲପୁର-ବିକୁ ପରାସ୍ତ କରିଛି। ଦଳର ପ୍ରମୁଖ ଅଲରାଉଣ୍ଡର ମୃତ୍ୟୁଞ୍ଜୟ ରାୟ ଲେଗ୍‌ବ୍ରେକ୍ ସ୍ପିନ ଯାଦୁରେ ସମ୍ବଲପୁରର ୪ଟି ୱିକେଟ ଦଖଲ କରିଥିଲେ। ୨୨ରନ ବିନିମୟରେ ମୃତ୍ୟୁଞ୍ଜୟଙ୍କୁ ଏହି ସଫଳତା ମିଳିଥିଲା। ସମ୍ବଲପୁର-ବିର ଇନିଂସ୍ ମାତ୍ର ୬୬ରନରେ ସୀମିତ ରହିବା ପରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### ସିକେ ନାଇଡୁ ଟ୍ରଫି

## ବଡ଼ ଅଗ୍ରଣୀ ଲକ୍ଷ୍ୟରେ ଓଡ଼ିଶା



କଟକ,୨୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀର ନିକଟତର ହୋଇଛି। ଆସାମର ପାଳିକୁ ୨୧୬ ରନରେ ସୀମିତ ରଖିବା ପରେ ଘରୋଇ ଓଡ଼ିଶା ଦଳ ୩ ୱିକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଛି। ଓପନର ଓମ ଟି ମୁଣ୍ଡେ ୮୪ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଅସମାପ୍ତ ପ୍ରଥମ ପାଳି ୨୦୦/୯ରୁ ଆଜି ଆସାମ ବ୍ୟାଟିଂ ଆରମ୍ଭ କରିଥିଲା। ୯୪ରନରେ ଅପରାଜିତ ଥିବା ରାଜବୀର ସିଂହ ୧୦୫ରନ କରି ଆୟୁଷ ବାରିକଙ୍କ ୩ୟ ଶିକାର ପାଲଟିଥିଲେ। ଆସାମର ଇନିଂସ୍ ୨୧୬ରନରେ ପରିସମାପ୍ତି ଘଟିଥିଲା। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓମ୍ ଏବଂ ପାନକଲ ଶଶାଙ୍କ ଓପନିଂ ଯୋଡ଼ିରେ ୧୦୩ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଶଶାଙ୍କ ୪୮ରନ, ଓମ୍ ୮୪ରନରେ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧ରନରେ ଆଉଟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS